CMYK

- Vol.- 46, Issue No. 80
- Saturday,20 June 2026
- ଶନିବାର,୨୦ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

15001/76/2627



ବିକାଶର ଧାରା
ଓଡ଼ିଶା ସାରା





₹୪୭,୬୦୦ କୋଟିର
ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟ ଅତିଥି
ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ମାନ୍ୟବର ରାଷ୍ଟ୍ରପତି

ଗରିମାମୟ ଉପସ୍ଥିତି
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଡ. ହରି ବାବୁ କମ୍ଭମପାଟି
ରାଜ୍ୟପାଳ, ଓଡ଼ିଶା

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକାଗଣ

ଲୋକାର୍ପଣ
₹୮୧୧ କୋଟିର ରାସ୍ତା ଓ ସେତୁ
₹୫୩୦ କୋଟିର
ସୁଦୃଢ଼ ପରିବହନ ଓ ଗମନାଗମନ
ବ୍ୟବସ୍ଥା
ସୁରକ୍ଷିତ ସଡ଼କ, ସ୍ମାର୍ଟ ପରିବହନ ଓ
ଉନ୍ନତ ଜନସେବା ଦିଗରେ ଆଉ ଏକ ପଦକ୍ଷେପ
ଅନ୍ୟାନ୍ୟ ପ୍ରକଳ୍ପ ₹୩,୨୧୮ କୋଟି

ଭିତ୍ତିପ୍ରସ୍ତର ସ୍ଥାପନ
₹୨୫ ହଜାର କୋଟିର 'ବିସିଜିସିଏଲ୍ କୋଲ୍
ଗ୍ୟାସିଫିକେସନ ପ୍ରକଳ୍ପ'
₹୧୭,୧୧୭ କୋଟିର
ଉନ୍ନତ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି
ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବୃଦ୍ଧି
ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିର ହେବ ବିକାଶ
ଅନ୍ୟାନ୍ୟ ପ୍ରକଳ୍ପ ₹୯୨୭ କୋଟି

ରେଳ ପ୍ରକଳ୍ପ ଲୋକାର୍ପଣ
- ହିନ୍ଦୋଳ - ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ
- ଯଖପୁରା- ଯାଜପୁର କେନ୍ଦୁଝର ରୋଡ୍ - ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ

ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ସହିତ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ

୨୦ ଜୁନ୍ ୨୦୨୬ | ମଧ୍ୟାହ୍ନ ୧୨:୧୫ | ରାଇରଙ୍ଗପୁର, ମୟୂରଭଞ୍ଜ

OIPR-15001/15001/2/26-27/0076

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

CMYK

## ସଂସ୍କୃତିର ଇନ୍ଦ୍ରଧନୁ : ଶୀତଳଷଷ୍ଠୀ

# ମଣିଷ ଓ ଦେବତାଙ୍କ ମହାମିଳନ



**ସମ୍ବଲପୁରରେ ଶୀତଳଷଷ୍ଠୀ ଯାତ୍ରା କେବେଠାରୁ ଆରମ୍ଭ ହୋଇଛି ଏବଂ କିଏ ପ୍ରଥମେ ଆରମ୍ଭ କରିଥିଲେ ସେ ସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ଲେଖା ଓ ଇତିହାସ ନାହିଁ । ତେବେ ଏହାକୁ ନେଇ ଅନେକ କିମ୍ବଦନ୍ତୀ ରହିଛି ।**

ସମ୍ବଲପୁରରେ ଶୀତଳଷଷ୍ଠୀ ଯାତ୍ରା କେବେଠାରୁ ଆରମ୍ଭ ହୋଇଛି ଏବଂ କିଏ ପ୍ରଥମେ ଆରମ୍ଭ କରିଥିଲେ ସେ ସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ଲେଖା ଓ ଇତିହାସ ନାହିଁ । ତେବେ ଏହାକୁ ନେଇ ଅନେକ କିମ୍ବଦନ୍ତୀ ରହିଛି । ଲୋକମାନଙ୍କ କହିବା ଅନୁସାରେ ଓ ଜନଶ୍ରୁତିରୁ ଶୁଣିବାକୁ ମିଳେ ; ଚୈହାନ ବଂଶର ରାଜାମାନେ ଶିବ ଓ ଶକ୍ତିଙ୍କର ଉପାସନା କରୁଥିଲେ । ସେବେଠାରୁ ଶୀତଳଷଷ୍ଠୀ ଯାତ୍ରା ହେଉଥିବାର ଅନୁମାନ କରାଯାଉଛି । ପ୍ରାୟ ୫ଶହ ବର୍ଷ ପୂର୍ବେ ପୁରୀ ଅଞ୍ଚଳରୁ ଆସି ଏଠାରେ ରହୁଥିବା ବ୍ରାହ୍ମଣମାନେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଏହି ବିବାହ ଉତ୍ସବ ଶୀତଳଷଷ୍ଠୀ ଭାବେ ବେଶ୍ ଲୋକପ୍ରିୟ ହୋଇଥିଲା । ସମ୍ପ୍ରତି ସହରର ନନ୍ଦପଡା ଭଳି ଝାଡୁଆପଡା , ମୁଦିପଡା , ବାଲିବନ୍ଧା, ବଡ଼ବଜାର , ଠାକୁର ପଡା , ଦୁର୍ଗାପାଲି , ବୁଢ଼ାରଜା



ଓ ସିନ୍ଦୂରପଙ୍କ ଭଳି ସହରର ବହୁ ସ୍ଥାନରେ ଶୀତଳଷଷ୍ଠୀ ଯାତ୍ରା ଖୁବ୍ ଧୁମଧାମରେ ପାଳିତ ହେଉଛି । ପତରପେଣ୍ଡିଠାରୁ ଶୀତଳଷଷ୍ଠୀ ଉତ୍ସବର ଶୁଭାରମ୍ଭ ହୋଇ , ତତ୍ ପରଦିନ ଦେବ ନିମନ୍ତ୍ରଣ, ଚତୁର୍ଥୀତିଥିରେ ସମସ୍ତ ମନ୍ଦିରରୁ ଦେବାଧିଦେବଙ୍କ ବରଯାତ୍ରା, ପରଦିନ କନ୍ୟାପିତାଙ୍କ ଗୃହରେ ରାତ୍ରିରେ ବିବାହୋତ୍ସବ ଏବଂ ତା'ପରଦିନ ମଧ୍ୟାହ୍ନରେ ଶିବପାର୍ବତୀ ବାହୁଡା ବରକନ୍ୟାଙ୍କର ଆଡ଼ମ୍ବରପୂର୍ଣ୍ଣ ଦିବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ଓ ମନମୁଗ୍ଧକର । ଶୀତଳଷଷ୍ଠୀ ଏକ ଲୌକିକ ପରମ୍ପରା ଯେଉଁଠାରେ ମଣିଷ ଓ ଦେବତାଙ୍କ ମହାମିଳନ ହୁଏ । ଦେବତା ମଧ୍ୟ ମର୍ତ୍ତ୍ୟରେ ମଣିଷର ଜନଜୀବନ ଅଂଶବିଶେଷ ହୋଇଯାଆନ୍ତି । ଶୀତଳଷଷ୍ଠୀର ପୃଷ୍ଠଭୂମିରେ ରହିଛି ଅନନ୍ୟ ଦାର୍ଶନିକ ତଥା ଆଧ୍ୟାତ୍ମିକ ଚିନ୍ତନ ।

# ଆରଣ୍ୟକ ଶୀତଳଷଷ୍ଠୀ

ଶୀତଳଷଷ୍ଠୀ ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବସିତ । କିନ୍ତୁ ଆମର ଦୈନନ୍ଦିନ ଜୀବନରେ ଯେପରି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍ ସେହିପରି ବୈଦିକ ରୀତିନୀତିରେ ଶିବଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ । ଉତ୍କଳୀୟ ପରମ୍ପରା ଓ ସଂସ୍କୃତିରେ ବିବାହ ଦିନବେଳା ହେବା ସହ ସୂର୍ଯ୍ୟଙ୍କୁ ସାକ୍ଷୀ ରଖାଯାଇଥାଏ । କିନ୍ତୁ ଆରଣ୍ୟକ ପରମ୍ପରାରେ ରାତ୍ରୀକାଳରେ ବିବାହ ହେବା ସହ ଅଗ୍ନିଙ୍କୁ ସାକ୍ଷୀ ରଖାଯାଇଥାଏ । ଉତ୍କଳୀୟ ପରମ୍ପରା ଅନୁସାରେ ବିବାହ ହେଉଥିଲେ ହେଁ ଦେବଦେବ ମହାଦେବ ଓ ଜଗତ ଜନନୀ ମାତା ପାର୍ବତୀଙ୍କ ବିବାହ ରାତ୍ରୀକାଳରେ ହେଉଥିବାରୁ ଏହାକୁ ଆରଣ୍ୟକ ଶୀତଳଷଷ୍ଠୀ କୁହାଯାଏ । ହିନ୍ଦୁ ରୀତିନୀତି ଅନୁସାରେ କନ୍ୟା ଅନ୍ୱେଷଣ , ନିର୍ବନ୍ଧ ଓ ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ , ମହାଆଡ଼ମ୍ବରରେ ବରଯାତ୍ରୀ ଆଗମନ , ବୈଦିକ ରୀତିନୀତିରେ ବେଦିରେ ଦେବଦମ୍ପତିଙ୍କ ବିବାହ, କନ୍ୟା ପିତାମାତାଙ୍କ କନ୍ୟା ଦାନ ଓ ଯାନିଯୌତୁକ ସହିତ କନ୍ୟା ବିଦାୟ ଆଦି କାର୍ଯ୍ୟ ସମ୍ପନ୍ନ କରାଯାଏ । ଓଡ଼ିଶାର ସମ୍ବଲପୁର ଶୀତଳ ଷଷ୍ଠୀରେ ସମ୍ପୂର୍ଣ୍ଣ ଲୋକାଚାରରେ ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହୋତ୍ସବ ଅତ୍ୟନ୍ତ ଆକର୍ଷଣୀୟ । ଅପୂର୍ବ ନୈସର୍ଗିକ ପରିବର୍ତ୍ତିତ ପରିସ୍ଥିତିରେ ସମ୍ବଲପୁରବାସୀ ଦେବ ଦମ୍ପତିଙ୍କୁ ସାଦର ସଭକ୍ତିର ସହ ସ୍ୱାଗତ କରିଥାନ୍ତି । ଦେବଦମ୍ପତିଙ୍କ ଏହି ବିବାହ ଉତ୍ସବ ପ୍ରକ୍ରିୟା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୁଏ । ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ପର୍ଯ୍ୟନ୍ତ ମାସାଧିକ କାଳ ଏହି ଯାତ୍ରା ପାଇଁ ଆୟୋଜନ କରାଯାଏ । ଅକ୍ଷୟ ତୃତୀୟା ଦିନ ଥାଳ ଉଠିବାଠାରୁ ଯାତ୍ରା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଜ୍ୟେଷ୍ଠ ଶୁକ୍ଳପକ୍ଷ ପ୍ରତିପଦା ଦିନ ନନ୍ଦପଡାର ବଂବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତରପେଁଡି ବା ନିର୍ବନ୍ଧ(ପିନ୍ଧାଣି) ଏବଂ ତା'ପରଦିନ ନୃସିଂହ ନିଉତା ବା ଦେବ ନିମନ୍ତ୍ରଣ , ଦେବାଦେବୀଙ୍କ ବିବାହ ପାଇଁ ଅନୁଷ୍ଠିତ ହୋଇଥାଏ । ଝାଡୁଆପଡାର ଲୋକନାଥ ବାବା, ମୁଦିପଡାର ଜାଗେଶ୍ୱରବାବା, ବଡ଼ବଜାରର ଶୀତଳେଶ୍ୱର ବାବା ଏବଂ ଠାକୁରପଡାର ଗୁପ୍ତେଶ୍ୱରବାବାଙ୍କ ତୃତୀୟା ଦିନ ପତରପେଁଡି ଏବଂ ଚତୁର୍ଥୀଦିନ ଗୁଆଗୁଣ୍ଡା ଅନୁଷ୍ଠିତ ହୋଇଥାଏ । ପଞ୍ଚମୀ ତିଥି ରାତିରେ ଶ୍ମଶାନଚାରୀ ଶିବ ବରବେଶ ହୋଇ ବୃଷଭ ଆରୋହଣ କରି ଭବ୍ୟ ଶୋଭାଯାତ୍ରାରେ କନ୍ୟାପିତା ଗୃହକୁ ଗମନ କରନ୍ତି । ତାଙ୍କ ବରଯାତ୍ରୀରେ ଶ୍ମଶାନବାସୀ, ସାକ୍ଷୀ ଗୋପୀନାଥ, ହନୁମାନ, ନୃସିଂହ ଦେବଦେବୀ ସାମିଲ ହୋଇଥାନ୍ତି । ଦେବଦମ୍ପତିଙ୍କ ସମ୍ପୂର୍ଣ୍ଣ ଲୋକାଚାରରେ ସମ୍ପନ୍ନ କରାଯାଉଥିବାରୁ ପ୍ରତିବର୍ଷ ଯାତ୍ରା କମିଟି ପକ୍ଷରୁ କନ୍ୟା ପିତାମାତା ଚୟନ କରାଯାଏ । ଯେଉଁମାନେ କନ୍ୟାପିତାମାତା ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି ସେମାନେ କନ୍ୟା ପାର୍ବତୀଙ୍କୁ ତାଙ୍କ ଘରକୁ ନେଇଥାନ୍ତି । ବିବାହ ପରେ କନ୍ୟାଦାନ ସହିତ ଅଳଙ୍କାର, ବାସନକୁସନ ଅନ୍ୟ ଯାନିଯୌତୁକ ସାଧ୍ୟମତେ ପ୍ରଦାନ କରି ବିଦାୟ ଦେଇଥାନ୍ତି । ନୈସର୍ଗିକ ବିଧିବିଧାନ, ପରମ୍ପରା ଓ ପ୍ରକାରଣରେ ନବଦମ୍ପତିଙ୍କର ବିବାହ ହୋଇଥାଏ । ଏହା ବ୍ୟତୀତ ବର ନିମନ୍ତ୍ରଣ ଓ କନ୍ୟା ବିଦାୟ ଦୃଶ୍ୟ ମଧ୍ୟ ବେଶ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ହୋଇଥାଏ ।



## ସାମାଜିକ ବନ୍ଧନର ସୁଦୃଢ଼ତା

ନନ୍ଦପଡାର ବମ୍ ବରାଡ଼ ବାଲୁଙ୍କେଶ୍ୱର, ଝାଡୁଆପଡାର ଶ୍ରୀଲୋକନାଥ ବାବା, ମୁଦିପଡାର ଶ୍ରୀଜାଗେଶ୍ୱର ବାବା, ବଡ଼ବଜାରର ଶୀତଳେଶ୍ୱର ବାବା, ବାଲିବନ୍ଧର ସୋମନାଥ ବାବା, ଦୁର୍ଗାପାଲିର ଶ୍ରୀଗୁଡେଶ୍ୱର ବାବାଙ୍କ ପ୍ରସିଦ୍ଧ ଶୀତଳଷଷ୍ଠୀ ପର୍ବରେ ସ୍ଥାନୀୟ ତଥା ବହିରାଗତ ଲକ୍ଷ ଲକ୍ଷ ଭକ୍ତଙ୍କର ସମାବେଶରେ ସମ୍ବଲପୁର ଜନାରଣ୍ୟ ହୋଇଉଠେ । ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କଳାକାର ଯୋଗ ଦେଇଥାନ୍ତି ଏବଂ ସଂସ୍କୃତିର ଇନ୍ଦ୍ରଧନୁ ସ୍ପର୍ଶ କରନ୍ତି । ଏହି ସାଂସ୍କୃତିକ ଶୋଭାଯାତ୍ରା ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାର ଅନନ୍ୟ ଓ ବଳିଷ୍ଠ ପରମ୍ପରା । ଶୀତଳଷଷ୍ଠୀ ଯାତ୍ରା ପଶ୍ଚିମ ଓଡ଼ିଶାବାସୀଙ୍କ ନିମନ୍ତେ ଆଣିଦିଏ ଆସନ୍ନ ଶୀତଳତାର ଶାନ୍ତି ଓ ଆଶ୍ୱସ୍ତିର ପ୍ରତିଶ୍ରୁତି । କେବଳ ଧାର୍ମିକ ଭାବନାର ଭିତ୍ତିଭୂମି ଭାବରେ ନୁହେଁ ବରଂ ସାମାଜିକ ବନ୍ଧନର ସୁଦୃଢ଼ତା ତଥା ସାମୂହିକ ଆନନ୍ଦ ଉପଲବ୍ଧି ନିମନ୍ତେ ଲୋକାଚାରର ଏହା ଏକ ବଳିଷ୍ଠ ଦିଗ । ନିର୍ମଳ ଆନନ୍ଦ, ଉଦାର ଆଧ୍ୟାତ୍ମିକ ଭାବନା, ଭାଷା, ସାଙ୍ଗଠନିକ, ସାମ୍ପ୍ରତିକ ସଦ୍‌ଭାବନା ଓ ମାନବୀୟ ସଂସ୍କୃତି ହେଉଛି ଏହି ଲୋକଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି କ୍ରମରେ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଏକ ଅନନ୍ୟ ଲୋକ ଉତ୍ସବ । ଏହା ଜାତି , ଧର୍ମ , ବର୍ଣ୍ଣ ନିର୍ବିଶେଷରେ ସବୁ ବର୍ଗକୁ ଆପଣାଇ ଏକତା , ସଂହତି ଓ ସଂପ୍ରୀତିର ବାର୍ତ୍ତା ଦେଇ ଆସୁଛି ।



-ସାଇପ୍ରସାଦ ସାହୁ
ମୋ - ୯୯୩୭୦୩୪୭୪୨

# ଓଁରୁ ହିଁ ସୃଷ୍ଟି ବିଶ୍ୱ ବ୍ରହ୍ମାଣ୍ଡ



ବୀଜ ମନ୍ତ୍ର ଓଁ। ଓଁରୁ ହିଁ ସୃଷ୍ଟି ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡ। ଚରାଚର ବିଶ୍ୱରେ ଯାହା ଦେଖୁଛ ସବୁ ସେହି ବୀଜ ମନ୍ତ୍ରରୁ ଆରମ୍ଭ। ଓଁ ସୃଷ୍ଟିର ପ୍ରାରମ୍ଭ ଧ୍ୱନି। 'ବ୍ରହ୍ମନାଦ' । ଜୀବନରେ ଜପ, ତପ, ପୂଜା, ବିଧି, ବିଧାନ ସମ୍ପାଦନା ବେଳେ ଅନ୍ୟ କୌଣସି ମନ୍ତ୍ରର ଆବଶ୍ୟକ ନାହିଁ ଯଦି ଉଚ୍ଚାରଣ କରିପାରୁଛନ୍ତି ଓଁ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଆମର ପାଞ୍ଚ ଦେବତା। 'ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କର ତଥା ଭିନ୍ନା ଭିନ୍ନଂ ନ କର୍ତ୍ତବ୍ୟଂ ପଞ୍ଚଦେବ ନମସ୍ତୁତେ'। ସମସ୍ତ ଦେବତା ପୂର୍ବରୁ ଓଁ ଲଗାଇ ଉଚ୍ଚାରଣ କରିଲେ ସମସ୍ତ ଦେବାଦେବୀ ସନ୍ତୁଷ୍ଟ ହୁଅନ୍ତି। ଆଦି ବା ଶକ୍ତି ବର୍ଦ୍ଧକ ମନ୍ତ୍ର ହେଉଛି ଗାୟତ୍ରୀ ମନ୍ତ୍ର। 'ଓଁ ଭୁର୍ଭୂଃ ସ୍ୱତସ୍ୱବିତୁବରେଣ୍ୟଂ ଭର୍ଗୋ ଦେବସ୍ୟ ଧିମହି, ଧିୟୋ ୟୋ ନଃ ପ୍ରଚୋଦୟାତ୍'। ଏହି ମନ୍ତ୍ର ଉଚ୍ଚାରଣ କିମ୍ବା ଶ୍ରବଣ ରେ ଜଳ ସ୍ଥଳ ବାୟୁ ଆକାଶ ତଥା ସମସ୍ତ ସଜୀବ, ନିର୍ଜୀବ ଶକ୍ତି ସୁସ୍ଥ ଏବଂ ସୁରକ୍ଷା ପାଆନ୍ତି । ମାନବକୁ ଶାନ୍ତି ପ୍ରଦାନ କରେ। ମାନସିକ ଚାପ କମାଇ ଥାଏ। ସୁଖ ଏବଂ ସମୃଦ୍ଧି ଆଣିଥାଏ । ଅନ୍ୟ ଏକ ଶ୍ରେଷ୍ଠ ମନ୍ତ୍ର ହେଉଛି ମୃତ୍ୟୁଞ୍ଜୟ ମନ୍ତ୍ର। 'ଓଁ ତ୍ରୟମ୍ବକମ୍ ୟଯାମହେ



ସୁଗନ୍ଧିଂ ପୃଷ୍ଟିବର୍ଦ୍ଧନମ୍ ଉର୍ବାରୁକମିବ ବନ୍ଧନାନ୍ ମୃତ୍ୟୋ ର୍ମୁକ୍ଷୀୟ ମାମୃତାତ୍' ଏହି ମନ୍ତ୍ର ପାଠ ଏବଂ ଶ୍ରବଣ ଦ୍ୱାରା ସମସ୍ତ ଜୀବନ ଦୀର୍ଘାୟୁ ହୁଏ ଏବଂ 'ଅମରତ୍ୱ' ପ୍ରାପ୍ତ କରେ। ସମସ୍ତ ରୋଗ ଯନ୍ତ୍ରଣା, ଅକାଳ ବିୟୋଗରୁ ମଣିଷକୁ ମୁକ୍ତି କରେ। ସର୍ବଶ୍ରେଷ୍ଠ ମନ୍ତ୍ର ହେଉଛି ମହାମନ୍ତ୍ର। 'ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ,ରାମ ରାମ ହରେ ହରେ'। ଯାହାକୁ କର୍ଣ୍ଣ ମନ୍ତ୍ର ମଧ୍ୟ କୁହନ୍ତି। ଷୋଳ ପଦ ଏବଂ ବତିଶ ଅକ୍ଷର ବିଶିଷ୍ଟ ଏହି ମହାମନ୍ତ୍ର ହେଉଛି ନର୍କରୁ ସ୍ୱର୍ଗକୁ ରାସ୍ତା। ଅଶାନ୍ତିରୁ ଶାନ୍ତିକୁ ଗତି। ପାପରୁ ମୁକ୍ତି ପୁଣ୍ୟ ରେ ଅବସ୍ଥିତି। ଦୁଃଖ ହରି ସୁଖ ପ୍ରାପ୍ତିର ମାଧ୍ୟମ। ମହାମନ୍ତ୍ର ଉପକାରିତା କହିଲେ ଆପଣଙ୍କ ଜୀବନରେ ଆପଣଙ୍କୁ ୪ଟି ବିଶିଷ୍ଟ ଲାଭ କରିବ ଏବଂ ୬ ଅପୂରଣୀୟ କ୍ଷତି ପହଞ୍ଚାଇବ। ମହାମନ୍ତ୍ର ଉଚ୍ଚାରଣ, ଶ୍ରବଣ କିମ୍ବା ପଠନ କରିଲେ ମଧ୍ୟ ଏହି ଲାଭ କ୍ଷତିର ହିସାବ ଲାଗି ରହିବ। ଚାରି ପ୍ରକାର ଲାଭ ଦେଖିଲେ ଆପଣଙ୍କ ଜୀବନରେ ସୁଖ, ଶାନ୍ତି, ଦୟା, କ୍ଷମା ମିଳିବ। କ୍ଷତି ହିସାବ ବିଚାରକୁ ନେଲେ କାମ, କ୍ରୋଧ, ଲୋଭ, ମୋହ, ମଦ ଏବଂ ମାତ୍ସର୍ଯ୍ୟ ଆପଣଙ୍କଠାରୁ ସବୁଦିନ ପାଇଁ ଦୁରେଇଯିବେ। ଆପଣଙ୍କ ସ୍ପର୍ଶରେ ଆସୁଥିବା ଲୋକମାନଙ୍କ ମଧ୍ୟରୁ ମଧ୍ୟ ଧୀରେଧୀରେ ଏସବୁ



ଅପସରି ଯିବ । ବର୍ତ୍ତମାନ ଆପଣ ହିଁ ଚିନ୍ତା କରନ୍ତୁ ଚାରି ଲାଭ ପାଇବାକୁ ଛ କ୍ଷତି ସହିବେ ନା ଛ କ୍ଷତି ପାଇଁ ଚାରି ଲାଭକୁ ହରାଇବେ ! ବିଚାର ଆପଣଙ୍କର।

ଜଗନ୍ନାଥ ବେହେରା
ଗାୟତ୍ରୀ ନଗର, ନବରଙ୍ଗପୁର,
ମୋ - ୯୪୩୭୭୮୫୧୫୮

# ହିମୋଗ୍ଲୋବିନ୍ ବୃଦ୍ଧି




**ହିମୋଗ୍ଲୋବିନ୍ ହେଉଛି ଆମ ରକ୍ତରେ ଥିବା ଲୋହିତ ରକ୍ତ କଣିକା (ଆର୍‌ବିସି)ର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋଟିନ୍ ଉପାଦାନ, ଯାହା ରକ୍ତରେ ଅମ୍ଳଜାନ ବହନ କରି ଶରୀରର ପ୍ରତ୍ୟେକ ଜୀବକୋଷ ପାଖରେ ପହଞ୍ଚାଇଥାଏ।**

ହିମୋଗ୍ଲୋବିନ୍ ହେଉଛି ଆମ ରକ୍ତରେ ଥିବା ଲୋହିତ ରକ୍ତ କଣିକା (ଆର୍‌ବିସି)ର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋଟିନ୍ ଉପାଦାନ, ଯାହା ରକ୍ତରେ ଅମ୍ଳଜାନ ବହନ କରି ଶରୀରର ପ୍ରତ୍ୟେକ ଜୀବକୋଷ ପାଖରେ ପହଞ୍ଚାଇଥାଏ। ହିମୋଗ୍ଲୋବିନ୍ ହେଉଛି ଆମ ରକ୍ତରେ ଥିବା ଲୋହିତ ରକ୍ତ କଣିକା (ଆରବିସି)ର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋଟିନ୍ ଉପାଦାନ, ଯାହା ରକ୍ତରେ ଅମ୍ଳଜାନ ବହନ କରି ଶରୀରର ପ୍ରତ୍ୟେକ ଜୀବକୋଷ ପାଖରେ ପହଞ୍ଚାଇଥାଏ। ତେବେ ରକ୍ତରେ ହିମୋଗ୍ଲୋବିନ୍‌ର ମାତ୍ରା ନିର୍ଦ୍ଦିଷ୍ଟ ସ୍ତରରେ ରହିବା ଜରୁରି। ହିମୋଗ୍ଲୋବିନ୍ ସ୍ତର କମିଗଲେ କି କି ସମସ୍ୟା ଉପୁଜେ ତାହା ପ୍ରାୟ ସମସ୍ତେ ଊଣା ଅଧିକେ ଜାଣିଛନ୍ତି। ତେବେ ରକ୍ତରେ ହିମୋଗ୍ଲୋବିନ୍ ସ୍ତର ବଢ଼ିଗଲେ କି ଅସୁବିଧା ହୁଏ, ସେ ବିଷୟରେ ଆମେ ଅବଗତ ହେବା ଜରୁରି। ଏକ ଡେସିଲିଟର ରକ୍ତରେ ହିମୋଗ୍ଲୋବିନ୍‌ର ସ୍ୱାଭାବିକ ସ୍ତର ହେଉଛି ପୁରୁଷମାନଙ୍କ ପାଇଁ ୧୩.୨ ଗ୍ରାମ ଓ ମହିଳାମାନଙ୍କ ପାଇଁ ୧୧.୬ ଗ୍ରାମ। ତେବେ ସ୍ଥଳବିଶେଷରେ ଏଥିରେ ସାମାନ୍ୟ ଏପଟସେପଟ ହୋଇଥାଏ। ମାତ୍ର ରକ୍ତରେ ଏହାର ସ୍ତର ମାତ୍ରାଧିକ (ପୁରୁଷଙ୍କ ପାଇଁ ୧୬.୬ ଗ୍ରାମ୍/ଡେସିଲିଟର ଓ ମହିଳାଙ୍କ ପାଇଁ ୧୫ ଗ୍ରାମ୍/ଡେସିଲିଟର) ହୋଇଗଲେ ରକ୍ତ ସାନ୍ଦ୍ର ବା ବହଳିଆ ହୋଇଯାଏ ଏବଂ ତାହାର ସଂଚାଳନ ସ୍ରୋତ କମିଆସେ। ସୁତରାଂ ତାହା ନାନା ସ୍ୱାସ୍ଥ୍ୟ ସଂକଟକୁ ଆହ୍ୱାନ କରିଥାଏ। ଅଧିକ ଉଚ୍ଚ ସ୍ଥାନରେ ବସବାସ କରିବା, ଧୂମପାନ କରିବା, ଶରୀରରୁ ଜଳୀୟ ଅଂଶ ଶୁଖିଯିବା (ଡିହାଇଡ୍ରେସନ୍) କିମ୍ବା ଦୀର୍ଘକାଳ ଧରି ଫୁସ୍‌ଫୁସ୍ ରୋଗରେ ଆକ୍ରାନ୍ତ ହେବା ଆଦି କାରଣ ଯୋଗୁଁ ହିମୋଗ୍ଲୋବିନ୍ ସ୍ତର କଳ୍ପନାତୀତ ଭାବେ ବଢ଼ିଯାଇଥାଏ। ବେଳେ ବେଳେ ରକ୍ତ ସୃଷ୍ଟିକାରୀ ଅସ୍ଥିମଜ୍ଜାରେ ଅସ୍ୱାଭାବିକତା (ପଲିସିଥେମିଆ ଭେରା) ଯୋଗୁଁ ମଧ୍ୟ ଶରୀରରେ ଅଧିକ ଲୋହିତ ରକ୍ତ କଣିକା ସୃଷ୍ଟି ହୁଏ, ଯାହା ହିମୋଗ୍ଲୋବିନ୍ ସ୍ତରକୁ ବଢ଼ାଇ ଦେଇଥାଏ। ରକ୍ତ ବହଳିଆ ହେବା କାରଣରୁ ଧମନୀରେ ରକ୍ତ ଜମାଟ ବାନ୍ଧିବାର ଆଶଙ୍କା ରହିଛି, ଯାହା ଫଳରେ ହୃଦ୍‌ଘାତ, ମସ୍ତିଷ୍କଘାତ, ଗଭୀର ଧମନୀ ଥ୍ରମ୍ବୋସିସ୍ ହୋଇପାରେ। ହିମୋଗ୍ଲୋବିନ୍ ସ୍ତର ବଢ଼ିବା ଯୋଗୁଁ ଉଚ୍ଚ ରକ୍ତଚାପ ମଧ୍ୟ ସୃଷ୍ଟି ହୋଇଥାଏ। ହିମୋଗ୍ଲୋବିନ୍ ବୃଦ୍ଧି ହେତୁ ରକ୍ତର ଅମ୍ଳଜାନ ଧାରଣ କ୍ଷମତା ବଢ଼ିଯାଏ ସତ, ମାତ୍ର ବହଳିଆ ରକ୍ତ ହେତୁ ତାହାର ସଂଚାଳନ ସ୍ରୋତ କମିଯାଇଥାଏ ଏବଂ ଜୀବକୋଷମାନଙ୍କ ପାଖରେ କମ୍ ଅମ୍ଳଜାନ ପହଞ୍ଚେ। ଫଳରେ ମାଂସପେଶୀରେ ବିନ୍ଧାଛିଟିକା ଲାଗି ରହିଥାଏ। ଶରୀରରେ ଦୀର୍ଘକାଳ ପାଇଁ ହିମୋଗ୍ଲୋବିନ୍ ସ୍ତର ଉଚ୍ଚା ରହିଲେ ଚିକିତ୍ସା ସ୍ୱରୂପ ଶରୀରରୁ କିଛି ରକ୍ତ କାଢ଼ିଦେଇ ଓ ଔଷଧ ଦ୍ୱାରା ଶରୀରରେ ଅଧିକ ରକ୍ତକୋଷ ଉତ୍ପାଦନକୁ କମାଇ ହେବ। ତେବେ ଏଭଳି ସ୍ଥିତିରୁ ମୁକୁଳିବା ପାଇଁ ପ୍ରତିଷେଧକ ସ୍ୱରୂପ ଦୈନିକ ସୁସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ଅତି କମ୍‌ରେ ଏକରୁ ଦୁଇ ଲିଟର ପାଣି ପିଇ ଶରୀରକୁ ଆର୍ଦ୍ର ରଖିବା ଉଚିତ। ସେହିପରି ଦୈନିକ ୪୫ ମିନିଟ୍‌ରୁ ଅଧିକ ସମୟ ଧରି ଶାରୀରିକ ବ୍ୟାୟାମ କରିବା ସହ ଧୂମପାନ ଓ ମଦ୍ୟପାନରୁ ବିରତ ରହିବା ଦ୍ୱାରା ହିମୋଗ୍ଲୋବିନ୍ ବୃଦ୍ଧିର ଆଶଙ୍କା ହ୍ରାସ କରିହେବ।

# ପ୍ରକୃତି ପ୍ରତି କୃତଜ୍ଞ ହେବା ଉଚିତ

## ଭଗବାନ ଶ୍ରୀକୃଷ୍ଣ



ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ଗୋବର୍ଦ୍ଧନ ଏବଂ ଗୋମାତାଙ୍କ ପୂଜା କରିବାର ଉଦ୍ଦେଶ୍ୟ ହେଉଛି ବ୍ରଜର ଲୋକଙ୍କ ଚିନ୍ତାଧାରାରେ ଉନ୍ନତି ଆଣିବା । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ଆମେ ପ୍ରକୃତିରୁ ବହୁତ କିଛି ପାଇଥାଉ ସେଥିପାଇଁ ଏହା ପ୍ରତି ଆମେ କୃତଜ୍ଞ ହେବା ଉଚିତ। ଦୀପାବଳି ପରଦିନ ସମଗ୍ର ଭାରତବର୍ଷରେ ଗୋବର୍ଦ୍ଧନ ପୂଜା କରାଯାଏ । ଏହି ପର୍ବକୁ ଅନ୍ନକୂଟ ମଧ୍ୟ କୁହାଯାଇଥାଏ । କାର୍ତ୍ତିକ ମାସର ପ୍ରତିପଦାରେ ଭଗବାନ ଗୋବର୍ଦ୍ଧନ କିମ୍ବା ଗିରିରାଜଙ୍କୁ ପୂଜା କରିବାର ଏକ ପରମ୍ପରା ରହିଛି । ତାଙ୍କ ସହିତ ଆମେ ଭଗବାନ ଶ୍ରୀକୃଷ୍ଣ ଏବଂ ଗୋମାତାଙ୍କୁ ମଧ୍ୟ ପୂଜା କରିଥାଉ । କୁହାଯାଏ ଯେ ଭଗବାନ ଶ୍ରୀକୃଷ୍ଣ ଲୋକମାନଙ୍କୁ ଗୋବର୍ଦ୍ଧନଙ୍କ ପୂଜା କରିବା ପାଇଁ କହିଥିଲେ, ଯେଉଁଥିରେ ଭଗବାନ ଇନ୍ଦ୍ର କ୍ରୋଧିତ ହୋଇଥିଲେ ଏବଂ ପରେ ଭଗବାନ ଶ୍ରୀକୃଷ୍ଣ ବ୍ରଜବାସୀଙ୍କୁ ସୁରକ୍ଷା ଦେଇଥିଲେ । କିନ୍ତୁ ଏହି କାହାଣୀ ବିଷୟରେ ଅନେକ ଲୋକ ଜାଣନ୍ତି ନାହିଁ, କାହିଁକି ଶ୍ରୀକୃଷ୍ଣ ଲୋକମାନଙ୍କୁ ଏହା କରିବାକୁ କହିଥିଲେ ? ତେବେ ଚାଲନ୍ତୁ ଜାଣିବା ଏହି ବିଷୟରେ ହିନ୍ଦୁ ପୁରାଣ କ'ଣ କୁହେ। ଏହି ଦିନ ଭଗବାନ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପର୍ବତକୁ ନିଜ ଛୋଟ ଆଙ୍ଗୁଠିରେ ଉଠାଇ ନିଜ ଗ୍ରାମବାସୀଙ୍କୁ ଭଗବାନ ଇନ୍ଦ୍ରଙ୍କ କ୍ରୋଧରୁ ରକ୍ଷା କରିଥିଲେ । ତା'ପରେ ସେ ଇନ୍ଦ୍ରଙ୍କୁ ପୂଜା କରିବା ପରିବର୍ତ୍ତେ ଗୋବର୍ଦ୍ଧନ ଏବଂ ଗୋମାତାଙ୍କୁ ପୂଜା କରିବାକୁ କହିଥିଲେ । ବାସ୍ତବରେ ବ୍ରଜରେ ଲୋକମାନେ ଇନ୍ଦ୍ର ଦେବଙ୍କୁ ପୂଜା କରୁଥିଲେ । ଯେତେବେଳେ ଭଗବାନ କୃଷ୍ଣ ଦେଖିଲେ ଯେ ଲୋକମାନେ ଅନ୍ଧବିଶ୍ୱାସରେ ଭଗବାନ ଇନ୍ଦ୍ରଙ୍କୁ ଉପାସନା କରୁଛନ୍ତି, ସେତେବେଳେ ସେ ସେମାନଙ୍କୁ ଏପରି କରିବାକୁ ବାରଣ କରିଥିଲେ । ଇନ୍ଦ୍ରଦେବଙ୍କ ପୂଜା ବିଷୟରେ ଶ୍ରୀକୃଷ୍ଣ ଲୋକମାନଙ୍କୁ କହିଥିଲେ ଯଦି ଇନ୍ଦ୍ରଦେବ କେବେ ଦେଖା ଯାଆନ୍ତି ନାହିଁ ସେତେବେଳେ ତାଙ୍କୁ ପୂଜା କରିବାର ଅର୍ଥ କ'ଣ ? ଏହାଠାରୁ ଭଲ ଗୋମାତାଙ୍କୁ ପୂଜା କରାଯିବା ଉଚିତ, ଯାହାଠାରୁ ଲୋକମାନେ କ୍ଷୀର ପାଉଛନ୍ତି । ଗୋବର୍ଦ୍ଧନ ପର୍ବତକୁ ପୂଜା କରାଯିବା ଉଚିତ କାରଣ ପ୍ରକୃତି ଆମକୁ ଅନେକ କିଛି ଦେଇଥାଏ । ଶ୍ରୀକୃଷ୍ଣଙ୍କ ଠାରୁ ଏପରି କଥା ଶୁଣିବା ପରେ ବ୍ରଜବାସୀ ଗୋବର୍ଦ୍ଧନ ପର୍ବତକୁ ପୂଜା କରିବା ଆରମ୍ଭ କରିଥିଲେ ।

- Vol.- 46, Issue No. 80
- Saturday,20 June 2026
- ଶନିବାର,୨୦ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 3
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




# ଜନ୍ମମାଟିରେ ରାଷ୍ଟ୍ରପତି

★ ଏମ୍ସ ସାଟେଲାଇଟ୍ ସେଣ୍ଟର ଉଦ୍‌ଘାଟିତ

★ ଏକାଧିକ ପ୍ରକଳ୍ପର ଲୋକାର୍ପଣ ★ ରାଇରଙ୍ଗପୁରରେ ଉତ୍ସାହର ମାହୋଲ

ରାଇରଙ୍ଗପୁର (ମୟୂରଭଞ୍ଜ)୧୯।୬: ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଶୁକ୍ରବାର ରାଇରଙ୍ଗପୁର ପହଞ୍ଚିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ପ୍ରତିକୂଳ ପାଗ ଯୋଗୁଁ ରାଷ୍ଟ୍ରପତି ମୁର୍ମୁ ପଶ୍ଚିମବଙ୍ଗ କଲାଇକୁଣ୍ଡାରୁ ସଡ଼କ ପଥରେ ଆସି ସନ୍ଧ୍ୟାରେ ରାଇରଙ୍ଗପୁରଠାରେ ପହଞ୍ଚିଥିଲେ। ନିର୍ଦ୍ଧାରିତ ସମୟର ପ୍ରାୟ ୨ ଘଣ୍ଟା ବିଳମ୍ବରେ ସେ ପହଞ୍ଚିଥିଲେ। ୨୦ ତାରିଖ ଶନିବାର ଜନ୍ମମାଟିରେ ସେ ତାଙ୍କ ଜନ୍ମଦିନ ପାଳନ କରିବେ ବୋଲି ସୂଚନା ମିଳିଛି। ଏହିଦିନ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୟୂରଭଞ୍ଜ ଜିଲା ଗସ୍ତରେ ଆସୁଛନ୍ତି। ଏଥିଲାଗି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଓଡ଼ିଶା ଗସ୍ତର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜର ଜନ୍ମମାଟିରେ ଏକାଧିକ ପ୍ରକଳ୍ପର ଲୋକାର୍ପଣ ଏବଂ ଉଦ୍‌ଘାଟନ କରିଛନ୍ତି। ଶ୍ରୀମତୀ ମୁର୍ମୁ ରାଇରଙ୍ଗପୁର ପୁଲିସ ଜିଲ୍ଲା, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟାଳୟ, ପାନୀୟ ଜଳ ପ୍ରକଳ୍ପ ଏବଂ ସ୍ୱତନ୍ତ୍ର ସର୍କିଟ ହାଉସ୍ ଉଦ୍‌ଘାଟନ କରିଛନ୍ତି। ଏଥି ସହିତ ସେ ଏମ୍ସ ସାଟେଲାଇଟ୍ ସେଣ୍ଟର ମଧ୍ୟ ଲୋକାର୍ପଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଇରଂଗପୁର ଉପଖଣ୍ଡ ଡାକ୍ତରଖାନା ପରିସରରେ ବହୁ ପ୍ରତୀକ୍ଷିତ ଏମ୍ସ ସାଟେଲାଇଟ୍ ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ଏଥି ସହିତ ସେ ଏକ ମେଗା ସ୍ୱାସ୍ଥ୍ୟ ଶିବିରକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମହାମହିମ ଡାକ୍ତର ଏବଂ ରୋଗୀମାନଙ୍କ ସହିତ କଥା ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତର ପ୍ରଥମ ଦିନରେ ରାଇରଂଗପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଥି ସହିତ ଡାକ୍ତରଖାନାର ଅନ୍ୟ ଭିତ୍ତିଭୂମି ସଂପର୍କରେ ଅବଗତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ରାଇରଙ୍ଗପୁର ପହଞ୍ଚିବା ପରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୟୂରଭଂଜ ସାଂସଦ ନବଚରଣ ମାଝୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ରାଇରଂଗପୁର ବିଧାୟକ ଜଲେନ ନାଏକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ ଏବଂ ତାଙ୍କର ଟିମ୍ ମଧ୍ୟ ମହାମହିମଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

### ନିଶା ନିବାରଣ କେନ୍ଦ୍ରରେ ମରାଯାଇଥିଲା ନିସ୍ତୁକ ମାଡ଼ !

ଯାଜପୁର,୧୯।୬ ଜିଲ୍ଲାର ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ପଣ୍ଡୁଆ ନିକଟରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ନିଶା ନିବାରଣ କେନ୍ଦ୍ରରେ ଯୁବକ ଜଣଙ୍କୁ ହାତ ଗୋଡ ବାନ୍ଧି ନିସ୍ତୁକ ମାଡ଼ ମାରିବା ଯୋଗୁଁ ତାର ମୃତ୍ୟୁ ହୋଇଥିବା ସମ୍ପର୍କୀୟମାନେ ଅଭିଯୋଗ ଆଣିଛନ୍ତି। ଅଭିଯୋଗରୁ ଜଣାପଡ଼ିଛି ଯେ ଧର୍ମଶାଳା ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ରାଜୀବ ବାରିକ ମଦ୍ୟପାନ କରିଆସୁଥିବା ଯୋଗୁଁ ଏକ ନିଶା ନିବାରଣ କେନ୍ଦ୍ରରେ ଗତ ପ୍ରାୟ ଦୁଇ ମାସ ପାଇଁ ଭର୍ତ୍ତି ହୋଇଥିଲେ। ଏଥିପାଇଁ ପରିବାର ପକ୍ଷରୁ ୨୪ ହଜାର ଟଙ୍କା ପୈଠ କରାଯାଇଥିଲା। ତେବେ ଆଉ କିଛି ଟଙ୍କା ଶୁଝିବାକୁ ଥିଲା ବୋଲି କୁହାଯାଉଛି। ରାଜୀବ ମଝିରେ ମଝିରେ ନିଶା ନିବାରଣ କେନ୍ଦ୍ରକୁ ଆସି ଅନ୍ତେବାସୀଙ୍କୁ ଖିଅର କରୁଥିଲେ। ଏ ବାବଦରେ ସେ ଷୋହଳ ସହ ଟଙ୍କା ପ୍ରାପ୍ୟରୁ ଏକ ହଜାର ଟଙ୍କା ଶୁଝିବା ସହ ଅବଶିଷ୍ଟ ୬ ଶହ ଟଙ୍କା ପାଇଥିଲେ। ସେଇ ଟଙ୍କାରେ ସେ ମଦ୍ୟ ପାନ କରି ଏକ ଉଦ୍ୟାନ ନିକଟରେ ପଡ଼ିଥିଲେ। ଖବର ପାଇ ନିଶା ନିବାରଣ କେନ୍ଦ୍ରର ଜଣେ ଯୁବକ ରାଜୀବଙ୍କୁ ନିଶା ନିବାରଣ କେନ୍ଦ୍ରକୁ ଉଠାଇ ନେଇଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ରାଜୀବଙ୍କ ସମ୍ପର୍କୀୟମାନେ ପହଞ୍ଚି ପୋଲିସକୁ ମୌଖିକ ଅଭିଯୋଗ କରିଥଲେ। ପୋଲିସ ପହଞ୍ଚି ନିଶା ନିବାରଣ କେନ୍ଦ୍ରକୁ ବନ୍ଦ ରଖିଥିବା ପ୍ରକାଶ। ଏହି ଘଟଣାରେ ପୋଲିସ ଜଣକୁ ଅଟକ ରଖି ପଚରା ଉଚରା କରୁଥିବା ଏକ ସୂତ୍ରରୁ ପ୍ରକାଶ।

## ତ୍ରୁଟିପୂର୍ଣ୍ଣ ବହି: ଆରମ୍ଭ ହୋଇଛି ତନାଘନା



ଭୁବନେଶ୍ୱର,୧୯।୬: ତ୍ରୁଟିପୂର୍ଣ୍ଣ ବହିକୁ ନେଇ ରାଜ୍ୟ ସରକାର ସମାଲୋଚିତ ହେବା ପରେ ଆରମ୍ଭ ହୋଇଛି ତନାଘନା। କେଉଁ ସ୍ତରରେ ଓ କେମିତି ହେଲା ତ୍ରୁଟି ? ଏଥିପାଇଁ ଦାୟୀ କିଏ ? ଅଧିକାରୀଙ୍କୁ ଡାକି ଆଲୋଚନା କରିବା ସହ ବିସ୍ତୃତ ତଥ୍ୟ ଉନ୍ନୟନ କମିସନର ସଂଗ୍ରହ କରୁଥିବା ଏକ ସୂତ୍ରରୁ ପ୍ରକାଶ। ମୁଖ୍ୟମନ୍ତ୍ରୀଙ୍କ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ। ପିଲାଙ୍କ ପାଠ୍ୟ ପୁସ୍ତକରେ ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆରମ୍ଭ ହୋଇଛି ତନାଘନା। ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଗଣଶିକ୍ଷା ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଡାକି ପଚରାଉଚୁରା କରିଛନ୍ତି। ଗଣଶିକ୍ଷା ବିଭାଗ ସଚିବ ଏନ୍ ତିରୁମାଳା ନାୟକ ଓ ବହି ପ୍ରସ୍ତୁତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଠାରୁ ବିସ୍ତୃତ ତଥ୍ୟ ସଂଗ୍ରହ କରିଛନ୍ତି। ପ୍ରତି ପୁସ୍ତକ ପାଇଁ ଗଠିତ ସମ୍ପାଦକମଣ୍ଡଳୀ, ସମୀକ୍ଷକମଣ୍ଡଳୀ, ସଂଯୋଜକ ଓ ମୁଖ୍ୟ ସଂଯୋଜକଙ୍କୁ କମିଟି ପକ୍ଷରୁ ପଚରାଉଚରା କରାଯିବ। ଆବଶ୍ୟକ ପଡ଼ିଲେ ବିଷୟ ବିଶେଷଜ୍ଞଙ୍କୁ ମଧ୍ୟ ଡାକି ତ୍ରୁଟି ସମ୍ପର୍କରେ ପ୍ରଶ୍ନ କରାଯାଇପାରେ। କେମିତି ଏତେ ବଡ଼ ତ୍ରୁଟି ହେଲା ଓ କିଏ କିଏ ଦାୟୀ ସେନେଇ ରିପୋର୍ଟ ପ୍ରସ୍ତୁତ ହେବ। ସେହି ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ।

## ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ନୂଆ ଏସ୍‌ଓପି

ଭୁବନେଶ୍ୱର, ୧୯।୬: ରାଜ୍ୟରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସରଳ ଓ ସମନ୍ୱିତ କରିବା ଉଦ୍ଦେଶ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ ଆପାର୍ଟମେଣ୍ଟ ପଞ୍ଜୀକରଣ ନିମନ୍ତେ ଏକ ମାନକ କାର୍ଯ୍ୟପ୍ରଣାଳୀ (ଏସଓପି) ଜାରି କରିଛନ୍ତି। ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଏବଂ ପରିଚାଳନା) ଆଇନ, ୨୦୨୩, ରିଅଲ୍ ଇଷ୍ଟେଟ୍ (ନିୟନ୍ତ୍ରଣ ଓ ବିକାଶ) ଆଇନ, ୨୦୧୬ ଏବଂ ପଞ୍ଜୀକରଣ ଆଇନ, ୧୯୦୮ର ବିଭିନ୍ନ ବ୍ୟାଖ୍ୟା କାରଣରୁ ସୃଷ୍ଟ ହେଉଥିବା ଅସ୍ପଷ୍ଟତା ଦୂର କରିବା ସହ ରାଜ୍ୟବ୍ୟାପୀ ଏକ ସମାନ ପ୍ରକ୍ରିୟା ଅନୁସରଣ ସୁନିଶ୍ଚିତ କରିବା ପାଇଁ ଏହି ଏସ୍‌ଓପି ପ୍ରଣୟନ କରାଯାଇଛି।ନୂତନ ଏସ୍‌ଓପି ଅନୁଯାୟୀ ଆପାର୍ଟମେଣ୍ଟ ସମ୍ବନ୍ଧୀୟ ପଞ୍ଜୀକରଣକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି— ପ୍ରି-ରେରା ଆପାର୍ଟମେଂଟର ପୁନଃ ବିକ୍ରୟ, ପ୍ରି-ରେରା ପ୍ରକଳ୍ପରେ ବିକ୍ରୟ ହୋଇନଥିବା ଫ୍ଲାଟ୍ ର ପ୍ରଥମ ବିକ୍ରୟ ଏବଂ ପୋଷ୍ଟ-ରେରା ଆପାର୍ଟମେଣ୍ଟ। ପ୍ରତ୍ୟେକ ବିଭାଗ ପାଇଁ ଆବଶ୍ୟକୀୟ ଦଲିଲପତ୍ର, ଯାଂଚ ପ୍ରକ୍ରିୟା ଏବଂ ପଞ୍ଜୀକରଣର ସର୍ତାବଳୀ ସ୍ପଷ୍ଟ ଭାବେ ଏହି ନୂତନ ଏସଓପିରେ ନିର୍ଦ୍ଧାରଣ କରାଯାଇଛି। ଏସ୍‌ଓପିରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳ, ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳ ଏବଂ ରାଜସ୍ୱ ଉପଖଣ୍ଡ ଅଞ୍ଚଳ ପାଇଁ ପୃଥକ୍ ପୃଥକ୍ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଭୂମିକା ଓ ଦାୟିତ୍ୱ ମଧ୍ୟ ସ୍ପଷ୍ଟ କରାଯାଇଛି।

### ମୋଟରଯାନ ଦୁର୍ଘଟଣା ଦାବି ମାମଲାରେ 'ସୁପ୍ରିମ'ରାୟ

## ସୁରକ୍ଷିତ ଫୁଟ୍‌ପାଥ ମୌଳିକ ଅଧିକାର



➔ ଉଲ୍ଲଂଘନ କ୍ଷେତ୍ରରେ ଦେବାକୁ ହେବ କ୍ଷତିପୂରଣ

➔ ଚାଲିବା ଜୀବନର ଅବିଚ୍ଛେଦ୍ୟ ଅଙ୍ଗ

ନୂଆଦିଲ୍ଲୀ,୧୯।୬: ସୁରକ୍ଷିତ ଫୁଟ୍‌ପାଥ୍‌ରେ ଚାଲିବା ଏକ ମୌଳିକ ଅଧିକାର। ସୁପ୍ରିମ୍‌କୋର୍ଟ ଶୁକ୍ରବାର ଏପରି କହିଛନ୍ତି । ଏଥିପାଇଁ ଆବଶ୍ୟକ ପଥଚାରୀ ଭିତ୍ତିଭୂମି ନିର୍ମାଣ, ସୀମା ନିର୍ଦ୍ଧାରଣ ଓ ରକ୍ଷଣାବେକ୍ଷଣ ପାଇଁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଓ ସ୍ଥାନୀୟ ସଂସ୍ଥାର କର୍ତ୍ତବ୍ୟକୁ ସ୍ୱୀକୃତି ଦେଉଥିବା ଏକ ଆଇନ ଆଣିବାକୁ କୋର୍ଟ ସରକାରଙ୍କୁ ଅନୁରୋଧ କରିଛନ୍ତି। କୋର୍ଟ କହିଛନ୍ତି, ସମ୍ବିଧାନର ତୃତୀୟ ଭାଗ ଅନୁଯାୟୀ ଚାଲିବାର ଅଧିକାର ହେଉଛି ଏକ ମୌଳିକ ଅଧିକାର। ଏହା ଭାରତୀୟ ସମ୍ବିଧାନର ଧାରା ୧୯(୧)(କ), ୧୯(୧)(ଖ), ୧୯(୧) (ଗ) ଓ ଧାରା ୨୧ ଅନୁଯାୟୀ ଗ୍ୟାରେଣ୍ଟି ଦିଆଯାଇଥିବା ଗତିବିଧି ଅଧିକାରର ଅବିଚ୍ଛେଦ୍ୟ ଅଙ୍ଗ। ଚାଲିବାର ମୌଳିକ ଅଧିକାର ଭିତରେ ସୁରକ୍ଷିତ ଫୁଟ୍‌ପାଥ୍‌ର ଅଧିକାର ଆସୁଛି। ଜଷ୍ଟିସ୍ ପିଏସ୍ ନରସିଂହ ଓ ଜଷ୍ଟିସ୍ ଅତୁଲ ଏସ୍ ଚନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏହି ଅଧିକାରଗୁଡ଼ିକ ପ୍ରାଥମିକ ଏବଂ ମୋଟରଯାନ ଚଳାଚଳ ଅପେକ୍ଷା ଏହାକୁ ପ୍ରାଥମିକତା ଦିଆଯିବା ଉଚିତ। ସୁପ୍ରିମକୋର୍ଟ କହିଛନ୍ତି ଯେ, ଯଦି ରାସ୍ତା ବିଦ୍ୟମାନ ଅଛି, ତେବେ ପଦଯାତ୍ରୀମାନଙ୍କ ପାଇଁ ଚିହ୍ନିତ ଓ ସୁସଜ୍ଜିତ ଫୁଟ୍‌ପାଥ୍ ଅଛି କି ନାହିଁ ତାହା ନିଶ୍ଚିତ କରିବା ସରକାରଙ୍କ କର୍ତ୍ତବ୍ୟ। ନଗର ଉନ୍ନୟନ କର୍ତ୍ତୃପକ୍ଷ, ମ୍ୟୁନିସିପାଲିଟି କର୍ପୋରେସନ, ମ୍ୟୁନିସିପାଲିଟି ଓ ଏପରିକି ପଞ୍ଚାୟତର ମଧ୍ୟ କର୍ତ୍ତବ୍ୟ ଅଛି, ଯେଉଁମାନେ ଫୁଟ୍‌ପାଥ୍ ଓ ଅନ୍ୟାନ୍ୟ ଆବଶ୍ୟକ ପଥଚାରୀ ଭିତ୍ତିଭୂମି ଚିହ୍ନଟ, ନିର୍ମାଣ, ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ ଚେଷ୍ଟା କରିବା ଉଚିତ, କାରଣ ଚାଲିବା ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ଚିହ୍ନିତ ଫୁଟ୍‌ପାଥ୍‌ରେ ଚାଲିବା ଅଧିକାରର ଉଲ୍ଲଂଘନ କ୍ଷେତ୍ରରେ ନାଗରିକମାନଙ୍କୁ କ୍ଷତିପୂରଣ ଦେବାକୁ ହେବ। କ୍ଷତିପୂରଣ ପାଇଁ ସେମାନେ କର୍ତ୍ତୃପକ୍ଷଙ୍କ ବିରୋଧରେ ସାମ୍ବିଧାନିକ ଓ ଆଇନଗତ ପ୍ରତିକାର ଲୋଡ଼ିପାରିବେ। ଏହି ପ୍ରତିକାର ମୋଟର ଯାନ (ଏମ୍‌ଭି) ଅଧିନିୟମ, ୧୯୮୮ ଅନୁଯାୟୀ ଉପଲବ୍ଧ ପ୍ରତିକାରଠାରୁ ସ୍ୱାଧୀନ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି ।ଜଣେ ପାଞ୍ଚ ବର୍ଷର ବାଳକର ମୃତ୍ୟୁ ସହ ଜଡିତ ଏକ ମୋଟରଯାନ ଦୁର୍ଘଟଣା ଦାବି ମାମଲାରେ ଏହି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ।

### ପିଏମ୍ ଆବାସ ହିତାଧିକାରୀଙ୍କୁ ବଡ଼ ଆଶ୍ୱସ୍ତି

ଭୁବନେଶ୍ୱର,୧୯।୬: ପିଏମ୍ ଆବାସ ଯୋଜନାରେ ସହରାଞ୍ଚଳ ହିତାଧିକାରୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ରାଜ୍ୟ ସରକାର ପିଏମ୍ ଆବାସ ଯୋଜନାରେ ହିତାଧିକାରୀଙ୍କ ଘର ପଞ୍ଜୀକରଣ ଖର୍ଚ୍ଚକୁ ୧ପ୍ରତିଶତରୁ କମ୍ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏନେଇ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଅତିରିକ୍ତ ମୁଖ୍ୟ ସଚିବଙ୍କ ଚିଠି କରାଯାଇଛି। ଏପରିକି ବିଜ୍ଞପ୍ତି ଓ ଆଦେଶ କାର୍ଯ୍ୟକାରୀ କରିବାକୁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।ପିଏମଏୱାଇ-ୟୁ ୨.୦ ଅଧୀନରେ ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ବଡ଼ ରିହାତି ଘୋଷଣା କରିଛନ୍ତି। ୬୦ ବର୍ଗମିଟର ପର୍ଯ୍ୟନ୍ତ ଘରର ପଞ୍ଜୀକରଣ କ୍ଷେତ୍ରରେ ଏହି ରିହାତି ମିଳିବ । ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ ଫି'କୁ ମିଶାଇ ମୋଟ ଦେୟ ୧ ପ୍ରତିଶତରୁ କମ୍ କରାଯିବ।

### ଟେଲିଗ୍ରାମ ନିଷେଧାଜ୍ଞା ନିଷ୍ପତ୍ତି

## କାଏମ ରଖିଲେ ହାଇକୋର୍ଟ

ନୂଆଦିଲ୍ଲୀ,୧୯।୬: ନିଟ୍ ୟୁଜି ଇନଷ୍ଟା ମେସେଜିଂ ପ୍ଲାଟଫର୍ମ ଉପରେ କେନ୍ଦ୍ର ସରକାର ଲଗାଇଥିବା ଅସ୍ଥାୟୀ ନିଷେଧାଜ୍ଞାକୁ କାଏମ ରଖିଛନ୍ତି ଦିଲ୍ଲୀ ହାଇକୋର୍ଟ। ନିଟ୍ ୟୁଜି ପ୍ରଶ୍ନପତ୍ର ଲିକ୍ ଆଶଙ୍କାରେ କେନ୍ଦ୍ର ସରକାର ଆସନ୍ତା ୨୨ ତାରିଖ ଯାଏଁ ଟେଲିଗ୍ରାମ ଉପରେ ନିଷେଧାଜ୍ଞା ଲଗାଇଥିଲେ। ଏହାକୁ ସଂସ୍ଥା ପକ୍ଷରୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। କିନ୍ତୁ ହାଇକୋର୍ଟ ସରକାରଙ୍କ ନିଷ୍ପତ୍ତିରେ କୌଣସି ପ୍ରକାରର ହସ୍ତକ୍ଷେପ କରି ନାହାନ୍ତି। ସରକାର ନେଇଥିବା ପଦକ୍ଷେପ ପରିସ୍ଥିତି ଅନୁଯାୟୀ ଯଥାର୍ଥ ଓ ସର୍ବନିମ୍ନ ପ୍ରତିବନ୍ଧକ ବୋଲି କୋର୍ଟ କହିଛନ୍ତି। ସୂଚନା ପ୍ରଯୁକ୍ତି ଆଇନ ୨୦୦୦ର ଧାରା ୬୯ଏ ଅନୁଯାୟୀ ଜାରି ହୋଇଥିବା




ନିଷେଧାଜ୍ଞା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଟେଲିଗ୍ରାମ୍ ଦାଖଲ କରିଥିବା ଆବେଦନକୁ ଜଷ୍ଟିସ ତେଜସ କାରିଆ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ "ସରକାର ନେଇଥିବା ପଦକ୍ଷେପ ସବୁଠାରୁ କମ୍ ପ୍ରତିବନ୍ଧକମୂଳକ। ଏହାକୁ ଅସଙ୍ଗତ ବୋଲି କୁହାଯାଇପାରିବ ନାହିଁ।'ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷାରେ ଅନିୟମିତତା ସହ ଜଡିତ ସଂଗଠିତ ଠକେଇ ଗ୍ୟାଙ୍ଗ ଟେଲିଗ୍ରାମକୁ ବହୁଳ ବ୍ୟବହାର କରୁଥିବାର ଆଶଙ୍କା ରହିଥିବା କେନ୍ଦ୍ର ସରକାର ଦାବି କରିଥିଲେ। ଏହି କାରଣରୁ ପୁନଃ ପରୀକ୍ଷା ପୂର୍ବରୁ ଟେଲିଗ୍ରାମ ଉପରେ ଅସ୍ଥାୟୀ କଟକଣା ଲାଗୁ କରାଯାଇଥିଲା। ମେ' ୩ରେ ହୋଇଥିବା ନିଟ୍-ୟୁଜି ୨୦୨୬ର ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ ଓ ଅନିୟମିତତା ପରେ ବାତିଲ କରାଯାଇଥିଲା।

# ସତ୍ୟବାବୁଙ୍କ 'ଅସତ୍ୟ ସମ୍ପତ୍ତି'

■ ୩୨ ଫ୍ଲାଟ୍‌ର ମାଲିକ କୋଟପାଡ଼ ସହକାରୀ ଯନ୍ତ୍ରୀ ■ ୭୧୦୦ ଟଙ୍କାରୁ ଆରମ୍ଭ କରିଥିଲେ ଚାକିରି

■ ୨ ଫାର୍ମ ,୯୪୦ ଗ୍ରାମ ସୁନା ଏବଂ ୨.୫ କିଲୋଗ୍ରାମ ରୁପା ଠାବ





କୋରାପୁଟ, ୧୯।୬ : କୋରାପୁଟ କୋଟପାଡ଼ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ସେଠୀଙ୍କ ବିପୁଳ ସମ୍ପତ୍ତି ଠାବ କରିଛି ଭିଜିଲାନସ। ମାଳ ମାଳ ଫ୍ଲାଟ୍, ବିଡା ବିଡ଼ା ଟଙ୍କା, ପୁଳା ପୁଳା ସୁନା ଗହଣା ଏବଂ ଗଣ୍ଡା ଗଣ୍ଡା ହାତୀ ମୂର୍ତ୍ତି। ଯନ୍ତ୍ରୀଙ୍କ ଘରେ ଚଢ଼ଉ ବେଳେ ଏସବୁ ଭିଜିଲାନ୍ସ ଦେଖିବାକୁ ପାଇଥିଲା। ସହକାରୀ ଯନ୍ତ୍ରୀ ସତ୍ୟ ନାରାୟଣ ସେଠୀଙ୍କ ସମ୍ପତ୍ତି ତାଲିକା ବେଶ୍ ଲମ୍ବା । ବାବୁଙ୍କର ୩୨ଟି ମୂଲ୍ୟବାନ ଫ୍ଲାଟ, ୨ଟି ଫାର୍ମ ହାଉସ ଠାବ ହୋଇଛି । ଏକ ସୂତ୍ରରୁ ପ୍ରକାଶ ଯେ , ଯନ୍ତ୍ରୀଙ୍କର କୋରାପୁଟ ଜିଲ୍ଲାରେ ୪୯ଟି ମୂଲ୍ୟବାନ ଫ୍ଲାଟ୍ ଅଛି, ଯେଉଁଥିରୁ ୧୭ଟି ଅନ୍ୟମାନଙ୍କ ନାମରେ ଥିବା ସନ୍ଦେହ କରାଯାଇଛି। ଚଢ଼ଉ ଅଭିଯାନରେ ୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଦୁଇଟି ଫ୍ଲାଟ୍ ମଧ୍ୟ ଠାବ କରାଯାଇଥିଲା, ଯେଉଁଥିରେ ଗୋଟିଏ ବେନାମୀ ସମ୍ପତ୍ତି ମଧ୍ୟ ଥିଲା। ଚଢାଉରେ ୯୪୦ ଗ୍ରାମ ସୁନା ଏବଂ ୨.୫ କିଲୋଗ୍ରାମ ରୁପା ମଧ୍ୟ ଜବତ କରାଯାଇଥିଲା, ଯାହା ଉଲ୍ଲେଖନୀୟ ଅପ୍ରକାଶିତ ସମ୍ପତ୍ତିକୁ ସୂଚିତ କରିଥାଏ। ଯନ୍ତ୍ରୀଙ୍କର କୋରାପୁଟ, ଜୟପୁର, ବୋରିଗୁମ୍ମା, କୋଟପାଡ, ପଟାଙ୍ଗି ତହସିଲରେ ଏହି ସବୁ ଫ୍ଲାଟ୍ ରହିଛି। ସେହିଭଳି ବୋରିଗୁମ୍ମା ତରାଗାଁରେ ଏକ ଫାର୍ମ ହାଉସ ଏବଂ ୪ ଏକରରୁ ଅଧିକ ଜାଗାରେ ଆଉ ଏକ ଫାର୍ମ ହାଉସ୍ ରହିଛି । ଗୋଟିଏ ୧୦.୦୩ ଏକରର ହୋଇଥିବା ବେଳେ ଅନ୍ୟଟି ୪.୩୫ ଏକର ଜାଗାରେ ରହିଛି। ୧୦.୦୩ ଏକର ବିଶିଷ୍ଟ ଫାର୍ମ ହାଉସରେ ସେ ଆମ୍ବ ଓ ୟୁକାଲିପଟାସ ଗଛ ଲଗାଇଛନ୍ତି। ସେହିପରି ଅନ୍ୟଟିରେ ସେ ୟୁକାଲିପଟାସ ଗଛ ଲଗାଇଛନ୍ତି। କେବଳ ଏତିକି ନୁହେଁ ଖୋର୍ଦ୍ଧା ଜଟଣୀ ମାଧିପୁର ମୌଜାରେ ୧ ହଜାର ବର୍ଗଫୁଟ ବିଶିଷ୍ଟ ଗୋଟିଏ ଫ୍ଲାଟ୍ ରହିଛି । ଏଥିସହିତ ଯନ୍ତ୍ରୀ ଘରୁ ୩୦୦ ଗ୍ରାମର ସୁନା, ରୁପା ଗହଣା, ରୂପା ହାତୀ ମୂର୍ତ୍ତି ସହ ନଗଦ ୫ ଲକ୍ଷ ୪୮ ହଜାର ଟଙ୍କା ଜବତ କରିଛି ଭିଜିଲାନ୍ସ । ସୂଚନାଯୋଗ୍ୟ ଯେ ସହକାରୀ ଯନ୍ତ୍ରୀ ସତ୍ୟ ନାରାୟଣ ସେଠୀଙ୍କ ଘରେ ଭିଜିଲାନ୍ସ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ କରିଛି। ଜୟପୁର ସମେତ କୋରାପୁଟ, ଖୋର୍ଦ୍ଧା ଏବଂ କେନ୍ଦ୍ରାପଡାର ୭ଟି ସ୍ଥାନରେ ଏକକାଳୀନ ଚଢାଉ ଜାରି ରହିଛି। କୋରାପୁଟ ସ୍ଥିତ ଅଫିସ୍ , ଜୟପୁରସ୍ଥିତ ସରକାରୀ କ୍ୱାର୍ଟର, ଜୟପୁର ପାରାବେଡାସ୍ଥିତ ଭଡା ଘର, କୋରାପୁଟ ବୋରିଗୁମ୍ମାସ୍ଥିତ ୨ଟି ଫାର୍ମ ହାଉସ, ଖୋର୍ଦ୍ଧା ଜଟଣୀ ମାଧିପୁରରେ ଥିବା ଫ୍ଲାଟ୍, କେନ୍ଦ୍ରାପଡା ଚାନ୍ଦୋଳରେ ଥିବା ପୈତୃକ ଘରେ ଚଢ଼ଉ କରିଛି ଭିଜିଲାନ୍ସ ଟିମ୍। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ପୈତୃକ ଗାଁ ଜହଙ୍ଗର ଘରେ ଭିଜିଲାନ୍ସ ପକ୍ଷରୁ ମଧ୍ୟ ଚଢାଉ କରାଯାଇଥିଲା। ଚଢାଉରେ ୭ ଜଣ ଡିଏସପି, ୯ ଜଣ ଇନସ୍ପେକ୍ଟର ଓ ଅନ୍ୟମାନେ ସାମିଲ ଥିଲେ। ୧୯୭୫ ମସିହାରେ ଜନ୍ମ ହୋଇଥିବା ଜନ୍ମିତ ସତ୍ୟନାରାୟଣ ସେଠୀ ୧୯୯୮ ଜାନୁଆରୀ ୨୨ ତାରିଖରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। କୋରାପୁଟର ଆମ୍ବାଗୁଡ଼ା ସ୍ଥିତ ଅପର କୋଲାବ ଡିଭିଜନର ମୁଖ୍ୟ ଯନ୍ତ୍ରୀଙ୍କ ଅଫିସରେ ସେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ତାଙ୍କର ପ୍ରାରମ୍ଭିକ ଦରମା ଥିଲା ମାସିକ ୭ ହଜାର ୧୦୦ ଟଙ୍କା। ସେ ସେଠାରେ ୧୯୯୮ ଅକ୍ଟୋବର ୨୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ପରେ ତାଙ୍କର ବଦଳି ହୋଇଥିଲା ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକକୁ ଓ ସେ ସେଠାରେ କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତ ହୋଇଥିଲେ। ବିଭିନ୍ନ ବଦଳି କ୍ରମେ ପରିଶେଷରେ ୨୦୨୫ ସେପ୍ଟେମ୍ବର ୩ ତାରିଖରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଭାବେ ପଦୋନ୍ନତି ପାଇଥିଲେ ଓ ସେହି ବୋରିଗୁମ୍ମାରେ ନିଯୁକ୍ତ ହୋଇଥିଲେ।

ତିଥି :(ଷଷ୍ଠୀ): (ମଘା ସିଂହ)
ଅମୃତ ବେଳା: ଦିବା ଘ ୨।୪୮ ଗତେ ଘ ୦୫।୧୨ ମଧ୍ୟେ

## ଆଜିର ଅନୁଚିନ୍ତନ

ମୁଁ ବୃକ୍ଷମାନଙ୍କ ମଧ୍ୟରେ ଅଶ୍ୱତ୍ଥ ବୃକ୍ଷ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ, ଗନ୍ଧର୍ବମାନଙ୍କ ମଧ୍ୟରେ ଚିତ୍ରରଥ ଓ ସିଦ୍ଧମାନଙ୍କ ମଧ୍ୟରେ କପିଳ ମୁନି।। – ଶ୍ରୀମଦ୍ ଭଗବଦ୍ ଗୀତା

# ପରିବେଶ, ମହୁମାଛି ଓ କାଗଜକପ୍ ପ୍ରସଙ୍ଗ

ସୁନ୍ଦର ହଳଦୀ ରଙ୍ଗର ସୋରିଷ ଫୁଲଗଛ ପାଖକୁ ନିତି ଆସୁଥିଲା ମହୁମାଛିଟିଏ। ଫୁଲରୁ ମିଠା ରସ ପିଇ ଉଡ଼ିଯାଇଥିଲା। କ୍ରମେ ସୋରିଷ ଫୁଲ ସହ ଘନିଷ୍ଠତା ବଢ଼ିଲା। ପରସ୍ପର ଗପସପ ହେଉଥିଲେ। କିଛିଦିନ ହେବ ମହୁମାଛି ଆସିଲାନାହିଁ। ଦିନେ ପୁଣି ଅକସ୍ମାତ୍ ଆସି ବିଷର୍ଣ୍ଣ ମନରେ ପହଞ୍ଚିଲା। ସୋରିଷଫୁଲ ଆଶ୍ଚର୍ଯ୍ୟ ହୋଇପଚାରିଲା, ସାଙ୍ଗ ତୁ ଏତେଦିନ ଯାଏଁ ଥିଲୁ କେଉଁଠି ? ମହୁମାଛି ମନ ଦୁଃଖରେ କହିଲା, ହଁ ଏଇଟା ବୋଧେ ଆମର ଶେଷ ଦେଖା। ଯେଉଁଠି ଆମ ବସା ଥିଲା ସେହି ଗଛ ଓ ଆଖପାଖ ଅଞ୍ଚଳ ପଦା ହେବାରେ ଲାଗିଛି। ଗଛକଟା ଚାଲିଛି, ଶୁଣୁଛି ସେଠି କୁଆଡ଼େ ଗୋଟେ କାରଖାନା ବସିବ। ଆମ ବସା ଭାଙ୍ଗିଯିବା ପରେ କିଏ କେଉଁଆଡ଼େ ଗଲେ, ମରିହଜି ଗଲେ, କହିପାରିବିନାହିଁ। କେବଳ ପ୍ରାଣ ରଖିବା ପାଇଁ ଏଣେତେଣେ ବୁଲୁଛି। କ'ଣ କରିବି ? ମଣିଷ ଆମର ମୂଲ ବୁଝିପାରୁନି। ପ୍ରକୃତିକୁ ଧ୍ୱଂସ କରି ଚାଲୁଛି। ପାଣିପାଗ ବଦଳୁଛି। ଋତୁଚକ୍ର ବିଗିଡ଼ି ଗଲାଣି। ଯେଉଁ ପ୍ରକୃତିକୁ ଭଗବାନ ତିଆରି କରିଛନ୍ତି, ତାକୁ ଭାଙ୍ଗିରୁଜି ଛାରଖାର କରୁଛି ମଣିଷ। ଜୈବ ବିବିଧତା ଆସିବ କୁଆଡୁ ? ଆମ ସଂଖ୍ୟା ଆଉ ବଢ଼ିବ କିପରି ? ସୋରିଷ ଫୁଲ ଏସବୁ ଶୁଣି ଲୁହ ଗଡ଼ାଇଲା। ସନ୍ଧ୍ୟା ହୋଇଯାଉଥିବାରୁ ମହୁମାଛିଟି ସେଠାରୁ ବିଦାୟ ନେଲା। ଏକଦା ପିଲାଙ୍କ ପାଇଁ ଗଳ୍ପଟି ଲେଖିଥିବା ଲେଖକ ଜଣଙ୍କ ଅନ୍ତିମ ପରିଣତି ଲେଖି ନଥିଲେ, କୁଆଡ଼େ ଗଲା ମହୁମାଛି ?

ଯାହା ମନେହୁଏ, ଜଙ୍ଗଲି ମହୁମାଛି ଏବେ ଏକ ପ୍ରକାର ନାନା କାରଣରୁ ବାସହରା। ଖାଦ୍ୟ ଅନ୍ୱେଷଣରେ ଏଣେତେଣେ ବୁଲୁଛନ୍ତି। ଏକ ହିସାବରୁ ଜଣାଯାଏ ଯେ ମଣିଷ ପାଇଁ ଅତି କମ୍‌ରେ ଶହେଟି ଖାଦ୍ୟଶସ୍ୟ ମଧ୍ୟରୁ ୭୦ଟିର ଚାଷ କ୍ଷେତ୍ରରେ ଅମଳ ପାଇଁ ଦାୟୀ ମହୁମାଛିର ପରାଗ ସଙ୍ଗମ। କୀଟନାଶକ ଯଥେଷ୍ଟ ପରିମାଣରେ ବ୍ୟବହାର କରାଯାଉଛି ଚାଷ କ୍ଷେତ୍ରରେ। ଆଉ ପୂର୍ବ ପରି ମହୁମାଛିଙ୍କ ବାସସ୍ଥାନ ନାହିଁ। କ୍ରମଶଃ ଏହି ମାଛିପଲ ନଷ୍ଟ ହୋଇଚାଲିଛନ୍ତି। ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ଦ୍ରୁତ ସହରୀକରଣ କ୍ଷଣ କ୍ଷଣକେ ବଢିଚାଲିଛି। ସହରୀକରଣର ବଜାର ବ୍ୟବସ୍ଥାରେ ଡିସ୍‌ପୋଜେବୁଲ କାଗଜକପ୍ ଚା' ଦୋକାନଗୁଡ଼ିକର ଡଷ୍ଟବିନ୍‌ରେ ଜମା ହୋଇରହୁଛି। ପରେ ସ୍ଥାନୀୟ ପୌରପାଳିକାର ସଫେଇବାଲା ସଫେଇ କରିବା ପାଇଁ ନେବାବେଳେ କିଛି କପ୍‌ରେ ମହୁମାଛିମାନେ ଲାଖି ପ୍ରାଣ ହରାଉଥିବାବେଳେ କଥା କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଜୈବ ବିବିଧତା ପ୍ରାଧିକରଣର ଏକ ଗବେଷଣାତ୍ମକ ରିପୋର୍ଟରେ ଦର୍ଶାଯାଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି।

ଚା' ହେଉ କି କଫି, ଜୁସ୍ ହେଉ କି ମୃଦୁପାନୀୟ । କାଗଜକପ୍‌ରେ ପରଷିବା ପରେ ତାହା ସଂସ୍ପର୍ଶରେ ଆସୁଥିବା ମହୁମାଛିମାନେ ଖାଦ୍ୟ ଅନ୍ୱେଷଣରେ ପ୍ରାୟ ଶୁଖିଆସୁଥିବା ସ୍ଥିତିରେ ଥିବା ଚିନି ଅଂଶ ଶୋଷଣ କରିବାକୁ ଆସି ଅନେକ ଲାଖିଯାଉଛନ୍ତି। ଯେଉଁମାନେ ମୁକୁଳି ପାରୁନାହାନ୍ତି ସେମାନେ ପ୍ରାଣ ହରାଉଛନ୍ତି। ଫୁଲ ଓ ଚିନି ମଧ୍ୟରେ ଫୁଲ ପ୍ରତି ଆକୃଷ୍ଟ ହେବା ମହୁମାଛିର ସହଜାତ ପ୍ରବୃତ୍ତି। ମାତ୍ର ସହରାଞ୍ଚଳରେ କେତେ ସଂଖ୍ୟାରେ ରହିଛି ଫୁଲଗଛ ? ପୁଣି ମହୁମାଛି ବସୁଥିବା ଫୁଲଗଛ ସଂଖ୍ୟା ଅବା କେତେ ? ଏଣେ ଡିସ୍‌ପୋଜେବୁଲ କାଗଜକପ୍‌ର ଆବର୍ଜନା ପାହାଡ଼ ସହରାଞ୍ଚଳରେ ଜମୁଥିବା ଅବା ଏଣେତେଣେ ବିଛାଇ ହୋଇ ପଡୁଥିବା ସମସ୍ତେ ଲକ୍ଷ୍ୟ କରୁଛନ୍ତି। ଏପରି କପ୍‌ର ବ୍ୟବହାର ସ୍ୱାସ୍ଥ୍ୟ ପ୍ରତି କେତେଦୂର ଉପଯୋଗୀ ବା ଅନୁପଯୋଗୀ ତାହାକୁ ବୁଝୁଥିବା ଗ୍ରାହକଙ୍କ ସଂଖ୍ୟା ନିତାନ୍ତ କମ୍।

ଦିନେ ଆମ ରାଜ୍ୟରେ ଚା'ଦୋକାନଗୁଡ଼ିକରେ ନ ଥିଲା ଏପରି କପ୍। ଲୋକେ କିନ୍ତୁ ଚା' ପିଉଥିଲେ, ଥିଲା ଭଲ ଭାବରେ ଧାଡ଼ିକରି ଧୁଆ ହୋଇଥିବା ଛୋଟ କାଚ ଗ୍ଲାସ ଓ କିଛି କପ୍। ସେ ଦୃଶ୍ୟ ଏବେ ବ୍ୟବସାୟୀକରଣରେ ଅତ୍ୟନ୍ତ ବିରଳ। ତଥାକଥିତ ଆଧୁନିକତା 'ୟୁଜ୍ ଆଣ୍ଡ ଥ୍ରୋ'ର ଜାଲରେ ବନ୍ଧା ଜୀବନଚକ୍ରରେ ମରିହଜିଯାଉଥିବା ମହୁମାଛିଙ୍କ ପ୍ରତି ଆମ ଭାବନା ଅବା କେତେ ?

# ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ

## ଡକ୍ଟର ସୁରେଶ କୁମାର ନାୟକ

ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ। ଏହା ଏକ ଆଧ୍ୟାତ୍ମିକ ବିଜ୍ଞାନ। ଯେଉଁ ବିଜ୍ଞାନ ଜୀବାତ୍ମା ଏବଂ ପରମାତ୍ମା ମିଳନର ଶିକ୍ଷା ପ୍ରଦାନ କରିଥାଏ। ଯୋଗର ଲକ୍ଷ୍ୟ ହେଉଛି – ମନୁଷ୍ୟକୁ ପ୍ରକୃତିର ଦାସତ୍ୱରୁ ମୁକ୍ତ କରି ତାକୁ ନିଜ ସ୍ୱରୂପର ସାକ୍ଷାତକାର କରାଇବା। ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି – 'ବ୍ରହ୍ମଦର୍ଶନ କରିବା ଓ ଈଶ୍ୱରଙ୍କ ମଧ୍ୟରେ ନିବାସ କରିବା ହେଉଛି ଯୋଗସାଧନାର ସାରକଥା।' ଏବେ ଭାରତୀୟ ଯୋଗଦର୍ଶନ ଗିରିକନ୍ଦର ତଥା ପାହାଡ଼ି ପର୍ବତର ଗୁମ୍ଫାରୁ ବାହାରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏହାର ଶକ୍ତି ସାମର୍ଥ୍ୟ ଏବଂ ଅଲୌକିକତା ଦ୍ୱାରା ସାଧାରଣ ଲୋକଙ୍କ ପରି ବୈଜ୍ଞାନିକଗଣ ମଧ୍ୟ ଆକର୍ଷିତ ହେଉଛନ୍ତି। ଏ ପର୍ଯ୍ୟନ୍ତ ସେମାନେ କେବଳ ଯୋଗର ସ୍ଥୂଳ ଲାଭ ସହିତ ପରିଚିତ। ଯେଉଁଦିନ ଏହାର ସମସ୍ତ ସୂକ୍ଷ୍ମଲାଭ ସହିତ ପରିଚିତ ହେବେ, ସେ ଦିନ ଆଧ୍ୟାତ୍ମିକ ବିଜ୍ଞାନ ଏବଂ ଆଧୁନିକ ବିଜ୍ଞାନ ଏ ଦୁଇ ବିଜ୍ଞାନର ମିଳିତ ସହଯୋଗରେ ଏକ ନୂତନ ବିଶ୍ୱର ଅଭ୍ୟୁଦୟ ହେବ ଏକଥା ସୁନିଶ୍ଚିତ। ଏବେ ଏଇ ଯୋଗବିଜ୍ଞାନର ରେକୀ, ପ୍ରାଣିକ୍ ହିଲିଙ୍ଗ ଭଳି କେତୋଟି ପ୍ରଭାବଶାଳୀ ପଦ୍ଧତି ସମଗ୍ର ବିଶ୍ୱରେ ଚହଳ ସୃଷ୍ଟି କରିଛି।

କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗ, ଜପଯୋଗ, ରାଜଯୋଗ – ଏହି ଭଳି ଭାବେ ଯୋଗ ଅନେକ ପ୍ରକାର ଅଛି। ମହର୍ଷି ପତଞ୍ଜଳିଙ୍କ ଯୋଗସୂତ୍ରରେ ରାଜଯୋଗ ସମ୍ବନ୍ଧରେ ପୂର୍ଣ୍ଣରୂପେ ତର୍ଜମା କରାଯାଇ ଯୋଗ ପଦ୍ଧତିକୁ ସୁବ୍ୟବସ୍ଥିତ ରୂପେ ବର୍ଣ୍ଣନା କରାଯାଇଛି ଏବଂ ସାଧକଙ୍କର ଅଗ୍ରଗତି ସମ୍ବନ୍ଧରେ ତାର ଆବଶ୍ୟକତା ପ୍ରତିପାଦିତ ହୋଇଛି। ରାଜଯୋଗ ହେଉଛି ବିଜ୍ଞାନ ସମ୍ମତ ଏବଂ ଦୃଢ଼ ମନସ୍ତାତ୍ତ୍ୱିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଏକ ସଂକ୍ଷିପ୍ତ ତଥା ପ୍ରତ୍ୟକ୍ଷ ମୌଳିକ ପ୍ରଣାଳୀ। ଏହା ଯମ, ନିୟମ ଆଦି ବହିଃରଙ୍ଗ ଯୋଗ (ଆସନ, ପ୍ରାଣାୟାମ, ପ୍ରତ୍ୟାହାର) ଏବଂ ଅନ୍ତରଙ୍ଗ ଯୋଗ (ଧାରଣା, ଧ୍ୟାନ, ସମାଧି) ରୂପେ କ୍ରମବଦ୍ଧ ହୋଇଛି।

ମହର୍ଷି ପତଞ୍ଜଳିଙ୍କ ମତରେ ଚିତ୍ତବୃତ୍ତିର ସଂଶୋଧନ ହେଉଛି ଯୋଗର ଉଦ୍ଦେଶ୍ୟ। ସେହିକଥାକୁ ଉପନିଷଦ ଭାଷାରେ ଉଲ୍ଲେଖ ରହିଛି 'ପଶୁପ୍ରବୃତ୍ତିକୁ ପରିବର୍ତ୍ତନ କରି ଦିବ୍ୟ ଆତ୍ମାର ସ୍ୱରୂପ ଦେବା ପ୍ରକ୍ରିୟାର ନାମ ଯୋଗ।' ମହର୍ଷି ଅରବିନ୍ଦ ଲେଖିଛନ୍ତି – 'ମନର ନିମ୍ନଗାମୀ ପ୍ରବୃତ୍ତିକୁ ଊର୍ଦ୍ଧ୍ୱଗାମୀ ଦିଗ ନିର୍ଦ୍ଦେଶ ଦେବା ଯୋଗର ଉଦ୍ଦେଶ୍ୟ।' ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି – 'ପରମାତ୍ମାଙ୍କ ସହିତ ଯୋଗ ବା ମିଳନ ହିଁ ଜୀବନର ପରମ ଲକ୍ଷ୍ୟ । ଯୋଗ ସକଳ ଦୁଃଖକଷ୍ଟ ଏବଂ ସମସ୍ତ ଅଶାନ୍ତି ଦୂର କରେ। ଯୋଗ ଜନ୍ମମୃତ୍ୟୁ ରୂପକ ସଂସାର ଚକ୍ରରୁ ମୁକ୍ତି ଦିଏ। ଯୋଗଜ୍ଞାନ ମାଧ୍ୟମରେ ବିଭିନ୍ନ ସିଦ୍ଧି ଓ ମୁକ୍ତି ପ୍ରଦାନକାରୀ ଅମରତ୍ୱର ଅମୃତପାନ କରନ୍ତୁ ଏବଂ ଜଣେ ଯୋଗୀ ହୋଇଯାଆନ୍ତୁ।'

ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି – ଯେଉଁମାନେ ହୃଦୟଙ୍ଗମ କରିଛନ୍ତି ଯେ, ସଂସାରର ବିଷୟସୁଖ କ୍ଷଣଭଙ୍ଗୁର, ଭ୍ରାନ୍ତ, ଅନ୍ତଃସାରଶୂନ୍ୟ ଓ ଅସାର, କେବଳ ସେହିମାନେ ହିଁ ଯୋଗସାଧନା ପାଇଁ ଯୋଗ୍ୟ। ଯୋଗମାର୍ଗର ସାଧକ ନମ୍ର, ସାଧୁ, ସରଳ, ଭଦ୍ର, ଶିଷ୍ଟ, ସହନଶୀଳ, କାରୁଣିକ ଓ ଦୟାଳୁ ହେବା ଉଚିତ। ଧୈର୍ଯ୍ୟ, ଉତ୍ସାହ ଓ ଦୃଢ଼ ସଂକଳ୍ପବାଦ ବ୍ୟକ୍ତି ହିଁ ଏହି ମାର୍ଗରେ ଗତି କରିପାରନ୍ତି। ଯିଏ ନିଜର ଆରାମ ଓ ସୁଖକୁ ଉପେକ୍ଷା କରି ସର୍ବଦା ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ, ସେ ହେଉଛନ୍ତି ଅଧ୍ୟାତ୍ମମାର୍ଗର ଜଣେ ପ୍ରକୃତ ଉନ୍ନତ ସାଧକ। ଯେଉଁ ସାଧକଙ୍କ ଠାରେ ପରଦୋଷ ଦର୍ଶନ କରିବାର ଆଗ୍ରହ ଥାଏ, ଯେ ଦୁର୍ନୀତିପରାୟଣ ଓ ଅସଂଯତ ସେ ସାଧନାରେ ଉନ୍ନତି କରିପାରନ୍ତି ନାହିଁ। ଯାହାଙ୍କର ଗୁରୁବାକ୍ୟ ଏବଂ ଶାସ୍ତ୍ରରେ ଶ୍ରଦ୍ଧା ଥାଏ ସେହି ହିଁ ଏଥିପାଇଁ ଅଧିକାରୀ ସାଧକ।

କଟକ, ଦୂରଭାଷ : ୯୪୩୭୨୨୫୫୯୨

# ବହି ବିଭ୍ରାଟ : ଅବହେଳା ନୁହେଁ ଅପରାଧ

## ଡକ୍ଟର ପ୍ରମୋଦ କୁମାର ପଣ୍ଡା

"ପାଠ୍ୟପୁସ୍ତକ ପ୍ରସ୍ତୁତି ଏକ କଠିନ କାମ। ଏହାର ପ୍ରତ୍ୟେକ ଚରଣ ପାଇଁ ପର୍ଯ୍ୟାପ୍ତ ସମୟ ଆବଶ୍ୟକ। ଧୀର ମନ ଓ ସ୍ଥିର ଚିତ୍ତରେ କାମ ନ କଲେ ଭୁଲ ହେବାର ଆଶଙ୍କା ଅଧିକ ବଢିଯାଏ। ୫୫ ଖଣ୍ଡ ବହିରେ ୧୬୭୮ ଭୁଲ ଛୋଟ କଥା ନୁହଁ। ପିଲାର ଶିକ୍ଷଣ ପାଠ୍ୟପୁସ୍ତକ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ବହିରେ ଯାହା ଅଛି ପିଲା ତାହା ଶିଖିବ। ତେଣୁ ସ୍କୁଲ ବହି ସବୁ ନିର୍ଭୁଲ ହେବା ନିହାତି ଜରୁରୀ। ନିମ୍ନଶ୍ରେଣୀରେ ପିଲା ଭୁଲ ଶିଖିଲେ ଉପର ଶ୍ରେଣୀରେ ତାକୁ ଠିକ୍ କରିବା କଷ୍ଟକର ହୋଇପଡେ। ଶୂନ୍ୟ ତ୍ରୁଟିରେ ପାଠ୍ୟପୁସ୍ତକ ପ୍ରସ୍ତୁତ ହେବା ଉଚିତ। ତ୍ରୁଟି ପାଇଁ ଶୂନ୍ୟ ସହନଶୀଳତା ନୀତି ଅନିବାର୍ଯ୍ୟ ଅଟେ। କାରଣ ଏହା ପିଲାଙ୍କ ଭବିଷ୍ୟତର ବିଷୟ। ଥରେ ବିଗିଡ଼ିଲେ ସଜାଡ଼ିବା ପ୍ରାୟତଃ ଅସମ୍ଭବ। ଭୁଲ ଯୋଗୁଁ ସରକାର ଓ ଶିକ୍ଷାବ୍ୟବସ୍ଥା ନିନ୍ଦିତ ହେଉଛନ୍ତି।

ଆମ ରାଜ୍ୟ ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି, ୨୦୨୦ ଗତ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ ହେଲା। ଶିକ୍ଷା ବ୍ୟବସ୍ଥାରେ ଢାଞ୍ଚାଗତ ପରିବର୍ତ୍ତନ ଅସିଲା। ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ, ଏନସିଇଆରଟି ଜାତୀୟ ପାଠ୍ୟକ୍ରମ ଆଧାର, ଏନ୍‌ସିଏଫ୍ ପ୍ରସ୍ତୁତ କରିଥାଏ। ଦେଶରେ ବିଦ୍ୟାଳୟ ଶିକ୍ଷାର ଗୁଣବତ୍ତା, ପାଠ୍ୟକ୍ରମ ଏବଂ ଶିକ୍ଷଣ ପଦ୍ଧତିର ଉନ୍ନତି ଆନୟନ ପାଇଁ ଏହା ଏକ ଆଧିକରିକ ଦିଶାନିର୍ଦ୍ଦେଶ। ଏନ୍‌ସିଏଫ୍‌ର ଅନୁସରଣରେ ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ, ଏସସିଇଆରଟି ରାଜ୍ୟ ପାଠ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରିଥାଏ। ଏହାରି ଆଧାରରେ ପାଠ୍ୟପୁସ୍ତକ ତିଆରି ହୋଇଥାଏ। ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଚଳିତ ପାଠ୍ୟପୁସ୍ତକ ପ୍ରସ୍ତୁତି ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ଦାୟିତ୍ୱ। ଚୂଡ଼ାନ୍ତ ସମୀକ୍ଷା ପରେ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଓସେପା ଟିବିପିଏମ୍‌କୁ ବହି ଛାପିବା ଦାୟିତ୍ୱ ଦେଇଥାନ୍ତି।

ଜାତୀୟ ପାଠ୍ୟକ୍ରମ ଆଧାର, ଏନ୍‌ସିଏଫ୍ ଅନୁସାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୧୯ ଜାଣିଆ ଷ୍ଟିୟରିଂ କମିଟିର ମାର୍ଗଦର୍ଶନରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ – ବିଦ୍ୟାଳୟ ଶିକ୍ଷା-୨୦୨୫ ପ୍ରସ୍ତୁତ କଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୫୫ ଖଣ୍ଡ ବହି ଏନସିଇଆରଟି ଢାଞ୍ଚାରେ ବିକଶିତ କରିବା ଏବଂ ଛାପିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତଦନୁଯାୟୀ ପ୍ରତି ବିଷୟରେ କମିଟି ଗଠିତ ହେଲା। ଏଥିରେ ସମ୍ପାଦକ ମଣ୍ଡଳୀ, ସମୀକ୍ଷକ ମଣ୍ଡଳୀ, ବିଷୟ ବିଶେଷଜ୍ଞ ରହିଲେ। ସଂଯୋଜକ ଓ ମୁଖ୍ୟ ସଂଯୋଜକ ନିୟୋଜିତ ହେଲେ। ବରିଷ୍ଠ ବିଶେଷଜ୍ଞ ଓ ଶିକ୍ଷାବିତମାନଙ୍କୁ ନେଇ କୋର୍ କମିଟି ଗଠିତ ହେଲା। ପାଠ୍ୟପୁସ୍ତକ ବିକାଶ ପାଇଁ ଦୁଇଟି କର୍ମଶାଳା ମଧ୍ୟ ଆୟୋଜିତ ହୋଇଛି। ଏନସିଇଆରଟି ବହିର ୮୫% ରୁ ୯୦% ଅନୁବାଦିତ ହୋଇଛି। ୧୦% ରୁ ୧୫% ବିଷୟବସ୍ତୁ ପାଠ୍ୟପୁସ୍ତକରେ ଯୋଡ଼ାଯାଇଛି।

ଯାହା ଖବର ଆସୁଛି, ଅନୁବାଦ ହେବା ପରେ ସମୀକ୍ଷା, ସମୀକ୍ଷା ପରେ ସଂଶୋଧନ, ସଂଶୋଧନ ପରେ ଡିଟିପି, ଡିଟିପି ପରେ ପ୍ରୁଫ୍ ରିଡିଙ୍ଗ, ପ୍ରୁଫ୍ ରିଡିଙ୍ଗ ପରେ ଏକ୍ସପାର୍ଟ ରିଭ୍ୟୁ ଏବଂ ଏକ୍ସପର୍ଟ ରିଭ୍ୟୁ ପରେ ପ୍ରସ୍ତୁତ ହୋଇଥିବା ବହିସବୁ କୋର୍ କମିଟି ଦ୍ୱାରା ଅନୁମୋଦିତ ହୋଇଛି। ତତ୍ପରେ ପ୍ରେସକୁ ଛପା ହେବା ପାଇଁ ଯାଇଛି। ଅନୁବାଦ ପରେ ସମୀକ୍ଷା ନ ହୋଇ ଡିଟିପି ପରେ ସମୀକ୍ଷା ହୋଇଥିଲେ ଠିକ୍ ହୋଇଥାନ୍ତା। ଭୁଲଭାଲ ଜଣାପଡିଥାନ୍ତା। ପ୍ରୁଫ୍ ରିଡିଙ୍ଗ ଓ ସମୀକ୍ଷା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇନାହିଁ ବୋଲି ଅଭିଯୋଗ ହେଉଛି। ଖଣ୍ଡିଏ ବହିକୁ ଗୋଟିଏ ଦିନରେ ସମୀକ୍ଷା କରିବା ପାଇଁ କୁହାଯାଇଛି।

ପାଠ୍ୟପୁସ୍ତକ ପ୍ରସ୍ତୁତି ଏକ କଠିନ କାମ। ଏହାର ପ୍ରତ୍ୟେକ ଚରଣ ପାଇଁ ପର୍ଯ୍ୟାପ୍ତ ସମୟ ଆବଶ୍ୟକ। ଧୀର ମନ ଓ ସ୍ଥିର ଚିତ୍ତରେ କାମ ନ କଲେ ଭୁଲ ହେବାର ଆଶଙ୍କା ଅଧିକ ବଢିଯାଏ। ୫୫ ଖଣ୍ଡ ବହିରେ ୧୬୭୮ ଭୁଲ ଛୋଟ କଥା ନୁହଁ। ପିଲାର ଶିକ୍ଷଣ ପାଠ୍ୟପୁସ୍ତକ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ବହିରେ ଯାହା ଅଛି ପିଲା ତାହା ଶିଖିବ। ତେଣୁ ସ୍କୁଲ ବହି ସବୁ ନିର୍ଭୁଲ ହେବା ନିହାତି ଜରୁରୀ। ନିମ୍ନଶ୍ରେଣୀରେ ପିଲା ଭୁଲ ଶିଖିଲେ ଉପର ଶ୍ରେଣୀରେ ତାକୁ ଠିକ୍ କରିବା କଷ୍ଟକର ହୋଇପଡେ। ଶୂନ୍ୟ ତ୍ରୁଟିରେ ପାଠ୍ୟପୁସ୍ତକ ପ୍ରସ୍ତୁତ ହେବା ଉଚିତ। ତ୍ରୁଟି ପାଇଁ ଶୂନ୍ୟ ସହନଶୀଳତା ନୀତି ଅନିବାର୍ଯ୍ୟ ଅଟେ। କାରଣ ଏହା ପିଲାଙ୍କ ଭବିଷ୍ୟତର ବିଷୟ। ଥରେ ବିଗିଡ଼ିଲେ ସଜାଡ଼ିବା ପ୍ରାୟତଃ ଅସମ୍ଭବ। ଭୁଲ ଯୋଗୁଁ ସରକାର ଓ ଶିକ୍ଷାବ୍ୟବସ୍ଥା ନିନ୍ଦିତ ହେଉଛନ୍ତି। ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି। ସମାଜ ସରକାରଙ୍କ ପାରିବାପାଣିଆ ଓ ପାରଦର୍ଶିତା ଉପରେ ପ୍ରଶ୍ନ କରୁଛି। ଯାହା ଠିକ। ଉଚିତ ମଧ୍ୟ। କୋମଳମତି ଶିଶୁଙ୍କ ଖଣ୍ଡିଏ ଖଣ୍ଡିଏ ପଢ଼ା ବହିରେ ଶତାଧିକ ତ୍ରୁଟି ଅବହେଳା ନୁହଁ, ଅକ୍ଷମଣୀୟ ଅପରାଧ ଅଟେ। କେବେ ବି ମାର୍ଜନୀୟ ନୁହେଁ। ଅଷ୍ଟମ ଶ୍ରେଣୀ ବହିରେ ୭୦୫, ସପ୍ତମଶ୍ରେଣୀ ବହିରେ ୩୮୭, ଷଷ୍ଠ ଶ୍ରେଣୀ ବହିରେ ୨୮୯, ପଞ୍ଚମ ଶ୍ରେଣୀରେ ୭୫, ଚତୁର୍ଥ ଶ୍ରେଣୀ ବହିରେ ୧୩୨, ତୃତୀୟ ଶ୍ରେଣୀ ବହିରେ ୭୫, ଦ୍ୱିତୀୟ ଶ୍ରେଣୀ ବହିରେ ୨ ଓ ପ୍ରଥମ ଶ୍ରେଣୀ ବହିରେ ୧୨ ଗୋଟି ଭୁଲ୍ ଚିହ୍ନଟ କରାଯାଇଛି ।

ଅଭିଜ୍ଞ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ନେଇ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପ୍ରସ୍ତୁତ କରିଥିବା ପୁସ୍ତକ ଗୁଡ଼ିକରେ ଏତେ ସଂଖ୍ୟକ ତ୍ରୁଟି ଅତ୍ୟନ୍ତ ପରିତାପର ବିଷୟ। ଶବ୍ଦର ବନାନଠାରୁ ଆରମ୍ଭ କରି ମହାପୁରୁଷଙ୍କ ନାମ ସବୁଥିରେ ତ୍ରୁଟି ଦେଖିବାକୁ ମିଳିଛି। ନୂଆ ବହିରେ ଓଡ଼ିଶା ବିଧାନସଭା ଚିତ୍ର ସ୍ଥାନରେ କର୍ଣ୍ଣାଟକ ବିଧାନସଭାର ଚିତ୍ର ସ୍ଥାନିତ ହୋଇଛି। ଓଡ଼ିଶା ନିୟମଗିରିକୁ ଝାଡ଼ଖଣ୍ଡର ନିୟମଗିରି, ସୁନନ୍ଦା ପଟ୍ଟନାୟକଙ୍କ ନାମକୁ ସନନ୍ଦା ପଟ୍ଟନାୟକ ବୋଲି ଉଲ୍ଲେଖ ହୋଇଛି। ନୀଳକଣ୍ଠ ଦାସଙ୍କ ନାମକୁ ନୀଳକଣ୍ଠ ଦାଶ, ହୀରା ବଦଳରେ ସୁନା ଓ ଡଙ୍ଗରିଆ ଜନଜାତିଙ୍କୁ ଡୋଙ୍ଗାରିଆ ଭାବେ ଉଲ୍ଲିଖିତ ହୋଇଛି। ଗଞ୍ଜାମ ଜିଲ୍ଲାକୁ ବ୍ରହ୍ମପୁର ଜିଲ୍ଲା ଲେଖାଯାଇଛି। ଏତେସବୁ ତଥ୍ୟଗତ ଓ ବ୍ୟାକରଣଗତ ତ୍ରୁଟିବିଚ୍ୟୁତି ସତ୍ତ୍ୱେ ଏହାକୁ ଅତ୍ୟନ୍ତ ହାଲୁକା ଭାବେ ନେବା, ଏ ବର୍ଷର ପାଠ୍ୟପୁସ୍ତକକୁ ପରୀକ୍ଷାମୂଳକ ସଂସ୍କରଣ କହିବା ଏବଂ ଭୁଲ ସବୁର ଏକ ତାଲିକା କରି ଶିକ୍ଷକଙ୍କ ହାତରେ ଧରାଇଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପାଠ୍ୟପୁସ୍ତକ ମୁଦ୍ରଣ ପୂର୍ବରୁ ତାଲିକା ତିଆରି କରି ଯଥୋଚିତ ସଂଶୋଧନ କରିଥିଲେ ମଧ୍ୟ ଠିକ୍ ସେତିକି ସମୟ ଓ ଶକ୍ତି ଖର୍ଚ୍ଚ ହୋଇଥାନ୍ତା ବର୍ତ୍ତମାନ ଯେତିକି ସମୟ ଓ ଶକ୍ତି ଲାଗୁଛି। ବରଂ ସେୟା କରିଥିଲେ ତ୍ରୁଟି ଶୂନ୍ୟ ପାଠ୍ୟପୁସ୍ତକ ପିଲାଙ୍କ ପାଖକୁ ପହଞ୍ଚି ପାରିଥାନ୍ତା। ସରକାରଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିନଥାନ୍ତା। ଧନହାନି ପ୍ରାଣପୀଡ଼ା ହୋଇନଥାନ୍ତା। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏଥିସକାଶେ ଏକ ତିନି ଜଣିଆ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି। ସାତଦିନ ମଧ୍ୟରେ ଉକ୍ତ କମିଟି ତାଙ୍କର ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ।

ଗ୍ରୀଷ୍ମ ଅବକାଶ ପରେ ସ୍କୁଲ ସବୁ ୧୮ ତାରିଖରୁ ଖୋଲୁଛି। ଏବେ ପିଲାଙ୍କ ପାଠପଢ଼ା ଆରମ୍ଭ ହେବ। ପାଠ୍ୟପୁସ୍ତକ ପହଞ୍ଚି ସାରିଛି। ଏପରି ସ୍ଥଳେ ଶିକ୍ଷକଙ୍କ ହାତରେ ଏକ ତାଲିକା ଦେଇ ଘଟିଥିବା ତ୍ରୁଟିବିଚ୍ୟୁତି ସୁଧାରି ପିଲାଙ୍କୁ ପଢାଇବାକୁ ନିର୍ଦ୍ଦେଶ ଦେଇ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇଦେବା କେତେ ଦୂର ସମୀଚୀନ ? କ'ଣ ଶିକ୍ଷକସବୁ ସବୁପିଲାଙ୍କ ସବୁ ବହି ସ୍କୁଲରେ ସଂଶୋଧନ କରିବେ ? ଯଦି ବି କରନ୍ତି ତେବେ ତାହା ପିଲାଙ୍କ ପାଇଁ ସ୍ପଷ୍ଟ ହେବ କେମିତି ବୁଝାପଡୁନାହିଁ। ସ୍ଥାନିତ ଭୁଲ ଚିତ୍ର ସଂଶୋଧିତ ହେବ କିପରି ? ପିଲା କ'ଣ କେବଳ ବିଦ୍ୟାଳୟରେ ପାଠ୍ୟପୁସ୍ତକ ବ୍ୟବହାର କରିବେ ? ଘରେ ପଢ଼ିବେ ନାହିଁ ? ଏମିତି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ଖୋଜିଲେ ମଧ୍ୟ ମିଳେନାହିଁ। ସରକାର ପାଠ୍ୟପୁସ୍ତକ ପ୍ରସ୍ତୁତିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ବିତରିତ ସବୁ ବହି ଫେରସ୍ତ କରି ନୂଆ ଶୁଦ୍ଧ ବହି ଯୋଗାଇବା ସହଜ ନୁହେଁ। ଆଗାମୀ ଦିନରେ ଏପରି ଭୁଲର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ଯତ୍ନଶୀଳ ହେବାର ଆବଶ୍ୟକତା ରହିଛି। ପାଠ୍ୟପୁସ୍ତକ ପ୍ରସ୍ତୁତି ପାଇଁ ଅଭିଜ୍ଞ ଶିକ୍ଷକ, ବିଷୟ ବିଶେଷଜ୍ଞ, ସମୀକ୍ଷକ ଚୟନ ବେଳେ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ। ଏକ ଆଦର୍ଶ ପରିଚାଳନା ପଦ୍ଧତି ପ୍ରସ୍ତୁତ କରିପାରିଲେ ଭଲ। ପାଠ୍ୟପୁସ୍ତକ ପ୍ରସ୍ତୁତିରେ ସଂଶ୍ଲିଷ୍ଟ କର୍ମଚାରୀ ଚାପ ମୁକ୍ତ ହୋଇ କାମ କରିବା ଦରକାର। ତାଙ୍କୁ ଯଥେଷ୍ଟ ସମୟ ଦେବା ନିହାତି ଜରୁରୀ। ପ୍ରୁଫ୍ ରିଡିଂ ପାଠ୍ୟପୁସ୍ତକ ପ୍ରସ୍ତୁତିର ସବୁଠୁ କଠିନ ଓ ସମୟ ସାପେକ୍ଷ ବ୍ୟାପାର। କୁଶଳୀ ବ୍ୟକ୍ତି ଚିହ୍ନଟ, ନିୟୋଜିତ ଏବଂ ତରବରିଆ ପଦକ୍ଷେପ ନ ହେଲେ ଭୁଲ ହେବ ନାହିଁ। ଏତଦ୍ ବ୍ୟତିରେକ ବହୁ-ସ୍ତରୀୟ ତଦାରଖ କମିଟି ଗଠନ ଓ କାର୍ଯ୍ୟକାରୀ ହେବା ଉଚିତ। ପ୍ରତ୍ୟେକ ଶ୍ରେଣୀର ପ୍ରତ୍ୟେକ ପାଠ୍ୟପୁସ୍ତକ ମୁଦ୍ରିତ ସାମ୍ପୁଲ କପି ଅନ୍ତତଃ ତିନିଜଣ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ତର୍ଜମା ଓ ସଂଶୋଧନ ହେବା ପରେ ସମୂହ ମୁଦ୍ରଣ ପାଇଁ ଆଦେଶ ଦେଲେ ଶୂନ୍ୟ ତ୍ରୁଟି ନିଶ୍ଚିତ କରାଯାଇପାରିବ।

ଓଡ଼ିଶାରେ ପାଠ୍ୟପୁସ୍ତକ ପ୍ରସ୍ତୁତି, ପ୍ରିଣ୍ଟିଙ୍ଗ ଓ ବିତରଣ ନୂଆ ନୁହେଁ। ବର୍ଷ ବର୍ଷ ଧରି ଏ କାମ ହୋଇଆସୁଛି। କିନ୍ତୁ ଏଭଳି ତ୍ରୁଟି ଅତୀତରେ କେବେ ପରିଲକ୍ଷିତ ହୋଇନଥିଲା। ପିଲାଙ୍କ ଭବିଷ୍ୟତ ସହ ଖେଳିବା କେବେ ମଧ୍ୟ ଅବହେଳା ହୋଇନପାରେ। ଏହା ଏକ ଅପରାଧ। ତଦନ୍ତ ଆଧାରରେ ଦୋଷୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି। ନଚେତ୍ ବ୍ୟବସ୍ଥା ଉପରୁ ଲୋକଙ୍କ ଆସ୍ଥା ଉଠିଯିବ। କେଜିରୁ ପିଜି ଯାଏ ମାଗଣା ଶିକ୍ଷାର ସରକାରଙ୍କ ସୁନେଲି ସ୍ୱପ୍ନ ସ୍ୱପ୍ନରେ ରହିଯିବ। ସାକାର ହେବ ନାହିଁ। ଶିକ୍ଷାର ଗୁଣାତ୍ମକ ଅବକ୍ଷୟ ନିଶ୍ଚିତ। ଏହା ନିଃସନ୍ଦେହ। ଚାଷ ହୁଡ଼ିଲେ ବରଷେ, ପାଠ ହୁଡ଼ିଲେ ପୁରୁଷେ । ଏ କଥା ମନେ ରହିଲେ ଏପରି ତ୍ରୁଟି ହେବ ନାହିଁ।

ମୋ-୭୯୭୮୨୮୩୧୯୦

# ମାନସିକ ସ୍ୱାସ୍ଥ୍ୟ ଓ ଯୋଗ

## ଡା.ସମ୍ରାଟ କର

"ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା। କିନ୍ତୁ ଦୈବୀ ପ୍ରୀତି, ପାପଭିତ୍ତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବା ବାଞ୍ଛନୀୟ। ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘକାଳୀନ ସତ୍ୟ ହେଲେ ଏହି କ୍ଷେତ୍ର ପାଇଁ ଯେହେତୁ ମୁଁ ମାର୍ଗଦର୍ଶନ କରୁଛି ତେଣୁ ଏହା ହିଁ କହିବି ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ, ପ୍ରାଣାୟମର ଆବଶ୍ୟକତା ରହିଛି।

ପ୍ରତିବର୍ଷ ଜୁନ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସ ଅନୁଷ୍ଠିତ ହେଉଛି। ଚଳିତ ବର୍ଷର ବାର୍ତ୍ତା ରହିଛି – 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ'। ବର୍ତ୍ତମାନ ସବୁଠାରେ, ସବୁ କ୍ଷେତ୍ରରେ ବ୍ୟସ୍ତତା ଆମେ ଦେଖୁଛୁ। ତେଲ ଲୁଣ ସଂସାରକୁ ଚଳାଇବା ନିମିତ୍ତ ବୃତ୍ତିଗତ କ୍ଷେତ୍ର ତ ନିଶ୍ଚୟ କିନ୍ତୁ ସାଧାରଣ ସଚେତନତାର ଅଭାବରୁ ମାନସିକ ସ୍ଥିତି ବିଗିଡ଼ି ଯାଏ। ପ୍ରଥମ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ କିନ୍ତୁ ତଥାକଥିତ ଝଡ଼ାଫୁଙ୍କା, ଗୁଣି ଗାରେଡ଼ିରୁ ଫେଲ୍ ହେଲା ପରେ ଯେଉଁମାନେ ବି ଆସନ୍ତି ସେମାନଙ୍କ ପାଇଁ ଆମର ଚିକିତ୍ସା ବ୍ୟବସ୍ଥା ସ୍ୱତନ୍ତ୍ର ରହିଥାଏ। ଏହି ଲେଖକଙ୍କ ମନକଥା ଜାଣନ୍ତୁ । ମାନସିକ ରୋଗର ସମସ୍ତ ଦୃଷ୍ଟିକୋଣକୁ ଚିନ୍ତନ କରିବା ସହ ଆବଶ୍ୟକ ପରାମର୍ଶ ଓ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି। ମାନସିକା ବିଷାଦ, ଅବସାଦ, ହତୋତ୍ସାହ ହେଉ ବା ବର୍ତ୍ତମାନ ସମୟରେ କୁହାଯାଉଥିବା ମାନିଆ ବୋଇଲେ ଅତ୍ୟଧିକ ମାନସିକ ଉତ୍‌ଫୁଲ୍ଲତା, ଉନ୍ମାଦତା। ନିଜକୁ ସନ୍ଦେହକରି ବିଭିନ୍ନ ଭୟକୁ ଆଚ୍ଛାଦିତ କରୁଥିବା ରୋଗୀମାନଙ୍କ ପାଇଁ ପ୍ରସଙ୍ଗ ହେଉଛି ସିଜୋଫ୍ରେନିଆ। ତେବେ ଅତ୍ୟଧିକ ଛାନିଆ କୁହାଯାଉଥିବା ଆଙ୍ଗଜାଇଟି ଏବଂ ନିର୍ଦ୍ଦିଷ୍ଟ ସ୍ଥାନ, ବସ୍ତୁ ଓ କାର୍ଯ୍ୟ ପ୍ରସ୍ତୁତିକୁ ଦେଖି ଯେଉଁ ଅହେତୁକ ଭୟ ପରିଦର୍ଶିତ ହୋଇଥାଏ ତାହା ହେଉଛି ଫୋବିୟା। ଯଦିଓ ହିଷ୍ଟେରିଆ, ନିଶା, ନିଦ ନ ହେବା, ସ୍ୱପ୍ନ, ଯୌନ ସମସ୍ୟା ପରି ବିଭିନ୍ନ ପ୍ରସଙ୍ଗରେ ଏହି ଗଣମାଧ୍ୟମ ଦ୍ୱାରା ସଚେତନତାର ବାର୍ତ୍ତା ଦେଉଛି ସର୍ବଦା ନିଜର ନିୟମିତ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ସଚେତନତାର ବାର୍ତ୍ତା ପ୍ରସାର କରିବା।

ଆନ୍ତର୍ଜାତିକ ଯୋଗ ଦିବସ ପାଳନ ହେଉଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସଂକ୍ରାନ୍ତ ତଥ୍ୟ ଜାତିସଂଘକୁ ଦେବାପରେ ଜୁନ ୨୧ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ପାଳିତ ହେଉଛି। ଅନେକ ହୁଏତ ଜାଣିନଥାନ୍ତି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ବା ପରାମର୍ଶ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଥାଏ ପରିପାର୍ଶ୍ୱିକ ଅବସ୍ଥିତି। ତଥାକଥିତ ପ୍ରାଣାମୟ ହେଉ ବା ଯୋଗାଭ୍ୟାସ ଏହା ନିଶ୍ଚିତ ଭାବରେ କେବଳ ରୋଗୀ ନୁହନ୍ତି ସମସ୍ତଙ୍କ ପାଇଁ ଏକ ଆନନ୍ଦର ସୁଯୋଗ। ପ୍ରଶ୍ନ ଉଠୁଛି ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୋଗର ପ୍ରାସଙ୍ଗିକତା କ'ଣ ରହିଛି ? ଏହା ଅଟଳ ସତ୍ୟ ଯେ ଯୋଗ ହେଉ ବା ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ହେଉ ବା ସମ୍ମାନଜନକ ଦଣ୍ଡବୁଲା ଏହି କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ରଖିଥାଏ। ମାନସିକ ରୋଗକୁ ସମ୍ମୁଖୀନ ହେଉଥିବା ରୋଗୀମାନେ ନିଶ୍ଚିନ୍ତ ଭାବରେ ଏହି ରୋଗର ସର୍ବୋତ୍ତମ ଚିକିତ୍ସକଙ୍କୁ ସାକ୍ଷାତ କରିବା। ଏବଂ କୌଣସି କ୍ଷେତ୍ରରେ ବି ନିଜ ପୂର୍ବ ସମୟର ମୁହୂର୍ତ୍ତକୁ ଲୁଚାଇବା ନାହିଁ। ସାମ୍ପ୍ରତିକ ସମୟରେ କର୍ମ ବ୍ୟସ୍ତତା ବା ଚୁଲି ଚଟୁର ଦାୟିତ୍ୱ ଭିତରେ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଜଣେ ଚରିତ୍ର ହେଉ କିନ୍ତୁ ଏହା ହିଁ ପ୍ରୟୋଜନ ଯେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗର ପ୍ରାସଙ୍ଗିକତାକୁ ଉପଲବ୍ଧି କରିବା। ଏକ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଏବେ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ଯୋଗକୁ ଗୁରୁତ୍ୱ ଦେଇଛି। ବର୍ତ୍ତମାନର ସମାଜ, ପରିବେଶ ଏବଂ ପରିପାର୍ଶ୍ୱ ଅବସ୍ଥିତିର କ୍ଷେତ୍ର ଯାହା ନିଜ ବ୍ୟକ୍ତିଗତ ଜୀବନରେ ଯୋଗ କରିବା ନିଶ୍ଚିତ ଭାବେ ବାଞ୍ଛନୀୟ।

ବିଶେଷକରି ମାନସିକ ରୋଗ ଚିକିତ୍ସା ପାଇଁ ଛଟପଟ ହେଉଥିବା ପାରିପାର୍ଶ୍ୱିକ ସ୍ଥିତି ଥିଲେ ବି ଏହାର କୌଣସି ସମାଧାନ ହୋଇପାରିନଥାଏ। କାରଣ ମାନସିକ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଜଣେ କୌଣସି କ୍ଷେତ୍ରକୁ ନ ଲୁଚାଇ ଚିକିତ୍ସକଙ୍କୁ ସୂଚନା ଦେବା ଜରୁରୀ। ମାନସିକ ରୋଗ କ୍ଷେତ୍ର ବୋଇଲେ



ମୁଣ୍ଡର କୌଣସି କ୍ଷତି ବା ଆଉ କିଛି ବି ନୁହେଁ। କିନ୍ତୁ କଥା ହେଉଛି ମାନସିକ ରୋଗ କ୍ଷେତ୍ରରେ ଯେଉଁମାନେ ସାମ୍ନାକୁ ଆସିପାରୁଛନ୍ତି ଏହାଙ୍କୁ ନେଇ ଏକ ସଚେତନତାର ବାର୍ତ୍ତା ପ୍ରଦାନ କରିବା। ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା। କିନ୍ତୁ ଦୈବୀ ପ୍ରୀତି, ପାପଭିତ୍ତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାବା ବାଞ୍ଛନୀୟ। ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘ କାଳୀନ ସତ୍ୟ। ଏହା ହିଁ ଯୋଗ୍ୟ ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ, ପ୍ରାଣାୟାମର ଆବଶ୍ୟକତା ରହିଛି।

ଆମର ପ୍ରାଚୀନ ଆଧ୍ୟାତ୍ମିକ ସଂସ୍କୃତି ହେଉ ବା ଚରକଙ୍କ ସ୍ୱାସ୍ଥ୍ୟ ଚିକିତ୍ସା। ସବୁ କ୍ଷେତ୍ରରେ ଆମ ପାଇଁ ବଡ଼ ପ୍ରାସଙ୍ଗିକତା ରହିଥାଏ ନିଜ ରୋଗୀଟି ପାଇଁ ଅହର୍ନିଶ ତତ୍ତ୍ୱାବଧାନ। ଭାରତର ପ୍ରଧାନମନ୍ତ୍ରୀ ଜୁନ ଏକୋଇଶକୁ ଯୋଗ ଦିବସ ଭାବେ ମାନ୍ୟତା ଓ ଗ୍ରହଣୀୟତାର ଯେଉଁ ନିୟମ କରିଥିଲେ ତାହା ଆଜି ସଫଳ ହୋଇଛି। ଚିକିତ୍ସା କ୍ଷେତ୍ରକୁ ବାଦ୍ ଦେଲେ ବ୍ୟକ୍ତିଗତ ଜୀବନ କ୍ଷେତ୍ରରେ ଏହି ଯୋଗର ନିଶ୍ଚିତ ଆବଶ୍ୟକତା ରହିଛି। ଏହି ଲେଖକ ଚିକିତ୍ସା ପରାମର୍ଶ କ୍ଷେତ୍ରରେ ଅନୁଭବ ବି କରିଛି ଯେ ଯୋଗ, ପ୍ରାଣାୟମର ପ୍ରାସଙ୍ଗିକତା କ'ଣ ? ତେବେ ଯାହାହେଉନା କାହିଁକି ଯୋଗ ଦିବସରେ ଆମମାନଙ୍କ ଭିତରେ ଏକ ସଚେତନତାର ବାର୍ତ୍ତା ପ୍ରତିଷ୍ଠା ହେଉ ଏବଂ ଆମ ମହାନ ଆର୍ଯ୍ୟ ସଂସ୍କୃତିର ବିଚାର ଚିନ୍ତନ ଏହି ଯୋଗକୁ ଗ୍ରହଣ କରିବା ଦ୍ୱାରା ଏହାର ପ୍ରାସଙ୍ଗିକତା ଉଲ୍ଲେଖ ରହିବ। ମାନସିକ ସ୍ୱାସ୍ଥ୍ୟ ସହ ଯୋଗ, ପ୍ରାଣାୟମ ପରି ପ୍ରାଚୀନତମ ଚିକିତ୍ସା ପଦ୍ଧତିର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ଯୋଗ ଦ୍ୱାରା ଜଣେ ମାନସିକ ଭାବେ ସତେଜ ଓ ନିଜକୁ ସକାରାତ୍ମକ ରଖିପାରେ। ଯୋଗାସନ ଦ୍ୱାରା ମାଦକ ଦ୍ରବ୍ୟ ପ୍ରତି ଆଗ୍ରହ କମ୍ ରହିଥାଏ। ଯୋଗ ଏପରି ଏକ ଶାରୀରିକ ଅବଲମ୍ବନ ଯାହା ମନସ୍ତାତ୍ତ୍ୱିକ କ୍ଷେତ୍ର ପାଇଁ ସଂଜୀବନୀ ସଦୃଶ କାମ କରେ। ବିଦେଶରେ ମନସ୍ତାତ୍ତ୍ୱିକ ଚିକିତ୍ସକମାନେ ମାନସିକ ପୀଡ଼ିତମାନଙ୍କୁ ଯୋଗାଭ୍ୟାସ କରିବା ପାଇଁ ପରାମର୍ଶ ଦେଉଛନ୍ତି। ଜଣେ ମାନସିକ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ରହୁଥିବାବେଳେ ଯୋଗ ତାକୁ ଯେଉଁ ଶରୀର ଚେତନାର ଉର୍ଜ୍ଜା, ପ୍ରେରଣା ଯୋଗାଇଥାଏ ତାହା ପୀଡ଼ିତର ଉପଶମ ପାଇଁ ତାହା ଅନେକ ଦୃଷ୍ଟିରୁ ଭଲ। ତେବେ ଏ କ୍ଷେତ୍ରରେ ମାନସିକ ପୀଡ଼ିତ ଲୋକଟିର ପରିଜନ ବା ନିକଟତମ ଲୋକଙ୍କର ସବୁଠାରୁ ବଡ଼ ଭୂମିକା ରହିଛି। କାରଣ ଯୋଗ କ୍ଷେତ୍ରରେ ନିୟମିତତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ତେଣୁ ଜଣେ ବିଶେଷକରି ମାନସିକ ଭାବେ ଆଘାତ ପାଇଥିବା ବା କୌଣସି ମାନସିକ ସମସ୍ୟା ପାଇଥିବା ଲୋକଟିର ପରିବାର ଲୋକମାନେ, ସେ ଲୋକଟି କିପରି ପ୍ରତିଦିନ ସକାଳୁ ଯୋଗାଭ୍ୟାସ ପାଇଁ ନିର୍ଦ୍ଦିଷ୍ଟ ସମୟ ରଖିବ ସେ ଦିଗକୁ ଦେଖନ୍ତୁ। ତେବେ ମାନସିକ ସମସ୍ୟାକୁ ସାମ୍ନା କରୁଥିବା ଲୋକଟି ପାଇଁ କେଉଁ ଯୋଗ ଆରୋଗ୍ୟକାରୀ ବା ଉପଯୋଗୀ ଏ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

କୌଣସି ବଡ଼ ଯୋଗ, ଲମ୍ବା ସମୟର ଶାରୀରିକ ବ୍ୟାୟାମ ପ୍ରଥମେ ପ୍ରଥମେ ମାନସିକ ପୀଡ଼ିତ ପାଇଁ ଅଭ୍ୟାସ କରିବା ନିମିତ୍ତ ଉତ୍ସାହିତ କରନ୍ତୁ ନାହିଁ। ଏ କ୍ଷେତ୍ରରେ ଯୋଗଗୁରୁଙ୍କ ପରାମର୍ଶ ମଧ୍ୟ ନେଇପାରିବେ। ଯୋଗାଭ୍ୟାସ ସମୟରେ ପୀଡ଼ିତ ଜଣଙ୍କ କୌଣସି ନିଶାଦ୍ରବ୍ୟ ସେବନ କରିବା ଅନୁଚିତ। ସେହିପରି ଯୋଗ ଅଭ୍ୟାସକୁ ନେଇ ଲୋକଟି ଉପରେ ଏକ ପ୍ରକାର ଚାପ ସୃଷ୍ଟି କରନ୍ତୁ ନାହିଁ। ସର୍ବପ୍ରଥମେ ଲୋକଟି କିପରି ଯୋଗାଭ୍ୟାସ ପ୍ରତି ଆଗ୍ରହ ସୃଷ୍ଟି କରିବ, ସେ ଦିଗ ପ୍ରତି ଯତ୍ନବାନ ହୁଅନ୍ତୁ। ପ୍ରଥମେ ପ୍ରଥମେ ଯୋଗ କରିବା ପାଇଁ ମାନସିକ ପୀଡ଼ିତ ଜଣଙ୍କ ରାଜି ନ ହୋଇପାରନ୍ତି, ତେବେ ତାଙ୍କ ଭିତରେ ଆଗ୍ରହ ସୃଷ୍ଟି କରି ଯୋଗ ପ୍ରତି ସେ କିପରି ଯତ୍ନବାନ ହେବେ ସେ ଦିଗ ପାଇଁ ପ୍ରଯତ୍ନ କରନ୍ତୁ। ତେବେ ଯୋଗ କୌଣସି ଏକ ଯାଦୁବିଦ୍ୟା ବା କରିସ୍ମା ନୁହେଁ ଏହା ଆମ ଭାରତର ଏକ ପ୍ରାଚୀନତମ ବୈଦିକ ସମୟର ଚିକିତ୍ସା ପଦ୍ଧତି ବା ଅଭ୍ୟାସ।

# ଟାଟା ଷ୍ଟିଲ୍ ପକ୍ଷରୁ ମେଗା ରକ୍ତଦାନ ଶିବିର ୨୮୦ ୟୁନିଟ୍ ରକ୍ତ ସଂଗୃହୀତ

ଯାଜପୁର,୧୯।୬ (ନିପ୍ର): ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବା ଲକ୍ଷ୍ୟରେ, ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ପ୍ଲଟ୍-୨ ଅଡିଟୋରିୟମ୍ ଠାରେ ଏକ ମେଗା ରକ୍ତଦାନ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଶିବିରରେ କାରଖାନାର ଶ୍ରମିକ ଓ କର୍ମଚାରୀଙ୍କ ଭିତରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା, ଯାହାଫଳରେ ସଫଳତାର ସହ ୨୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇପାରିଛି । ଟାଟା ଷ୍ଟିଲ୍ କର୍ମଚାରୀ, ସେମାନଙ୍କ ପରିବାର ବର୍ଗ ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନେ ସ୍ୱେଚ୍ଛାକୃତ ଭାବେ ଏଥିରେ ଅଂଶଗ୍ରହଣ କରିଥିଲେ । ଏହା କମ୍ପାନୀର ସ୍ୱେଚ୍ଛାକୃତ ରକ୍ତଦାନ ଏବଂ ନାଗରିକ ଦାୟିତ୍ୱବୋଧ ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବକୁ ପ୍ରଦର୍ଶିତ କରୁଛି । ଏହି ମେଗା ରକ୍ତଦାନ ଶିବିରରେ ପ୍ରବଳ ଘୋଷ, ଟାଟା ଷ୍ଟିଲ୍‌ର ଆସେଟ୍ ଆଣ୍ଡ ଏନର୍ଜି ମ୍ୟାନେଜମେଣ୍ଟ ବିଭାଗର ଭାଇସ ପ୍ରେସିଡେଣ୍ଟ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଟିଏସ୍‌କେର 'ଅକ୍ୟୁପେସନାଲ୍ ହେଲ୍‌ଥ ସେଣ୍ଟର' ଏବଂ 'ୱେଲ୍‌ନେସ୍ କର୍ଣ୍ଣର' ପକ୍ଷରୁ ଆୟୋଜିତ ଏହି ଜନହିତକର କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର, ସେଣ୍ଟ୍ରାଲ ରେଡକ୍ରସ ରକ୍ତଭଣ୍ଡାର, କଟକ, ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରକ୍ତଭଣ୍ଡାର, ଯାଜପୁର ରୋଡ ସକ୍ରିୟ ସହଯୋଗ କରିଥିଲେ ।

# ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ଦାବିରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ

ପାରଳାଖେମୁଣ୍ଡି,୧୯।୬ (ନିପ୍ର): କେନ୍ଦ୍ରପଡା ଜିଲ୍ଲା ତିଖିରି ପଞ୍ଚାୟତର ମହିଳା ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର, ମାଡ଼ ମରାଯିବା ଏବଂ ମିଥ୍ୟା ମାମଲାରେ ଗିରଫ କରାଯିବା ଆଦିକୁ ନେଇ ରାଜ୍ୟ ସରପଞ୍ଚ ସଂଘର ଆହ୍ୱାନ କ୍ରମେ ଗଜପତି ଜିଲ୍ଲା ସରପଞ୍ଚ ସଂଘର ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଗଜପତି ଜିଲ୍ଲା ସରପଞ୍ଚ ସଂଘର ସଭାପତି ସଂଘମିତ୍ରା ଶବରଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଏକତ୍ର ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ




ମାଝୀଙ୍କୁ ପ୍ରଦାନ କରିଥିଲେ । ଏନେଇ ସରପଞ୍ଚ ସଂଘ ପକ୍ଷରୁ କୁହାଯାଇଛି ଯେ ଗତ ୧୧/୦୬/୨୦୨୬ ତାରିଖ ଗୁରୁବାର ଦିନ କେନ୍ଦ୍ରପଡ଼ା ଜିଲ୍ଲାର ତିଖିରି ଗ୍ରାମ ପଞ୍ଚାୟତର ମହିଳା ସରପଞ୍ଚ ସୁଶ୍ରୀ ଚମେଲି ଓଝାଙ୍କୁ ମହାକାଳପଡା ବ୍ଲକ ପ୍ରଶାସନ ଏବଂ ପୋଲିସ ଦ୍ୱାରା ହୋଇଥିବା ଦୁର୍ବ୍ୟବହାର ଏବଂ ମାଡ଼ ମାରିଥିବା ଘଟଣାକୁ ଘୋର ନିନ୍ଦା କରୁଛୁ । ଏହି ଘଟଣାରେ ସଂପୃକ୍ତ ଦୋଷୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରୁଅଛୁ । ଯେଉଁ ଦିନ ପର୍ଯ୍ୟନ୍ତ ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯାଇଛି ସେ ପର୍ଯ୍ୟନ୍ତ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମରେ ଅସହଯୋଗ କରିବୁ ବୋଲି ପ୍ରଶାସନକୁ ସଂଘ ଜଣାଇଛନ୍ତି । ଯଦି ଆଗାମୀ ଦିନରେ ଏହି ଘଟଣାରେ କୌଣସି ଅଗ୍ରଗତି ନହୁଏ ତେବେ ଜିଲ୍ଲାର ସମସ୍ତ ୧୪୯ ପଞ୍ଚାୟତର ସରପଞ୍ଚମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବୁ ବୋଲି ଚେତାଇଦେଇଛନ୍ତି ।

# ଦଳୁଆ ସାହିକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି

ପିପିଲି,୧୯।୬ (ନିପ୍ର): ପିପିଲି - ନିମାପଡା ମୁଖ୍ୟ ରାସ୍ତା ପାର୍ଶ୍ୱରେ ହରିପୁର ଦଳୁଆ ସାହି ଅବସ୍ଥିତ। ମୁଖ୍ୟ ସଡ଼କ ପାର୍ଶ୍ୱରେ ଥିବା ଏହି ସାହିରେ ୨୦ରୁ ଉର୍ଦ୍ଧ୍ୱ ପରିବାର ରହୁଥିଲା ବେଳେ ସାହିକୁ ସବୁଦିନିଆ ରାସ୍ତା ନ ଥିବାରୁ ବର୍ଷା ଦିନେ ଗ୍ରାମବାସୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବ୍ୟକ୍ତିଗତ ଜାଗା ରହୁଥିବାରୁ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ହେଉଥିଲା।



ଏନେଇ ହରିପୁର ଗ୍ରାମବାସୀଙ୍କ ପକ୍ଷରୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଫଳରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀମାନଙ୍କ ସହ ସମସ୍ତ ବିଷୟ ଆଲୋଚନା କରି ଆଗାମୀ ବର୍ଷା ଦିନ ପୂର୍ବରୁ ରାସ୍ତା ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏସଂପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଆଲୋଚନା କରି ଜମି ମାଲିକଙ୍କୁ ଚିହ୍ନଟ କରି ଆବଶ୍ୟକ ପଡିଲେ ସାହି ଲୋକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅଧିକ ମୂଲ୍ୟ ଦେଇ ଜମି ଅଧିଗ୍ରହଣ କରାଯିବ ବୋଲି କହିଥିଲେ ଉପ ମୁଖ୍ୟମନ୍ତ୍ରୀ। ଉପ ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପକୁ ନିମାପଡା ବ୍ଲକବାସୀ ସ୍ୱାଗତ କରିଛନ୍ତି।

# ସୁବର୍ଣ୍ଣପୁରରେ ସ୍ୱତନ୍ତ୍ର ସଘନ ସଂଶୋଧନ

ସୋନପୁର,୧୯।୬ (ନିପ୍ର): ସୁବର୍ଣ୍ଣପୁରରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଏନୁମେରେସନ ଫର୍ମ ଡିଜିଟାଇଜେସନ କାମ ଦ୍ରୁତ ଗତିରେ ଚାଲିଛି। ଜିଲ୍ଲାରେ ଥିବା ଦୁଇଟି ବିଧାନସଭା ମଣ୍ଡଳୀରେ ବିଏଲଓମାନେ ଫର୍ମ ବଣ୍ଟନ କାମ ଶତକଡା ୯୯.୮୫ ସମ୍ପୂର୍ଣ୍ଣ କରିଥିବା ବେଳେ ସେମାନେ ଫର୍ମଗୁଡ଼ିକୁ ସଂଗ୍ରହ କରି ଡିଜିଟାଇଜେସନ ପ୍ରକ୍ରିୟା ମଧ୍ୟ ଦ୍ରୁତ ଗତିରେ ଆଗେଇ ନେଉଛନ୍ତି। ଜିଲ୍ଲା ନିର୍ବାଚନ ବିଭାଗର ତଥ୍ୟ ଅନୁସାରେ ଆଜି ସୁଦ୍ଧା ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨,୧୮,୫୯୨ ଫର୍ମ ବଣ୍ଟନ କରାଯାଇଥିବା ବେଳେ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨,୫୩,୭୧୩ ଫର୍ମ ବଣ୍ଟନ କରାଯାଇଥିଲା। ସର୍ବମୋଟ ୪,୭୩,୦୧୧ ଫର୍ମ ବଣ୍ଟନ କରାଯାଇଛି। ସେଥିମଧ୍ୟରୁ ବୀରମହାରାଜପୁରରେ ୧,୭୨,୧୯୭ଟି ଫର୍ମର ଡିଜିଟାଇଜେସନ ସରିଥିବା ବେଳେ ସୋନପୁରରେ ୧,୫୨,୬୪୮ଟି ଫର୍ମର ଡିଜିଟାଇଜେସନ ସରିଛି। ମୋଟ ୩,୨୪,୮୪୫ଟି ଫର୍ମ ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇଛି, ଯାହାକି ଜିଲ୍ଲାର ୬୮.୬୮ ଶତକଡା ଫର୍ମ ଡିଜିଟାଇଜେସନକୁ ସୂଚାଉଛି। ସୂଚନାଯୋଗ୍ୟ ଯେ, ସୁବର୍ଣ୍ଣପୁରର ଦୁଇ ବିଧାନସଭା ନିର୍ବାଚନ ମଣ୍ଡଳୀ ବୀରମହାରାଜପୁର-୬୪ ଏବଂ ସୋନପୁର-୬୫ ବିଧାନସଭା ମଣ୍ଡଳୀରେ ଉଭୟ ଉପଜିଲ୍ଲାପାଳ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ) ଭାବେ କାର୍ଯ୍ୟ କରୁଛନ୍ତି।

# 'ବିକାଶର ଧାରା,ଓଡିଶା ସାରା' ବ୍ଲକସ୍ତରୀୟ ସମ୍ମିଳନୀ

ଭାପୁର,୧୯।୬ (ନିପ୍ର): କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂରଣ ପୂର୍ତ୍ତି ଉପଲକ୍ଷେ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଗ୍ରାମାଞ୍ଚଳର ତୃଣମୂଳ ସ୍ତରରେ ଗତ ଦୁଇ ବର୍ଷ ଧରି କିଭଳି ଭାବରେ ପରିବର୍ତ୍ତନ ଆଣିଛି ସେ ଦିଗକୁ ନେଇ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ 'ବିକାଶ ର ଧାରା,ଓଡିଶା ସାରା' ଭାପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଦିନ ଠାରୁ ଉଦଘାଟନ ହୋଇ ୪ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।ଉଦଘାଟନୀ ଦିବସରେ ଖଣ୍ଡପଡା ବିଧାୟକ ଇଂ. ଦୁଷ୍ମନ୍ତ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶ କାର୍ଯ୍ୟକ୍ରମ ଉପରେ ମତାମତ ପ୍ରଦାନ କରିଥିଲେ। ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ସମ୍ମିଳନୀରେ ଭାପୁର ବ୍ଲକ ଅଂଚଳର ବିକାଶ ଓ ଆଗାମୀ ରୂପରେଖ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ,୧୫ ଜଣ ଭିଆରପି ପର୍ସନଙ୍କୁ ସ୍ମାର୍ଟ ଫୋନ ପ୍ରଦାନ ,୬୦ ବର୍ଷ ରୁ ଉର୍ଦ୍ଧ୍ୱ ୧୪୭ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ ସହିତ ୨୦୬ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆନ୍ତର୍ଭୁକ୍ତ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

# ଶିଶୁଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧିରେ କୁପୋଷଣ ବାଧା ସୃଷ୍ଟି କରୁଛି

ରାୟଗଡା ,୧୯।୬ (ନିପ୍ର): ରାୟଗଡା ଜିଲ୍ଲା ଏକ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ରାୟଗଡା ଜିଲ୍ଲାରେ ଶିଶୁଙ୍କ କୁପୋଷଣ, ପୁଷ୍ଟିକର ତଥା ସୁଷମ ଖାଦ୍ୟର ଅଭାବ ସହିତ ରକ୍ତହୀନତା ଏକ ଗମ୍ଭୀର ସମସ୍ୟା ରୂପେ ଉଭା ହୋଇଥିବା ବେଳେ ଶିଶୁଙ୍କ ମାନସିକ ଏବଂ ଶାରୀରିକ ଅଭିବୃଦ୍ଧି ଆଶାନୁରୂପ ଭାବେ ହେଇପାରୁନଥିବାରୁ ଏହା ଏକ ଚିନ୍ତାର କାରଣ ପାଲଟିଛି। ଶିଶୁଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧି ଦିଗରେ ଏହି କୁପୋଷଣ ଓ ଅନ୍ତରାୟ ସୃଷ୍ଟି କରୁଛି ଫଳରେ ଶିଶୁଙ୍କ ଶାରୀରିକ, ମାନସିକ ଅଭିବୃଦ୍ଧି ସଠିକ ଭାବେ ହେଇ ପାରୁନି। ସରକାରୀ ତଥ୍ୟ ପ୍ରକାରେ ଜିଲ୍ଲାରେ ୨୦୬୮ ଜଣ ଶିଶୁ ଅପପୁଷ୍ଟି କବଳିତ। ସେହିପରି ୯୨୮୯ ଜଣ ଶିଶୁଙ୍କ ବୟସ ତୁଳନାରେ ଓଜନ କମ ରହୁଥିବା ଲକ୍ଷ୍ୟ କରାଯାଇଛି। ଫେବୃଆରୀ ମାସରେ ଜିଲ୍ଲାର ୨୯ ଜଣ ଶିଶୁ ଅତିଶୟ ପୁଷ୍ଟିହୀନତାର ଶିକାର ହୋଇଥିବା ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ଖଣି ଖାଦାନ ତଥା ଶିଳ୍ପାଞ୍ଚଳ କାଶୀପୁର ବ୍ଲକ ଅଞ୍ଚଳରେ ଜିଲ୍ଲାର ସର୍ବାଧିକ ଶିଶୁ କୁପୋଷଣର ଶିକାର ବୋଲି ଏକ ଅନୁସନ୍ଧାନରୁ ଜଣା ପଡିଛି। ୫ ବର୍ଷ ବୟସ ମଧ୍ୟରେ କାଶୀପୁର ବ୍ଲକରେ ୭୪ ଜଣ ଶିଶୁ ପ୍ରବଳ ପୁଷ୍ଟିହୀନତାର ଶିକାର ହୋଇଥିବା



ବେଳେ ୩୪୭ ଜଣ ଶିଶୁ ମଧ୍ୟମ ଅପପୁଷ୍ଟିର କବଳରେ ରହିଛନ୍ତି। ଗତ ୪ ବର୍ଷରେ ରାୟଗଡା ଜିଲ୍ଲାରେ ୪୮୦୦ ଶିଶୁ ଅତିଶୟ ପୁଷ୍ଟିହୀନତା ଭୋଗୁଛନ୍ତି। ପ୍ରତ୍ୟେକ ମାସରେ ୫ ବର୍ଷ ବୟସ ମଧ୍ୟରେ ୭୦ ରୁ ୮୦ ଜଣ ଶିଶୁ ଅତିଶୟ ପୁଷ୍ଟିହୀନତାର ଶିକାର ହେଉଥିବା ତଥ୍ୟ କହୁଛି। ଫେବୃଆରୀ ମାସ ରିପୋର୍ଟ ଅନୁଯାୟୀ ୫ ବର୍ଷ ମଧ୍ୟରେ ୮୦ ହଜାର ୬୦୯ ଶିଶୁ ରହିଥିବା ବେଳେ ୮୦ ହଜାର ୫୨୬ ଶିଶୁଙ୍କ ଓଜନ କମି ଯାଇଥିଲା । ସେଥି ମଧ୍ୟରୁ ୧୨୯୧ ଜଣ ଅତି କମ ଓଜନ ବିଶିଷ୍ଟ ଶିଶୁ ଥିବା ଜଣାପଡିଛି। ସେହିପରି ୭୯୯୮ ଶିଶୁଙ୍କ ବୟସ ଅନୁସାରେ ଉଚ୍ଚତା ବଢୁନଥିବା ଜଣାଯାଏ। ୫ରୁ ୬ ବର୍ଷ ମଧ୍ୟରେ ୧୬ ହଜାର ୫୫ ଶିଶୁଙ୍କୁ ଓଜନ କରାଯାଇଥିବା ବେଳେ ସେଥିରୁ ୧୫୭ ଜଣ ଶିଶୁଙ୍କ ଓଜନ ବହୁତ କମ ବୋଲି ଜଣା ପଡିଛି। ମଧ୍ୟମ କମ ଓଜନ ବର୍ଗରେ ୩ ହଜାର ୮୦୫ ଜଣ ଶିଶୁ ରହିଛନ୍ତି। ୨୦୨୪ ମସିହାରେ ରାୟଗଡା ଜିଲ୍ଲାରେ ସର୍ବାଧିକ ନିମ୍ନମାନର ଛତୁଆ ବିତରଣ କରାଯାଉଥିବା ବିଧାନସଭାରେ ମନ୍ତ୍ରୀ ସ୍ୱୀକାର କରିଥିଲେ। ଏହି ରିପୋର୍ଟ ଆସିବାପରେ ସମସ୍ତ ବିଡ଼ିଓ, ତହସିଲଦାର, ଏବଂ ସିଡିପିଓଙ୍କ ଉପସ୍ଥିତିରେ ଏସଏସଜି ଦ୍ୱାରା ପ୍ରସ୍ତୁତ ଛତୁଆରମାନ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡମ୍ବନା ପ୍ରାୟ ଦେଢବର୍ଷ ହେଲା ବିଭାଗୀୟ ଅଧିକାରୀଙ୍କୁ ବାଦଦେଲେ ଆଉ କେହି ଛତୁଆର ମାନ ତଦାରଖ କରିନଥିବା ଆଶ୍ଚର୍ଯ୍ୟ କରିଛି। ଏପରିକି ଅତିରିକ୍ତ ପ୍ରମୋଦ କୁମାର ସାହୁ ଏବଂ ୟୁନିସେଫର ଅକ୍ଷୟ ନିମାଳା ରାୟଗଡା ଆସି ପୋଷଣ ଟ୍ରାକରେ ହେଉଥିବା ଅଭିବୃଦ୍ଧି ରିପୋର୍ଟରେ ଅନେକ ଅସଂଗତି ବା ଅମେଳ ଦେଖିଥିଲେ। ବିଭ୍ରାଟ ରହିଥିବା ଦୃଷ୍ଟିଗୋଚର ହୋଇଥିଲା।ରିପୋର୍ଟ ରେ ଉଲ୍ଲିଖିତ ତଥ୍ୟ ଏବଂ ବାସ୍ତବ ତଥ୍ୟ ମଧ୍ୟରେ ତାଳମେଳ ବା ଫରକ ସାମ୍ନାକୁ ଆସିଥିଲା। ସେହିପରି ଶିଶୁଙ୍କ ମାସିକ ଶାରୀରିକ ବୃଦ୍ଧି ରିପୋର୍ଟରେ ମଧ୍ୟ ଚଞ୍ଚକତା କରାଯାଇଥିବା ଅଭିଯୋଗ ଶୁଣିବାକୁ ମିଳିଛି।

# ନକଲି ମାନବାଧିକାର କର୍ମୀ ରାକେଟର ପର୍ଦ୍ଦାଫାସ, ୩ ଗିରଫ

ପାରଳାଖେମୁଣ୍ଡି,୧୯।୬ (ନିପ୍ର): ଗଜପତି ଜିଲ୍ଲା ଅଡବା ଥାନା ପୁଲିସକୁ ମିଳିଛି ବଡ ସଫଳତା । ମାନବାଧିକାର କର୍ମୀ କହି ଠକୁଥିବା ଏକ ରାକେଟର ପର୍ଦ୍ଦାଫାସ କରିଛି । ଏହି ରାକେଟର ତିନି ଜଣ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ । ଏନେଇ ଆର.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ ସାହୁ ସୂଚନା ଦେଇଛନ୍ତି ଯେ, ଗତ ୧୬.୦୬.୨୦୨୬ ସନ୍ଧ୍ୟା ସମୟରେ ଅଡବା ଥାନା ଅନ୍ତର୍ଗତ ଅଲିଗଣ୍ଡା ଗ୍ରାମର ବସ୍ତ ସାହୁଙ୍କ ପତ୍ନୀ ସବିତା ସାହୁ (୪୦) ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ ଯେ ୧୫.୦୬.୨୦୨୬ ସକାଳ ପ୍ରାୟ ୦୯:୩୦ ସମୟରେ, ଯେତେବେଳେ ସେ ତାଙ୍କ ଘରେ ଏକା ଥିଲେ, ହାଡିଆ କନ୍ଧ, ରୂପାଣୀ ନାୟକ ଏବଂ ରାସାଲି ସଭାପତି ନାମକ ତିନି ଜଣ ବ୍ୟକ୍ତି ନିଜକୁ ମାନବାଧିକାର କର୍ମୀ ତଥା ଏନଜିଓ ପ୍ରତିନିଧି ବୋଲି ପରିଚୟ ଦେଇ ତାଙ୍କ ଘରେ ପ୍ରବେଶ କରିଥିଲେ । ଅଭିଯୁକ୍ତମାନେ ସବିତାଙ୍କୁ କହିଥିଲେ ଯେ ତାଙ୍କ ବିରୁଦ୍ଧରେ ଏକ ଅଭିଯୋଗ ବା ମାମଲା ଦାଖଲ ହୋଇଛି । ଏହି ମାମଲାର ସମାଧାନ ପାଇଁ ୧,୫୦,୦୦୦ ଟଙ୍କା ଦାବି କରିଥିଲେ । ଏପରି ଶୁଣି ସବିତା ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଥିଲେ । ଏହା ସହ ଦାବି ମୁତାବକ ଟଙ୍କା ଦେବାକୁ ମନା କରିଥିଲେ । ହେଲେ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରି ସବିତାଙ୍କ ପୋଷାକ ଖୋଲିବାକୁ ଚେଷ୍ଟା କରି ଶେଷରେ ବଳପୂର୍ବକ ଭାବେ ନଗଦ ୫,୦୦୦ ଟଙ୍କା ଛଡ଼ାଇ ନେଥିଲେ । ଯଦି ଘଟଣା ପ୍ରଘଟ ହୁଏ ଭୟଙ୍କର ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହ କହି ଚାଲିଯାଇଥିଲେ ।

ସବିତାଙ୍କ ଲିଖିତ ରିପୋର୍ଟ ଆଧାରରେ, ଅଡବା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତେବେ ପ୍ରାଥମିକ ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲା ଯେ ଅଭିଯୁକ୍ତମାନେ ନିଜକୁ ମାନବାଧିକାର କର୍ମୀ/ଏନଜିଓ ପ୍ରତିନିଧି ଭାବରେ ପରିଚୟ ଦେଇ ଡରାଇବା, ଧମକାଇବା ସହ ନିରୀହ ଆଦିବାସୀ ଗ୍ରାମବାସୀଙ୍କୁ ଶୋଷଣ ଏବଂ ଭୟଭୀତ କରୁଥିଲେ । ପୁଲିସ ଆହୁରି ଜାଣିବାକୁ ପାଇଥିଲା ଯେ ଏହି ଗୋଷ୍ଠୀ ଗରିବ ଆଦିବାସୀ ବ୍ୟକ୍ତିଙ୍କଠାରୁ ଠକେଇ ଏବଂ ଟଙ୍କା ଆଦାୟ କରିବାରେ ସମ୍ପୃକ୍ତ ଥିଲେ । ତେବେ ଧରାପଡିଥିବା ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ ଉଦୟ ଅଡବା ଓ ମୋହନା ଥାନାରେ ମାମଲା ରହିଥିବାର ପୁଲିସ ଜାଣିବାକୁ ପାଇଛି । ତେବେ ମାନବାଧିକାର ସଂଗଠନ, ଏନଜିଓ କିମ୍ବା ସରକାରୀ କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଆଦି ଦାବି କରୁଥିବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ଭ୍ରମିତ ନ ହେବା ଏବଂ ଏପରି କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ତୁରନ୍ତ ନିକଟତମ ପୋଲିସ ଷ୍ଟେସନକୁ ରିପୋର୍ଟ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ଆର. ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସାହୁ ।

# 'ମୁସଲିମ ମହିଳାଙ୍କ ସୁରକ୍ଷା ନିମନ୍ତେ ବହୁ ବିବାହ ପ୍ରଥା ବିରୋଧର ଆବଶ୍ୟକତା ରହିଛି'

କଟକ,୧୯।୬ (ନିପ୍ର): : ଭାରତୀୟ ଜନସଂଖ୍ୟାର ପନ୍ଦର ପ୍ରତିଶତ ହେଉଛନ୍ତି ମୁସଲମାନ । ଆଉ ତାହାର ଅଧା ଅର୍ଥାତ ଜନସଂଖ୍ୟାର ସାଢେ ସାତ ପ୍ରତିଶତ ମୁସଲିମ ମହିଳା ଏହି ଦେଶରେ ରହୁଛନ୍ତି । ତେବେ ଭାରତୀୟ ମୁସଲିମ ମହିଳାମାନଙ୍କ ଅଧିକାର ଓ ସୁରକ୍ଷା ନିମନ୍ତେ ଆମ ସମ୍ବିଧାନରେ ବିଶେଷ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ନାହିଁ । ଏହି ମହିଳାମାନଙ୍କୁ ଦେଶରେ ଅନ୍ୟ ସମସ୍ତ ନାଗରୀକମାନଙ୍କ ସହ ସମକକ୍ଷ କରି ଛିଡା କରିବାକୁ ହେଲେ ପର୍ଯ୍ୟାପ୍ତ ଆଇନ କାନୁନର ଆବଶ୍ୟକତା ରହିଛି ବୋଲି ମୁମ୍ବାଇରୁ ଆସିଥିବା ଭାରତୀୟ ମୁସଲିମ ମହିଳା ଆନ୍ଦୋଳନର ସଂସ୍ଥାପିକା ନୁରଜାହାଁ ସଫିଆ ନିୟାଜ ଗାନ୍ଧୀ ଭବନଠାରେ ଆୟୋଜିତ ଏକ ସାଧାରଣ ସଭାରେ ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ତିନି ତଲାକ ପ୍ରଥା ହଟିବା ନିମନ୍ତେ ହୋଇଥିବା ଆନ୍ଦୋଳନ ପଛରେ ସେମାନେ ଥିଲେ ବୋଲି ଏହି କୁପ୍ରଥା ୨୦୧୯ ମସିହାରେ ହଟି ପାରିଛି । ବହୁ ବିବାହ ପ୍ରଥା, ବିବାହ କ୍ଷେତ୍ରରେ ମହିଳାମାନଙ୍କର ସର୍ବନିମ୍ନ ବୟସ ନିର୍ଦ୍ଧାରଣ, ବିବାହ ବିଛେଦରେ ପିଲାମାନଙ୍କର ଦାୟିତ୍ୱ ମାଆ ମାନଙ୍କୁ ମିଳିବାର ଅଧିକାର ତଥା ପିତା ଓ ପତିଙ୍କ ସଂପତ୍ତିରେ ମହିଳାଙ୍କର ଅଧିକାର ନିମନ୍ତେ କୌଣସି ସ୍ପଷ୍ଟ ଆଇନ ନାହିଁ ।

କୋରାନ ସରିଫର ଭୁଲ ବ୍ୟାଖ୍ୟା କରି ମହିଳାମାନଙ୍କୁ ପ୍ରତାଡ଼ିତ କରିବାର ଅନେକ ଉଦାହରଣ ଆମ ଦେଶରେ ରହିଛି । ତେଣୁ ଏସବୁ ଆଇନ ତିଆରି କରିବା କ୍ଷେତ୍ରରେ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ। ଆନ୍ଦୋଳନର ରାଷ୍ଟ୍ରୀୟ ସମିତି ସଦସ୍ୟା ଜରିନା ଖାନ କହିଥିଲେ ଯେ, ଦେଶର ବିଭିନ୍ନ କ୍ଷେତ୍ରରେ ହୋଇଥିବା ସର୍ଭେରୁ ଜଣାପଡିଛି ଯେ, ବହୁ ବିବାହ ପ୍ରଥା କାରଣରୁ ମୁସଲିମ ମହିଳା ଅନ୍ୟମାନଙ୍କ ଠାରୁ ଅଧିକ ପ୍ରତାଡ଼ିତ ହେଉଛନ୍ତି ।

ଫଳରେ ସେମାନେ ଅନେକ ମାନସିକ ଓ ଶାରୀରିକ ରୋଗର ଶିକାର ହେବା ସହ ସେମାନଙ୍କର ପିଲାମାନେ ବି ଅସାମାଜିକ ତତ୍ତ୍ୱଙ୍କ କୁସଙ୍ଗରେ ପଡୁଛନ୍ତି । ଭାରତୀୟ ନ୍ୟାୟ ସଂହିତା ଧାରା ୮୨ ଯାହା ବହୁ ବିବାହ ପ୍ରଥାକୁ ବିରୋଧ କରିଥାଏ, ତାହା ମୁସଲିମ ସମାଜ ପାଇଁ ଲାଗୁ ହେବାକୁ ଆନ୍ଦୋଳନ ଦାବି କରିଛି । ଅନ୍ୟମାନଙ୍କ ମଧ୍ୟରେ ମାନବାଧିକାର କର୍ମୀ ସମିମ ମୁସ୍ତାଫା , ନେହା ପରବୀନ, ପ୍ରମୁଖ ନିଜ ନିଜର ମତବ୍ୟକ୍ତ କରିଥିଲେ । ସେକ ମୁନ୍ତାକିମ ବକ୍ସ, ଫିରୋଜୁଲ ରେହେମାନ, ସେକ ନିଜାମ, ଡାକ୍ତର ବିଶ୍ୱଜିତ, ଆଡ଼ଭକେଟ କବୀର କୁମାର ଜେନା ପ୍ରମୁଖ ଏହି ସଭାର ଆୟୋଜନ କରିଥିଲେ ।

# ଧାମନଗର ମେଡିକାଲରେ ଚରମ ଅବହେଳା ! ଜ୍ୱର ରୋଗୀଙ୍କୁ ଦିଆଗଲା କୁକୁର କାମୁଡ଼ା ଇଞ୍ଜେକ୍ସନ, ତଦନ୍ତ ନିର୍ଦ୍ଦେଶ

ଧାମନଗର,୧୯।୬ (ନିପ୍ର): ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କ୍ଷେତ୍ରରେ ଏକ ସଂଘାତିକ ଦାୟିତ୍ୱହୀନତା ସାମ୍ନାକୁ ଆସିଛି। ଜଣେ ଜ୍ୱର ପୀଡ଼ିତ ରୋଗୀଙ୍କୁ ସାଧାରଣ ଇଞ୍ଜେକ୍ସନ ବଦଳରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଦିଆଯାଇଥିବା ନେଇ ଏକ ଗମ୍ଭୀର ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ସରକାରୀ ମେଡିକାଲର ସୁରକ୍ଷା ଓ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ମୁତାବକ, ଧାମନଗର ବ୍ଲକ ଦଳାଙ୍ଗ ଗ୍ରାମର ସାଇକୃଷ୍ଣ ତ୍ରିପାଠୀ(୧୨) ପ୍ରବଳ ଜ୍ୱର ଏବଂ



ମୁଣ୍ଡବିନ୍ଧାରେ ଆକ୍ରାନ୍ତ ହୋଇ ଗୁରୁବାର ଧାମନଗର ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଜ୍ୱର ଉପଶମ ପାଇଁ ଔଷଧ ସହିତ ଏକ ଇଞ୍ଜେକ୍ସନ ଲେଖିଥିଲେ।

ଏହାପରେ ସାଇକୃଷ୍ଣ ଇଞ୍ଜେକ୍ସନ ନେବା ପାଇଁ ସେଠାରେ ଥିବା ନିର୍ଦ୍ଦିଷ୍ଟ କକ୍ଷକୁ ଯାଇଥିଲେ। କକ୍ଷରେ କାର୍ଯ୍ୟରତ ଥିବା ନର୍ସ ଡାକ୍ତରଙ୍କ ପ୍ରେସକ୍ରିପସନକୁ ସଠିକ୍ ଭାବେ ନଦେଖି ଅତ୍ୟନ୍ତ ବେପରୁଆ ଭାବେ ସାଇକୃଷ୍ଣଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେଇ ଦେଇଥିଲେ। ଏହି ଭୁଲ ଇଞ୍ଜେକ୍ସନ ନେବା ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ତାଙ୍କର ମୁଣ୍ଡ ବୁଲାଇବା ସହ ଜ୍ୱରର ପ୍ରକୋପ ଆହୁରି ବଢ଼ିଯାଇଥିବା ସେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପ୍ରଥମେ ସେ ଘରକୁ ଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପ୍ରସାରିତ ହେବା ପରେ ଭୁଲ ଇଞ୍ଜେକ୍ସନ ଦେଇଥିବା ସମ୍ପୃକ୍ତ ନର୍ସଙ୍କ ବିରୁଦ୍ଧରେ ସିଡିଏମଓ କାରଣ ଦର୍ଶାଅ ନୋଟିସ ସହ ଭଦ୍ରକ ଏନଏଚଏମ ପକ୍ଷରୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି

ନୟାଗଡ଼,୧୯।୬ (ନିପ୍ର): ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧକ୍ଷତାରେ ଓସ୍ୱାନ ସଭାକକ୍ଷରେ ଅନୁଷ୍ଠିତ ହୋଇ ଯାଇଅଛି। ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି ଯୋଗ ଦିବସ ଗ୍ରାମ ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲା ମୁଖ୍ୟାଳୟରେ ଏକା ସାଙ୍ଗରେ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଅଛି । ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଜନସାଧାରଣ ଯେପରି ଭାଗ ନେଇ ପାରିବେ ସେ ଉପରେ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ଓ କାର୍ଯ୍ୟକ୍ରମଟି ଆସନ୍ତା ତା ୨୧ ଜୁନ ୨୦୨୬ ରିଖ ପ୍ରାତଃ ୦୬ ଘଟିକାରୁ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସୁଥିବା ବ୍ୟକ୍ତି ବିଶେଷଙ୍କର ନାମ ପଞ୍ଜୀକୃତ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରରେ ୫୦୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଜିଲ୍ଲାପାଳ ଆଶା ବ୍ୟକ୍ତ କରିଛନ୍ତି।

# ଏନ୍‌ଇଇଟି ପରୀକ୍ଷାର୍ଥୀଙ୍କ ପାଇଁ ନିଃଶୁଳ୍କ ସରକାରୀ ବସ୍ ସେବା

ନୟାଗଡ,୧୯।୬ (ନିପ୍ର); ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି କ୍ରମେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପରିବହନ ବିଭାଗ ପକ୍ଷରୁ ଜୁନ ୨୧ରେ ହେବାକୁ ଥିବା 'ଏନ୍‌ଇଇଟି 'ପରୀକ୍ଷାର୍ଥୀଙ୍କ ପାଇଁ ନିଃଶୁଳ୍କ ସରକାରୀ ବସ୍ ସେବାର ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ପରୀକ୍ଷାର୍ଥୀମାନେ ଓଏସ୍‌ଆରଟିସି ଓ ମୁଖ୍ୟମନ୍ତ୍ରୀ ବସ୍ ସେବା ମାଧ୍ୟମରେ ନୟାଗଡ ପୁରୁଣା ବସ୍‌ଷ୍ଟାଣ୍ଡ ମେଡିକାଲ ଛକରୁ ଆଡ଼ମିଟ୍ କାର୍ଡ ଦେଖାଇ ନିଃଶୁଳ୍କ ଯାତ୍ରା କରିପାରିବେ ଏବଂ ବରମୁଣ୍ଡା ବସଷ୍ଟାଣ୍ଡ ଠାରୁ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଯିବାପାଇଁ ଓଏସ୍‌ଆରଟିସି ତରଫରୁ ବ୍ୟବସ୍ଥା କରାଯାଇଛି ଓ ପରୀକ୍ଷାର୍ଥୀଙ୍କ ଯାତାୟାତ ପାଇଁ ବସ୍‌ଗୁଡ଼ିକ ଦୁଇଟି ପର୍ଯ୍ୟାୟରେ ଚାଲିବ । ପ୍ରଥମ ପର୍ଯ୍ୟାୟରେ ପରୀକ୍ଷା ପୂର୍ବରୁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷା ସରିବା ପରେ । ସମସ୍ତ ପରୀକ୍ଷାର୍ଥୀ ନିଜ ନିଜ ସ୍ଥାନକୁ ଫେରିବା ପର୍ଯ୍ୟନ୍ତ ଏହି ନିଃଶୁଳ୍କ ସେବା ଜାରି ରହିବ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବସ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାର ବ୍ୟବସ୍ଥା କରାଯିବ ଓ ନୟାଗଡ ଜିଲ୍ଲାର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ନୋଡାଲ୍ ଅଧିକାରୀ ଭାବେ ମଟର ଯାନ ନିରୀକ୍ଷକ, ପ୍ରକାଶ କୁମାର ଦୀପ୍ (୯୨୩୭୩୭୮୫୮୩ ) ନିଯୁକ୍ତ ହୋଇଛନ୍ତି ଓ ଏହି ସମ୍ବନ୍ଧରେ ଅଧିକ ସୂଚନା ନିମନ୍ତେ ନୟାଗଡ ଓଏସ୍‌ଆରଟିସି ପକ୍ଷରୁ ଏକ ହେଲ୍ପଲାଇନ ନମ୍ବର - ୮୨୬୦୮୮୦୨୪୯ ଜାରି କରାଯାଇଛି ।

# ନାଗାବଳୀ ନଦୀର ଗତିପଥ ପରିବର୍ତ୍ତନ ଲାଗି ଡ୍ରୋନ ସର୍ଭେ ଶେଷ

## ହାଇ ଲେଭଲ ଟିମ୍‌ଙ୍କ ସମୀକ୍ଷା ରିପୋର୍ଟ ଅନୁଧ୍ୟାନ ପରେ ସରକାରଙ୍କ ନିଷ୍ପତ୍ତି

ରାୟଗଡା,୧୯।୬ (ନିପ୍ର): ରାୟଗଡା ସହର ଦେଇ ବୋହି ଯାଉଥିବା ନାଗାବଳୀ ନଦୀର ଗତିପଥ ବଦଳାଇବା ପାଇଁ ଚାଲିଛି ସର୍ଭେ କାର୍ଯ୍ୟ। ପ୍ରଥମ ଦଫା କାର୍ଯ୍ୟ ସ୍ୱରୂପ ଡ୍ରୋନ ସର୍ଭେ କାର୍ଯ୍ୟର ସମାପ୍ତି ସରିଛି। ବର୍ତ୍ତମାନ ବୋରୱେଲ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରାଯାଇ ସମୀକ୍ଷା କରାଯିବ। ଏହିସବୁ ସର୍ଭେକାର୍ଯ୍ୟ ଜଳସେଚନ ବିଭାଗ ଦ୍ୱାରା କରାଯାଉଛି। ଗତ ମେ ମାସ ତୃତୀୟ ସପ୍ତାହ ବେଳକୁ ଭୁବନେଶ୍ୱରରୁ ଏକ ଉଚ୍ଚାସ୍ତରୀୟ ଦଳ ବା ଟିମ୍ ଆସି ପ୍ରଥମ ସୋପାନରେ ଡ୍ରୋନ ସର୍ଭେ କାର୍ଯ୍ୟ କରିଥିଲେ। ଉକ୍ତ ହାଇ ଲେବେଲଟିମରେ ପ୍ଲାନିଙ୍ଗ ଓ ଡ଼ିଜାଇନ ବିଭାଗର ବରିଷ୍ଠ ଯନ୍ତ୍ରୀ, ଏବଂ ମୁଖ୍ୟ ଯନ୍ତ୍ରୀଙ୍କ ସମେତ ରାୟଗଡା ଜଳ ସେଚନ ଅଧିକାରୀ ଏକତ୍ର ଭାବେ ଏହି ସର୍ଭେ କାର୍ଯ୍ୟ କରିଥିବା ଜଣା ପଡିଛି। ଏଠାରେ ସୂଚନା ଯୋଗ୍ୟ ଯେ, ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର, କୋଲନରା, ଓ ରାୟଗଡା ବ୍ଲକରେ ଚାଷକାର୍ଯ୍ୟ ପାଇଁ ଜୀବନ ରେଖା ହେଉଛି ନାଗାବଳୀ। ଜେକେୟପୁର ଠାରୁ ଆରମ୍ଭ କରି ରାୟଗଡା ସହରକୁ ପ୍ରବେଶ କଲେ ସହରର ପୂର୍ବ ଦିଗରେ ବୋହି ଯାଉଛି ନାଗାବଳୀ। ଏହି ନଦୀ ଜେକେପୁର ଠାରୁ କୁମୁଟିପେଣ୍ଠ, କୋତାପେଟା, ମାଲିଗାଁ, ତୁମ୍ବିଗୁଡା, ଓ ଧୂମାଗୁଡା ଗ୍ରାମ ଦେଇ ରାୟଗଡା ସହର ହାତୀପଥର ଦେଇ ପ୍ରବାହିତ ହେଉଥିଲା। ହେଲେ ୨୦୦୬ ମସିହାରେ ଏକ ହାଇଡ୍ରୋ ପାୱାର ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ଭାଙ୍ଗି ଯାଇଥିଲା ଏବଂ ନଦୀର ଗତିପଥ ପରିବର୍ତ୍ତନ ହୋଇ ଏହା ସହର ନିକଟବର୍ତ୍ତୀ ହୋଇଯାଇଥିଲା। ଫଳରେ ଏହା ନିକଟରେ ରହିଥିବା ଗ୍ରାମ ଗୁଡିକ ସର୍ବଦା ବନ୍ୟା ଆଶଙ୍କାରେ ରହି ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏଭଳିକି ଏହାର ତଟବର୍ତ୍ତୀ ଅଞ୍ଚଳରେ ଥିବା ଚାଷ ଜମି ଗୁଡିକ ଧୋଇହୋଇ ଯାଇଥିଲା। ନଦୀର ଗତିପଥ ପରିବର୍ତ୍ତନ ପରେ ନଦୀର ଆରପାଖେ ରହିଥିବା ଧୂମାଗୁଡା, ମାରୀଗୁଡା, ଆଦି ଗ୍ରାମବାସୀ ନଦୀକୂଳ ଖାଇଚାଲିଥିବା କାରଣରୁ ଭୟଭୀତ ଅବସ୍ଥାରେ ରହି ଆସୁଥିବା ବେଳେ ସହର ତଟବର୍ତ୍ତୀ ରାଣୀଗୁଡା ଅଞ୍ଚଳର ବହୁ ଘର ଅଦ୍ୟାବଧି ବନ୍ୟାଭୟ ଆଶଙ୍କାରେ ରହୁଥିବା ବେଳେ ବିପଦରେ ରହୁଥିବା ଯୋଗୁଁ ଅଞ୍ଚଳରେ ବର୍ଷା ଦିନେ ଅଧିକ ଭୟଭୀତ ରହୁଛନ୍ତି। ଅତଏବ ଯଦି ନଦୀର ଗତିପଥକୁ ପୁନର୍ବାର ବଦଳେଇଦିଆ ଯାଇପାରନ୍ତା ତେବେ ସହର ଓ ଗ୍ରାମବାସୀ ଉଭୟେ ଆଶ୍ୱସ୍ତି ପାଇବେ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରି କହିଛନ୍ତି। କିନ୍ତୁ ଅନ୍ୟପଟେ ଯଦି ନଦୀର ଗତିପଥ ପରିବର୍ତ୍ତନ କରାଯାଏ ହୁଏତ ନାଗାବଳି ନଦୀର ଉଭୟ ପାର୍ଶ୍ୱରେ ଥିବା ଗାଁ ଓ ସହର ଉପରେ ଏହାର ପ୍ରଭାବ ଦେଖାଦେଇପାରେ ବୋଲି ଆଶଙ୍କା ମଧ୍ୟ ରହିଛି। ଏ ବିଷୟରେ ରାୟଗଡା ଜଳସେଚନ ବିଭାଗ ଉପଖଣ୍ଡ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଡ୍ରୋନ ସର୍ଭେ ଶେଷ ହୋଇଛି। ଏବଂ ଅନ୍ୟ ସବୁ ତଥ୍ୟ ସଂଗ୍ରହ କରାଯାଇ ଏହାକୁ ହାଇ ଲେଭଲ ଟିମ ନିକଟକୁ ପଠାଯାଇ ନଦୀର ଗତିପଥ ପରିବର୍ତ୍ତନ କରାଯିବ ନତୁବା ଉଭୟ ପାର୍ଶ୍ୱରେ ସୁରକ୍ଷା ପାଚେରୀ ନିର୍ମାଣ କରାଯିବ ସେନେଇ ରାଜ୍ୟ ସରକାର ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମୁରଲୀ କ୍ରିଷ୍ଣାଙ୍କ ଠାରୁ ପ୍ରକାଶ।

## ଶିଶୁ ଚୋରାଚାଲାଣ ର୍ୟାକେଟର ପର୍ଦ୍ଦାଫାସ
## ୧୩ ଗିରଫ: ୫ ଶିଶୁ ଉଦ୍ଧାର

ନୂଆଦିଲ୍ଲୀ, ୧୯।୬ : ଦିଲ୍ଲୀ ପୁଲିସ ଏକ ବଡ଼ ଧରଣର ଆନ୍ତଃରାଜ୍ୟ ଶିଶୁ ଚୋରାଚାଲାଣ ର୍ୟାକେଟର ପର୍ଦ୍ଦାଫାସ କରିଛି ଏବଂ ଏହି ଘଟଣାରେ ଦିଲ୍ଲୀର ଏକ ହସ୍ପିଟାଲ ମାଲିକଙ୍କ ସମେତ ୧୩ ଜଣ ଗିରଫ ହୋଇଛନ୍ତି। ଏଥିସହ ଗତ ୧୫ ଦିନ ମଧ୍ୟରେ ବିଭିନ୍ନ ପରିବାର କିଣିଥିବା ପ୍ରାୟ ୫ ଜଣ ଶିଶୁଙ୍କୁ ଦିଲ୍ଲୀ ପୁଲିସ ଏହି ପ୍ରକ୍ରିୟାରେ ଉଦ୍ଧାର କରିଛି। ପୁଲିସ ଅନୁଯାୟୀ ଚୋରାଚାଲାଣକାରୀ, ଏଜେଣ୍ଟ, ସପ୍ଲାୟର, ମଧ୍ୟସ୍ଥତାରେ ଜଡ଼ିତ ବ୍ୟକ୍ତି, ପରିବହନରେ ସମ୍ପୃକ୍ତ ବ୍ୟକ୍ତି ଏବଂ କ୍ରେତାଙ୍କ ସମେତ ମୋଟ୍ ୧୩ ଜଣ ଏହି ମାମଲାରେ ଗିରଫ ହୋଇଛନ୍ତି। ଏହି ଆନ୍ତଃରାଜ୍ୟ ଶିଶୁ ଚୋରାଚାଲାଣ ର୍ୟାକେଟରେ ରାଜସ୍ଥାନ ଏବଂ ଗୁଜରାଟର ଦୁର୍ଗମ ଅଞ୍ଚଳରେ ଥିବା ଆଦିବାସୀ ପରିବାରକୁ ଟାର୍ଗେଟ୍ କରାଯାଉଛି ଏବଂ ସେମାନଙ୍କଠାରୁ ପିଲା ଆଣି ଦିଲ୍ଲୀ, ହରିୟାଣା, ରାଜସ୍ଥାନ , ଗୁଜରାଟ ଏବଂ ମଧ୍ୟପ୍ରଦେଶରେ ନିଃସନ୍ତାନ ଦମ୍ପତିଙ୍କୁ ବିକ୍ରି କରାଯାଉଛି। ଅଧିକାରୀଙ୍କ ଅନୁଯାୟୀ ଉଦ୍ଧାର ହୋଇଥିବା ୫ ଶିଶୁଙ୍କ ମଧ୍ୟରୁ ୪ ଜଣଙ୍କୁ ହରିୟାଣାର ପାନିପତ ଏବଂ ମଧ୍ୟପ୍ରଦେଶ ଗ୍ୱାଲିୟରର ୩ ଜଣ ନିଃସନ୍ତାନ ଦମ୍ପତିଙ୍କଠାରୁ ଉଦ୍ଧାର କରାଯାଇଛି। ସ୍ୱତନ୍ତ୍ର ପୁଲିସ କମିସନର ଦେବେଶ ଚନ୍ଦ୍ର ଶ୍ରୀବାସ୍ତବ କହିଛନ୍ତି, ସେମାନେ ଏହି ଘଟଣାରେ ତଦନ୍ତ ଜାରି ରଖିବେ। ଏକାଧିକ ରାଜ୍ୟରେ ପୁଲିସ ଟିମ୍ ମୁତୟନ ଦ୍ୱାରା ଏନେଇ ଏକ ଅପରେସନ୍ ପରିଚାଳନା କରାଯାଇଥିଲା। ଡିସିପି (କେନ୍ଦ୍ରୀୟ) ରୋହିତ ରାଜବୀର ସିଂହ କହିଛନ୍ତି, ଉତ୍ତରପଶ୍ଚିମ ଦିଲ୍ଲୀର ରୋହିଣୀ ନିକଟସ୍ଥ ବେଗମପୁରରେ ଏକ ମଲ୍ଟିସ୍ପେସାଲିଟି ହସ୍ପିଟାଲର ମାଲିକ ଡାକ୍ତର ବିବେଦୀ (୪୭) ଚୋରାଚାଲାଣ କରାଯାଉଥିବା ଶିଶୁମାନଙ୍କୁ ତାଙ୍କ ହସ୍ପିଟାଲରେ ରଖି ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ। ଏହି ରାକେଟର ମାଷ୍ଟରମାଇଣ୍ଡ ହେଉଛି ରାଜସ୍ଥାନ ଉଦୟପୁରର ଜଣେ ୨୫ ବର୍ଷୀୟ ଯୁବକ ଏବଂ ତା' ନାଁ ହେଉଛି ସୟବାଭାଇ ଘମର

## ଏସ୍ଆଇଟି ରିପୋର୍ଟ ପ୍ରକାଶ ପରେ 'କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ: ଯୋଗୀ

ଅଯୋଧ୍ୟା, ୧୯।୬: ରାମମନ୍ଦିର ହୁଣ୍ଡିରୁ ଚୋରି ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିବା ବେଳେ ବିରୋଧୀଙ୍କ ପକ୍ଷରୁ ନାନା ସମାଲୋଚନା କରାଯାଉଛି। ଏହି ଅବସରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ଅଯୋଧ୍ୟା ଗସ୍ତ କରି ବିରୋଧୀ ଦଳଗୁଡ଼ିକର ମନ୍ତବ୍ୟକୁ ସମାଲୋଚନା କରିଛନ୍ତି। ଏଥି ସହ ଭକ୍ତମାନଙ୍କୁ ୧୫ ଦିନ ଅପେକ୍ଷା କରିବାକୁ ଯୋଗୀ ନିବେଦନ କରିଛନ୍ତି। ସେ କହିଛନ୍ତି, ଏସ୍ଆଇଟି ତଦନ୍ତ ଚାଲିଛି, ରିପୋର୍ଟ ଆସିଯାଉ। ଚୋରି କରିଥିବା ବା ସେଥିରେ ସମ୍ପୃକ୍ତ ଥିବା କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ। ଏକ ଜନସଭାକୁ ସମ୍ବୋଧିତ କରି ଯୋଗୀ କହିଛନ୍ତି ଯେ ଯେଉଁମାନେ ଏକଦା ଭଗବାନ ରାମଙ୍କ ନାମରେ ସ୍ଲୋଗାନ ଦେଉଥିବା ଲୋକଙ୍କ ଉପରକୁ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ, ସେମାନେ ବର୍ତ୍ତମାନ ମନ୍ଦିର ଓ ରାମଭକ୍ତଙ୍କ ବିଷୟରେ କହୁଛନ୍ତି। ରାମମନ୍ଦିର ନିର୍ମାଣକୁ ରୋକିବା ପାଇଁ କଂଗ୍ରେସ ଉଦ୍ୟମ କରିଥିଲା ଏବଂ ପ୍ରଭୁ ରାମଙ୍କ ଅସ୍ତିତ୍ୱ ନାହିଁ ବୋଲି ଦଳ ସୁପ୍ରିମକୋର୍ଟରେ ଯୁକ୍ତି ଦର୍ଶାଇଥିଲା। ସେହି କଂଗ୍ରେସ ଏବେ ଅଯୋଧ୍ୟାକୁ ନେଇ ଚିନ୍ତା ପ୍ରକଟ କରୁଛି ଏବଂ ରାମଭକ୍ତଙ୍କୁ ଅପମାନିତ କରାଯାଇଛି ବୋଲି ଦାବି କରୁଛି। ସମାଜବାଦୀ ପାର୍ଟିକୁ ଟାର୍ଗେଟ୍ କରି ଯୋଗୀ କହିଛନ୍ତି, ଯେଉଁମାନେ କରସେବକ ଓ ରାମଭକ୍ତଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ, ସେମାନେ ବର୍ତ୍ତମାନ ଭାଷଣ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଅଭିଯୋଗର ତଦନ୍ତ ପାଇଁ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଅନୁରୋଧ କ୍ରମେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଗଠନ କରିଛନ୍ତି। ଯୋଗୀ କହିଛନ୍ତି ଯେ, ଏହି ମାମଲାରେ ଯାହାଙ୍କ ପାଖରେ କିଛି ପ୍ରମାଣ ଅଛି, ସେମାନେ ଏହାକୁ ଏସ୍ଆଇଟିରେ ଦାଖଲ କରିବା ଉଚିତ। ସେ ଭକ୍ତମାନଙ୍କୁ ଧୈର୍ଯ୍ୟ ଧରିବାକୁ ନିବେଦନ କରି କହିଛନ୍ତି, ପ୍ରଭୁ ରାମ ସମ୍ମାନ ଓ ଅନୁଶାସନର ମୂଲ୍ୟବୋଧ ଶିକ୍ଷା ଦେଇଥିଲେ। ରାମଭକ୍ତମାନେ ମନ୍ଦିର ନିର୍ମାଣ ପାଇଁ ୫୦୦ ବର୍ଷ ଧରି ସଂଘର୍ଷ କରିଥିଲେ। ଆଉ ୧୫ ଦିନ ଅପେକ୍ଷା କରନ୍ତୁ ଏବଂ ତଦନ୍ତ ଆଗକୁ ବଢ଼ିବାକୁ ଦିଅନ୍ତୁ।

## ଅଲ୍ଲୁ ଅର୍ଜୁନଙ୍କୁ କୋର୍ଟର ସମନ

ନୂଆଦିଲ୍ଲୀ, ୧୯।୬: କୋର୍ଟରେ ହାଜର ହେବେ ତେଲୁଗୁ ଅଭିନେତା। ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ହାଇଦ୍ରାବାଦ ନାମପଲ୍ଲୀ କୋର୍ଟରୁ ସମନ। ଆସନ୍ତା ୨୨ ତାରିଖରେ ବ୍ୟକ୍ତିଗତ ଭାବରେ କୋର୍ଟରେ ହାଜର ହେବାକୁ ଅଲ୍ଲୁ ଅର୍ଜୁନଙ୍କୁ ସମନ କରାଯାଇଛି। ପୁଷ୍ପା ୨ରେ ଦଳାଚକଟା ଏବଂ ପ୍ରଶଂସକ ମୃତ୍ୟୁ ମାମଲାରେ ଚିକ୍କଡପାଲି ପୋଲିସ ଅଲ୍ଲୁ ଅର୍ଜୁନଙ୍କୁ ଅଭିଯୁକ୍ତ ନମ୍ବର ୧୧ ଭାବରେ ନାମିତ କରିଛି। ସନ୍ଧ୍ୟା ଥିଏଟରର ପରିଚାଳନାକୁ ମଧ୍ୟ ଅଭିଯୁକ୍ତ ନମ୍ବର ୧ ରୁ ୧୦ ଭାବରେ ତାଲିକାଭୁକ୍ତ କରାଯାଇଛି। ଡିସେମ୍ବର ୪, ୨୦୨୪ ରେ, ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ପୁଷ୍ପା ୨ ଦି ରୁଲ୍ର ପ୍ରିମିୟର ଶୋ ସମୟରେ ଏକ ଦୁଃଖଦ ଦଳାଚକଟା ହୋଇଥିଲା। ଅଭିନେତା ଆଲ୍ଲୁ ଅର୍ଜୁନ ଥିଏଟରରେ ପହଞ୍ଚିବା ପରେ ହଜାର ହଜାର ପ୍ରଶଂସକ ଏକାଠି ହୋଇଥିଲେ, ଯାହା ଫଳରେ ଭିଡ଼ ଏବଂ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଭିଡ଼ ସମୟରେ, ଜଣେ ୩୫ ବର୍ଷୀୟ ମହିଳା ରେବତୀଙ୍କ ଶ୍ୱାସରୁଦ୍ଧ ଯୋଗୁଁ ମୃତ୍ୟୁ ଘଟିଥିଲା, ଯେତେବେଳେ ତାଙ୍କ ଛୋଟ ପୁଅ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲା।

## ପାକିସ୍ତାନ ଭିତରେ ଆଫଗାନିସ୍ତାନର ବିମାନ ଆକ୍ରମଣ

କାବୁଲ, ୧୯।୬: ତାଲିବାନ ନେତୃତ୍ୱାଧୀନ ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ ପାକିସ୍ତାନୀ ସୀମା ଭିତରେ ଗତ ରାତିରେ ହୋଇଥିବା ବିମାନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିବା ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରାଳୟର ଏକ ବିବୃତି ଅନୁଯାୟୀ, ଇସଲାମିକ୍ ଏମିରେଟ୍ସର ବାୟୁସେନା ଦ୍ୱାରା ବଲୁଚିସ୍ତାନ ଓ ଖୈବର ପଖତୁନଖ୍ୱା ଅଞ୍ଚଳରେ ଏହି ଅପରେସନ୍ କରାଯାଇଥିଲା। ମନ୍ତ୍ରାଳୟ କହିଛି ଯେ କିଲା ଅବଦୁଲ୍ଲା ଜିଲ୍ଲାର ଗୁଲିସ୍ତାନ ଅଞ୍ଚଳ, ଟାଗାଇ ଜିଲ୍ଲାର ଶକର ଅବ ଜଙ୍ଗଲ ଗଡ଼ି ଏବଂ ଖୈବର ପଖତୁନଖ୍ୱାର ଓରାକଜାଇ ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବା ସ୍ଥାନ ଉପରେ ଏହି ଆକ୍ରମଣ କରାଯାଇଥିଲା। କାବୁଲ ଦୃଢୋକ୍ତି ପ୍ରକାଶ କରିଛି ଯେ ଏହି ସ୍ଥାନଗୁଡିକ ଆଫଗାନିସ୍ତାନ ବିରୋଧରେ ଆକ୍ରମଣ ଯୋଜନା ଓ ସମନ୍ୱୟ ପାଇଁ ବ୍ୟବହୃତ ହେଉଛି ଏବଂ ଦୀର୍ଘ ଦିନ ଧରି ଶତ୍ରୁ ଗୋଷ୍ଠୀ ପାଇଁ କାର୍ଯ୍ୟକ୍ଷମ ଘାଟି ଭାବରେ କାର୍ଯ୍ୟ କରୁଛି। ଏହା ଆହୁରି ଦାବି କରିଛି ଯେ ସମସ୍ତ ପୂର୍ବ ଚିହ୍ନିତ ଟାର୍ଗେଟକୁ ସଫଳତାର ସହ ଆକ୍ରମଣ କରାଯାଇଛି। ବିବୃତିରେ ଚେତାବନୀ ଦିଆଯାଇଛି ଯେ ଆଫଗାନିସ୍ତାନ ଏହାର ଆଞ୍ଚଳିକ ସୁରକ୍ଷା ପ୍ରତି କୌଣସି ବିପଦକୁ ବରଦାସ୍ତ କରିବ ନାହିଁ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପରୁ ନିଜକୁ ରକ୍ଷା କରିବା ପାଇଁ ସମସ୍ତ ଉପଲବ୍ଧ ମାଧ୍ୟମ ବ୍ୟବହାର ଜାରି ରଖିବ।

### ଜାତିସଙ୍ଘରେ ବର୍ଷିଲା ଭାରତ
# ପାକିସ୍ତାନ ହେଉଛି ଆତଙ୍କବାଦୀଙ୍କ ଦେଶ



ନୂଆଦିଲ୍ଲୀ, ୧୯।୬: ସିନ୍ଧୁ ନଦୀ ଜଳ ପ୍ରସଙ୍ଗରେ ପାକିସ୍ତାନ ଉପରେ ବର୍ଷିଛି ଭାରତ। ଜାତିସଙ୍ଘ ମାନବାଧିକାର ପରିଷଦର ଏକ ବୈଠକରେ ଭାରତ ପ୍ରସଙ୍ଗକୁ ଗୁରୁତର ସହ ନେଇ ଏବେ ସିନ୍ଧୁ ଚୁକ୍ତିର ବୈଧତା ସରିଯାଇଥିବା କହିଛି। ଏହାକୁ ସରକାର ଅତି ପୁରୁଣା ବୋଲି କହିଛନ୍ତି। ଏହାସହ ଯେଉଁ ଦେଶ ଲଗାତାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଇଥାଏ ତା ନିକଟରୁ ମିତ୍ରତା ଆଶା କରିବା ବୃଥା ବୋଲି ମଧ୍ୟ ଭାରତୀୟ ଅଧିକାରୀ ପ୍ରକାଶ କରିଛନ୍ତି। ୟୁଏନଏଚଆରସିର ୬୨ ତମ ବୈଠକରେ ଭାରତର ପ୍ରତିନିଧି ଅନୁପମା ସିଂ କହିଛନ୍ତି ଯେ, ପାକିସ୍ତାନ ଭାରତ ଉପରେ ଯେଉଁ ଅଭିଯୋଗ ଲଗାଉଛି ତାହା ଭିତ୍ତିହୀନ। ପାକିସ୍ତାନ ବାରମ୍ବାର ଦ୍ୱିପାକ୍ଷିକ ପ୍ରସଙ୍ଗକୁ ଅନ୍ତର୍ଜାତୀୟ ମଞ୍ଚରେ ଉଠାଇ ଅଯଥା ସମୟ ନଷ୍ଟ କରୁଛି। ଏସବୁ ନକରି ପାକ୍ ନିଜ ଦେଶରେ ବଢୁଥିବା ଆତଙ୍କବାଦ ଉପରେ ଧ୍ୟାନ ଦେଲେ ଭଲ ହେବ। ପାକ୍ ପ୍ରୟୋଜିତ ଆତଙ୍କବାଦ ଆଞ୍ଚଳିକ ଶାନ୍ତି ପ୍ରତି ବିପଦ ଅଟେ। ସେ ଆହୁରି କହିଛନ୍ତି ଯେ, ସିନ୍ଧୁ ଜଳ ଚୁକ୍ତିକୁ ନେଇ ଭାରତର ଆଭିମୁଖ୍ୟ ସ୍ପଷ୍ଟ ରହିଛି। ଯେଉଁଦେଶ ଆତଙ୍କବାଦୀ ରପ୍ତାନୀ କରେ ସେହି ଦେଶ ଏବେ ସଦଭାବନା ଏବଂ ମିତ୍ରତା କଥା କହୁଛି। ଦୁନିଆ ବଦଳୁଛି। ପୂର୍ବରୁ ଯେଉଁ ଚୁକ୍ତି ହୋଇଥିଲା ତାହା ବର୍ତ୍ତମାନର ସମୟକୁ ନଜରରେ ରଖି ହୋଇନାହିଁ। ୧୯୬୦ରେ ହୋଇଥିବା ଏହି ଚୁକ୍ତିକୁ ଦେଖିଲେ ଏବେକାର ସ୍ଥିତି ଭିନ୍ନ ରହିଛି। ସୂଚନାଯୋଗ୍ୟ, ଭାରତର ପହଲଗାମରେ ପାକିସ୍ତାନର ଆତଙ୍କବାଦୀ ଆକ୍ରମଣ କରିଥିଲା। ଏଥିରେ ହିନ୍ଦୁ ପର୍ଯ୍ୟଟକଙ୍କୁ ଟାର୍ଗେଟ୍ କରାଯାଇଥିଲା। ଯେଉଁଥିରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ଏହାପରେ ଭାରତ ସରକାର ସିନ୍ଧୁ ଚୁକ୍ତିକୁ ବାତିଲ କରିଥିଲେ। ଫଳରେ ପାକିସ୍ତାନରେ ପାଣି ସଙ୍କଟ ଦେଖାଦେଇଛି। ପାକିସ୍ତାନ ସୀମାରେ ଆତଙ୍କବାଦ ବନ୍ଦ ନକରିବା ଯାଏଁ ଭାରତ ପାଣି ଟୋପାଏ ଦେବନି ବୋଲି ମଧ୍ୟ କହିସାରିଛି।

## ଦିଲ୍ଲୀରେ ବାଚସ୍ପତିଙ୍କୁ ଭେଟିଲେ ଅଭିଷେକ
### ୨୦ ବିଦ୍ରୋହୀ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବା ନେଇ ଆବେଦନ

କୋଲକାତା, ୧୯।୬: ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦଳ ତୃଣମୂଳ କଂଗ୍ରେସରେ ସଙ୍କଟ ଜାରି ରହିଥିବାବେଳେ ଆଜି ମମତାଙ୍କ ପୁତୁରା ଏବଂ ଡାଏମଣ୍ଡ ହାରବୋର ସାଂସଦ ଅଭିଷେକ ବାନାର୍ଜୀ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଦିଲ୍ଲୀରେ ଭେଟିଛନ୍ତି। ବାଚସ୍ପତିଙ୍କୁ ଭେଟିବା ପରେ ଅଭିଷେକ କହିଛନ୍ତି , ସେ ଏହି ମାମଲାରେ ୨୦ ବିଦ୍ରୋହୀ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବା ନେଇ ବାଚସ୍ପତିଙ୍କ ନିକଟରେ ଏକ ଆବେଦନ କରିଛନ୍ତି ଏବଂ ଏହି ମାମଲାରେ ବାଚସ୍ପତିଙ୍କ ନିକଟରେ ଦଳର ପକ୍ଷ ରଖିଛନ୍ତି। ଅଭିଷେକ କହିଛନ୍ତି, ସେ ବାଚସ୍ପତିଙ୍କ ନିକଟରେ ମୋଟ୍ ୨୦ଟି ଆବେଦନ କରିଛନ୍ତି ଏବଂ ପ୍ରତିଟି ଆବେଦନ ୨୧ ପୃଷ୍ଠା ବିଶିଷ୍ଟ। ଏଥିରେ ସମସ୍ତ ଅଭିଯୋଗ ରହିଛି ଏବଂ ବାଚସ୍ପତି ସମ୍ବିଧାନ ଅନୁଯାୟୀ କାମ କରିବେ ବୋଲି ଆମର ଆଶା ରହିଥିବା ସେ କହିଛନ୍ତି। ଅଭିଷେକ ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ସମ୍ବିଧାନକୁ ଯେକୌଣସି ଉପାୟରେ ପରିବର୍ତ୍ତନ କରିବା ପାଇଁ ଉଦ୍ୟମ ଚାଲିଛି। ଗତ ଗୋଟିଏ ମାସ ମଧ୍ୟରେ କେବଳ ପଶ୍ଚିମବଙ୍ଗ ନୁହେଁ ବରଂ ମହାରାଷ୍ଟ୍ରରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ସେମାନେ ଯେକୌଣସି ଉପାୟରେ ସମ୍ବିଧାନକୁ ପରିବର୍ତ୍ତନ କରିବାକୁ ଚାହାନ୍ତି। ସେମାନେ ଲୋକଙ୍କୁ ବିଶ୍ୱାସ କରନ୍ତିନି। କାରଣ ସେମାନେ ଭଲଭାବେ ଜାଣନ୍ତି ଯେ ଯଦି ଲୋକମାନେ ଗଣତାନ୍ତ୍ରିକ ଉପାୟରେ ଭୋଟ୍ ଦେଇଥାନ୍ତେ ତେବେ ବିଜେପି କେବେ ବି



ନିର୍ବାଚନ ଜିତିପାରିନଥାନ୍ତା। ସେଥିପାଇଁ ସେମାନେ ଜନାଦେଶକୁ ହେରଫେର କରିବାପାଇଁ ନିର୍ବାଚନ କମିସନ୍, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) , ସିବିଆଇ ଏବଂ ଅନ୍ୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ବ୍ୟବହାର କରିଛନ୍ତି। ଅଭିଷେକ କହିଛନ୍ତି, ସମ୍ବିଧାନ ଅନୁଯାୟୀ ବିଦ୍ରୋହୀ ସାଂସଦମାନେ ଭୁଲ୍।

## ଲଦାଖରେ ପ୍ଲାଷ୍ଟିକ୍ ଉପରେ ନିଷେଧାଜ୍ଞା



ଜାମ୍ମୁ, ୧୯।୬: ଲଦାଖରେ ସର୍ବସାଧାରଣ ସ୍ଥାନରେ ଏକକବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର ଉପରେ ନିଷେଧାଜ୍ଞା ଜାରି କରାଯାଇଛି। ଏପରି ପ୍ଲାଷ୍ଟିକର ବ୍ୟବହାର କିମ୍ବା ବିକ୍ରୟ କଲେ କିମ୍ବା ସର୍ବସାଧାରଣ ସ୍ଥାନରେ ଏହାକୁ ପକାଇଲେ ଏଣିକି ମୋଟା ଅଙ୍କର ଜରିମାନା ଆଦାୟ ହେବ। ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ଏକକବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ସାମଗ୍ରୀ ଉପରେ କଠୋର ପ୍ରତିବନ୍ଧକ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଣିକି କୌଣସି ବ୍ୟକ୍ତି କିମ୍ବା ବ୍ୟବସାୟିକ ସଂସ୍ଥା (ଯେପରିକି ହୋଟେଲ) ଏକକବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଉପରେ ନିଷେଧାଦେଶ ଉଲ୍ଲଂଘନ କଲେ ୧୦,୦୦୦ ଟଙ୍କା ଜରିମାନା ଦେବେ। ଅଳିଆ ପକାଇ ସର୍ବସାଧାରଣ ସ୍ଥାନକୁ ଅସନା କଲେ ୫,୦୦୦ ଟଙ୍କା ଜରିମାନା ଲାଗୁ ହେବ। ଏହା ବ୍ୟତୀତ ଲେହ ବିମାନବନ୍ଦର ଓ ଲଦାଖ ପ୍ରବେଶପଥରେ ଏକକବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ଯାଦୃଚ୍ଛିକ ଯାଞ୍ଚ କରାଯିବ। ଏହା ପରିବେଶ ସୁରକ୍ଷାକୁ ସୁଦୃଢ଼ କରିବା ସହ ଲଦାଖର ଭଙ୍ଗୁର ଇକୋସିଷ୍ଟମକୁ ବଞ୍ଚାଇବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ।

## କର୍ମକ୍ଷେତ୍ରରେ ମହିଳା ସୁରକ୍ଷା ଲାଗି ପରାମର୍ଶ

ନୂଆଦିଲ୍ଲୀ, ୧୯।୬: ମହିଳାମାନଙ୍କ ପାଇଁ ସୁରକ୍ଷିତ ଏବଂ ସମ୍ମାନଜନକ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ଜାତୀୟ ମହିଳା କମିଶନ (ଏନସିଡବ୍ଲୁ) ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏକ ବ୍ୟାପକ ପରାମର୍ଶ ଜାରି କରିଛି। ଶୁକ୍ରବାର ଜାରି ହୋଇଥିବା ପରାମର୍ଶରେ କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ ( ପୋଶ ଆଇନ), ୨୦୧୩ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରମୁଖ ପଦକ୍ଷେପ ସୁପାରିସ କରାଯାଇଛି। ପରାମର୍ଶରେ ୧୦ କିମ୍ବା ତଦୁର୍ଦ୍ଧ୍ୱ କର୍ମଚାରୀ ଥିବା ସମସ୍ତ ପ୍ରତିଷ୍ଠାନ ପାଇଁ ବାର୍ଷିକ ପୋଶ ଅଡିଟ୍ ବାଧ୍ୟତାମୂଳକ କରିବାକୁ ସୁପାରିସ କରାଯାଇଛି। ଆଇନର ଅନୁପାଳନ ନିୟମିତ ଭାବରେ ତଦାରଖ କରିବା ପାଇଁ କମିଶନ ରାଜ୍ୟଗୁଡ଼ିକୁ ପୋଶ ମନିଟରିଂ ସେଲ୍ କିମ୍ବା ଡିଜିଟାଲ୍ ଡ୍ୟାସବୋର୍ଡ ପ୍ରତିଷ୍ଠା କରିବାକୁ ଅନୁରୋଧ କରିଛନ୍ତି।

## ଫ୍ଲାଇଟ୍ ଉପରେ ବଜ୍ରପାତ, ଅଳ୍ପକେ ବର୍ତ୍ତିଲେ ୧୪୭ ଯାତ୍ରୀ

କୋଲକାତା, ୧୯।୬: ଏୟାରପୋର୍ଟରେ ଛିଡା ହୋଇଥିବା ଏକ ଇଣ୍ଡିଗୋ ବିମାନ ଉପରେ ଶୁକ୍ରବାର ବଜ୍ରପାତ ହୋଇଛି। ଭାରତୀୟ ବିମାନ ଚଳାଚଳ ପ୍ରାଧିକରଣ ଏହି ସୂଚନା ଦେଇଛନ୍ତି। ଏହି ବିମାନଟି ଅଗରତାଲା ଯିବାକୁ ଥିଲା ଓ ଏଥିରେ ଚାଳକ ଦଳ ସଦସ୍ୟ ସମେତ ୧୪୭ ଜଣ ଯାତ୍ରୀ ଥିଲେ। ତେବେ ବିମାନ ଓ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା କୁହାଯାଇଛି। ଏହି ଘଟଣା ଇଣ୍ଡିଗୋ ଫ୍ଲାଇଟ୍ ସଂଖ୍ୟା ୬ଇ୬୦୬୮ରେ ହୋଇଛି। ବିମାନଟି ଏରୋବ୍ରିଜ ୫୬ଏଲ ରେ ଛିଡା ହୋଇଥିଲା। ଏୟାରପୋର୍ଟ ଅପରେସନ କଣ୍ଟ୍ରୋଲ ସେଣ୍ଟର (ଏଓସିସି) ପୂର୍ବରୁ ପାଣିପାଗକୁ ନେଇ ସତର୍କତା ଜାରି କରିଥିଲେ। କାରଣ ଏୟାରପୋର୍ଟ ଅଞ୍ଚଳରେ ଝଡ଼ ତୋଫାନ ସହ ବର୍ଷା ଲାଗି ରହିଥିଲା। ଅଧିକାରୀଙ୍କ ଅନୁସାରେ ପ୍ରାକୃତିକ ଦୁର୍ଘଟଣାରେ କୌଣସି ପ୍ରକାର ଧନଜୀବନ ହାନୀ ହୋଇ ନାହିଁ। ତେବେ ସତର୍କତା ସ୍ୱରୂପ ବିମାନରେ ଥିବା ୬ ଚାଳକ ଦଳ ସଦସ୍ୟଙ୍କ ସମେତ ୧୪୭ ଜଣ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯାଇଛି। ପରେ ଯାତ୍ରୀଙ୍କୁ ଅନ୍ୟ ଏକ ବିମାନ ଭିସି-ଆଇସିଡିରେ ବସା ଯାଇଥିଲା ଯାହା ଅଗରତାଲା ଅଭିମୁଖେ ଯାତ୍ରା କରିଛି।

## ମେକେଦାଟୁ ପ୍ରକଳ୍ପକୁ ତାମିଲନାଡୁ ସରକାରଙ୍କ ତୀବ୍ର ବିରୋଧ

ନୂଆଦିଲ୍ଲୀ, ୧୯।୬: କାବେରୀ ନଦୀ ଉପରେ କର୍ଣ୍ଣାଟକ ସରକାର ପ୍ରସ୍ତାବ ରଖିଥିବା ମେକେଦାଟୁ ବନ୍ଧ ପ୍ରକଳ୍ପକୁ ତାମିଲନାଡୁ ସରକାର ତୀବ୍ର ବିରୋଧ କରିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ବିଧାନସଭାରେ ଏହି ପ୍ରକଳ୍ପ ବିରୁଦ୍ଧରେ ଏକ ସଂକଳ୍ପ ଆଣିଛନ୍ତି। ଗୃହର ସମସ୍ତ ସଦସ୍ୟଙ୍କୁ ଏହାକୁ ସର୍ବସମ୍ମତି କ୍ରମେ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ସଂକଳ୍ପକୁ କଂଗ୍ରେସ ଏବଂ ଭିସିକେ ଦଳ ପକ୍ଷରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିଛି। ନେତାମାନେ ଏହି ଆନ୍ତଃ-ରାଜ୍ୟ ନଦୀ ଜଳ ବିବାଦ ମାମଲାରେ ସମସ୍ତେ ଏକାଠି ହୋଇ ଛିଡ଼ା ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ନାଇଜର ବିମାନବନ୍ଦରରେ ବନ୍ଧୁକଧାରୀଙ୍କ ଆକ୍ରମଣ; ୩୫ ମୃତ



ନୂଆଦିଲ୍ଲୀ, ୧୯।୬: ଗୁରୁବାର ନାଇଜରର ସବୁଠାରୁ ବଡ଼ ବିମାନବନ୍ଦରରେ ବନ୍ଧୁକଧାରୀମାନଙ୍କ ଆକ୍ରମଣରେ ୩୫ ଜଣଙ୍କର ମୃତ୍ୟୁ ହୋଇଛି। ଗତ ପାଞ୍ଚ ମାସରୁ କମ୍ ସମୟ ମଧ୍ୟରେ ଏହା ଦ୍ୱିତୀୟ ଆକ୍ରମଣ। ରାଜଧାନୀ ନିଆମେରେ ଅଧିକାଂଶ ବାସିନ୍ଦା ମୁସଲିମ୍ ହୋଇଥିବାବେଳେ ସେମାନେ 'ବିବିସି'କୁ ଦେଇଥିବା ସୂଚନା ଅନୁଯାୟୀ, ସକାଳର ପ୍ରାର୍ଥନା ପରେ ଡିଓରି ହାମାନି ଅନ୍ତର୍ଜାତୀୟ ବିମାନବନ୍ଦରରେ ଗୁଳିଚାଳନାର ଶବ୍ଦ ଶୁଣିଥିଲେ। ନାଇଜର ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ମୃତକଙ୍କ ମଧ୍ୟରେ ୨୨ ଜଣ ଆକ୍ରମଣକାରୀ, ୧୧ ଜଣ ସୈନିକ ଓ ୨ ଜଣ ନାଗରିକ ଅଛନ୍ତି। ଏହି ଆକ୍ରମଣ ପାଇଁ ଆଲ-କାଏଦା ସହିତ ଜଡ଼ିତ ଜମାତ୍ ନୁସରତ୍ ଅଲ-ଇସଲାମ ଓ୍ୱଲ-ମୁସଲିମିନ୍ (ଜେଏନ୍ଆଇଏମ୍) ନିଜକୁ ଦାୟୀ କରିଛି। ନାଇଜର ଏକ ଦଶନ୍ଧି ଧରି ଇସଲାମିକ ବିଦ୍ରୋହ ସହିତ ଲଢୁଛି ଓ ଜାନୁଆରି ମାସରେ ଇସଲାମିକ ଷ୍ଟେଟ୍ ଗୋଷ୍ଠୀ ସହିତ ଜଡିତ ଏକ ସଂଗଠନ ଏହି ବିମାନବନ୍ଦରରେ ହୋଇଥିବା ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା। ଗୁରୁବାର ଘଟିଥିବା ହିଂସା ସକାଳ ସୁଦ୍ଧା ସ୍ଥଗିତ ହୋଇଯାଇଥିଲା ଓ ସୁରକ୍ଷା ବାହିନୀ ଅନ୍ୟ ଆକ୍ରମଣକାରୀଙ୍କୁ ଧରିବା ପାଇଁ ତଲାସ ଆରମ୍ଭ କରିଛନ୍ତି। କର୍ତ୍ତୃପକ୍ଷ କହିଛନ୍ତି ଯେ, ୨୨ ଜଣ ଆକ୍ରମଣକାରୀଙ୍କ ସହିତ ଆଉ ଚାରି ଜଣ ଆହତ ହୋଇଛନ୍ତି। ୨୦ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଆରପିଜି-୭ ଲଞ୍ଚର, ଏକେ-୪୭ ରାଇଫଲ, ବିସ୍ଫୋରକ, ଗ୍ରେନେଡ, ଯୋଗାଯୋଗ ଉପକରଣ ଓ ବିପୁଳ ପରିମାଣର ଗୋଳାବାରୁଦ ଜବତ କରାଯାଇଛି।

## ତିନି ବର୍ଷ ମଧ୍ୟରେ ଅପରାଧୀଙ୍କୁ ନ୍ୟାୟ ପ୍ରଦାନ କରିବା ବ୍ୟବସ୍ଥା ସୃଷ୍ଟି କରିବା ଲକ୍ଷ୍ୟ: ଅମିତ ଶାହ

ନୂଆଦିଲ୍ଲୀ, ୧୯।୬: କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର କହିଛନ୍ତି ଯେ ଦେଶର ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ଏକ ପ୍ରଭାବଶାଳୀ ଉପକରଣ କରାଯିବା ଉଚିତ ଯାହା ପ୍ରତ୍ୟେକ ନାଗରିକଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ସୁନିଶ୍ଚିତ କରିବ। ସେ କହିଛନ୍ତି ଯେ ଯଦି କୌଣସି ବ୍ୟକ୍ତିଙ୍କ ଶରୀର, ସମ୍ପତ୍ତି କିମ୍ବା ସମ୍ମାନ ସହିତ ଜଡିତ ଅଧିକାର ବର୍ଷ ବର୍ଷ ଧରି ଉଲ୍ଲଂଘନ ହୁଏ ଏବଂ ଅପରାଧୀ ବର୍ଷ ବର୍ଷ ଧରି ଦଣ୍ଡ ପାଇ ନଥାଏ, ତେବେ ଏପରି ବ୍ୟବସ୍ଥାକୁ ନ୍ୟାୟପୂର୍ଣ୍ଣ କୁହାଯାଇପାରିବ ନାହିଁ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅଡିଟୋରିୟମରେ ଅନୁଷ୍ଠିତ ୨୬ତମ ଅଖିଳ ଭାରତୀୟ ଫିଙ୍ଗରପ୍ରିଂଟ ସମ୍ମିଳନୀ-୨୦୨୬କୁ ସମ୍ବୋଧିତ କରି ଶାହ କହିଛନ୍ତି ଯେ ୨୦୧୯ ମସିହାରେ, ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଏକ ଅଭିଯାନ ଆରମ୍ଭ କରାଯାଇଥିଲା, ଯାହାର ଲକ୍ଷ୍ୟ ଥିଲା ଆଧୁନିକ ଆବଶ୍ୟକତା ସହିତ ଆଇନକୁ ସମନ୍ୱିତ କରିବା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ତଦନ୍ତ ପ୍ରକ୍ରିୟାର ଏକ ଅତ୍ୟାବଶ୍ୟକ ଅଂଶ କରିବା ଏବଂ ଏଫଆଇଆରରୁ ଦୋଷୀ ସାବ୍ୟସ୍ତ ହେବା ପର୍ଯ୍ୟନ୍ତ ପ୍ରକ୍ରିୟାକୁ ତିନି ବର୍ଷ ମଧ୍ୟରେ ସମାପ୍ତ କରିବା। ସେ କହିଛନ୍ତି ଯେ ଦେଶ ବର୍ତ୍ତମାନ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ପରିବର୍ତ୍ତନର ଏକ ସମୟ ଦେଇ ଗତି କରୁଛି। ପୂର୍ବରୁ, ପୋଲିସ ଷ୍ଟେସନଗୁଡ଼ିକୁ କେବଳ ଆଇନ ଶୃଙ୍ଖଳା ବଜାୟ ରଖିବାର ଏକ ମାଧ୍ୟମ ଭାବରେ ବିବେଚନା କରାଯାଉଥିଲା, କିନ୍ତୁ ସମୟ ସହିତ, ସେମାନଙ୍କର ଭୂମିକାକୁ ଅପରାଧ ନିୟନ୍ତ୍ରଣ ଏବଂ ତଦନ୍ତ ଅନ୍ତର୍ଭୁକ୍ତ କରିବା ପାଇଁ ବିସ୍ତାରିତ କରାଯାଇଛି। ବର୍ତ୍ତମାନ, ଆବଶ୍ୟକତା ହେଉଛି ସମଗ୍ର ନ୍ୟାୟ ବ୍ୟବସ୍ଥା ନାଗରିକଙ୍କ ଅଧିକାରକୁ ସୁରକ୍ଷା ଦେବାର ଏକ ପ୍ରଭାବଶାଳୀ ମାଧ୍ୟମ ହେବା।

# ଲେବାନନ୍ ଉପରେ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ: ୧୬ ମୃତ

ଜେରୁଜେଲମ୍, ୧୯।୬: ଇସ୍ରାଏଲ ପକ୍ଷରୁ ଗୁରୁବାର-ଶୁକ୍ରବାର ରାତିରେ ଦକ୍ଷିଣ ଲେବାନନ୍ ଉପରେ ପ୍ରଚଣ୍ଡ ଆକ୍ରମଣ ହୋଇଛି। ଇସ୍ରାଏଲ ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା ଲେବାନନ୍ ଜାତୀୟ ନ୍ୟୁଜ ଏଜେନ୍ସି ପକ୍ଷରୁ କୁହାଯାଇଛି। ଆକ୍ରମଣ ଶୁକ୍ରବାର ଜାରି ରହିଥିବାବେଳେ ସେନା କହିଛି ଯେ, ହିଜବୁଲ୍ଲା ଅଞ୍ଚଳରେ ତୀବ୍ର ସଂଘର୍ଷ ରିପୋର୍ଟ ପରେ ଏହାର ସେନା ରାତିସାରା ଦକ୍ଷିଣ ଲେବାନନରେ ଟାର୍ଗେଟ ଉପରେ ଆକ୍ରମଣ କରିଥିଲା। ଲେବାନନ୍ ଉପରେ ଇସ୍ରାଏଲର ଏହି ଆକ୍ରମଣ ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ପାଇଁ ହୋଇଥିବା ସଦ୍ୟତମ ଚୁକ୍ତିକୁ ବିପଦରେ ପକାଇଛି। ଇସ୍ରାଏଲର ଚାରି ଜଣ ସୈନିକ ଏହି ସଂଘର୍ଷରେ ନିହତ ହୋଇଥିବା କୁହାଯାଇଛି।



ନିହତ ସୈନିକଙ୍କ ମଧ୍ୟରେ ଜଣେ ଲେଫନାଣ୍ଟ କର୍ଣ୍ଣେଲ ଅଛନ୍ତି ଓ ଅନ୍ୟମାନଙ୍କ ପରିଚୟ ମିଳିପାରିନି। ଲେବାନନରେ ଜାରି ଯୁଦ୍ଧ ନୂତନ ସ୍ୱାକ୍ଷରିତ ଚୁକ୍ତିକୁ ଭାଙ୍ଗିପାରେ। ଚଳିତ ବର୍ଷ ଶେଷ ଭାଗରେ ନିର୍ବାଚନର ସମ୍ମୁଖୀନ ହେବାକୁ ଥିବା ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଲେବାନନରୁ ସୈନ୍ୟ ପ୍ରତ୍ୟାହାର କରିବାକୁ ମନା କରିଦେଇଛନ୍ତି। ସେ କହିଛନ୍ତି ଯେ, ହିଜବୁଲ୍ଲା ବିପଦ ଦୂର ନହେବା ପର୍ଯ୍ୟନ୍ତ ଇସ୍ରାଏଲୀ ସେନା ଲେବାନନରେ ରହିବ। ଇରାନ ଯୁଦ୍ଧର ସ୍ଥାୟୀ ସମାପ୍ତି ପାଇଁ ଇରାନ ଓ ଆମେରିକା ମଧ୍ୟରେ ସ୍ୱିଜରଲ୍ୟାଣ୍ଡରେ ଯୋଜନାବଦ୍ଧ ଆଲୋଚନା ବିଳମ୍ବିତ ହେବା ପରେ ଏହି ଆକ୍ରମଣ ହୋଇଛି। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଗୁରୁବାର ସ୍ୱିଜରଲ୍ୟାଣ୍ଡ ଗସ୍ତକୁ ସ୍ଥଗିତ ରଖିଛନ୍ତି। ହ୍ୱାଇଟ୍ ହାଉସ୍ ଲଜିଷ୍ଟିକ୍ ସମସ୍ୟା ଏହାର କାରଣ ବୋଲି ଦର୍ଶାଇଥିବାବେଳେ ହିଜବୁଲ୍ଲା ସହିତ ଜଡିତ ଏକ ପାନ୍-ଆରବ ସାଟେଲାଇଟ୍ ଚ୍ୟାନେଲ୍ ଅଲ୍-ମାୟାଦିନର ଏକ ରିପୋର୍ଟରେ କୁହାଯାଇଛି ଯେ, ଲେବାନନରେ ଇସ୍ରାଏଲର ସାମରିକ ଅଭିଯାନ ଉପରେ ଇରାନ ସ୍ୱିଜରଲ୍ୟାଣ୍ଡକୁ ନିଜର ପ୍ରତିନିଧିମଣ୍ଡଳ ପଠାଇବାରେ ବିଳମ୍ବ କରୁଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଦିନ ଭର୍ସେଲ୍ସ ପ୍ୟାଲେସରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ଭୋଜନ ସମୟରେ ଇରାନ ସହିତ ପ୍ରାରମ୍ଭିକ ଚୁକ୍ତି ସ୍ୱାକ୍ଷର କରିଥିଲେ ଯାହା ତୁରନ୍ତ କାର୍ଯ୍ୟକାରୀ ହୋଇଥିଲା।

## କାଠଯୋଡ଼ି ରେଳ ସେତୁରୁ ଖସିପଡ଼ି ଫ୍ଲାଗମ୍ୟାନଙ୍କ ମୃତ୍ୟୁ

କଟକ,(ନିପ୍ର) କଟକର କାଠଯୋଡ଼ି ନଦୀ ଉପରେ ଥିବା ରେଳ ସେତୁରେ ଘଟିଛି ଏକ ଦୁଃଖଦ ଘଟଣା । ଡ୍ୟୁଟିରେ ଥିବାବେଳେ ପ୍ରାୟ ୫୦ ଫୁଟ୍ ଉଚ୍ଚତାରୁ ତଳକୁ ଖସିପଡ଼ି ଜଣେ ରେଳବାଇ ଫ୍ଲାଗମ୍ୟାନଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଯାଜପୁର ଜିଲ୍ଲାର ସୁବାସ ରାହୁଳ । ସେ ରେଳବାଇରେ ଫ୍ଲାଗମ୍ୟାନ୍ ଭାବେ କାର୍ଯ୍ୟରତ ଥିଲେ । ଏହି ଘଟଣା ପରେ ରେଳବାଇ କର୍ମଚାରୀ ମହଲ ଓ ମୃତକଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁସାରେ, କାଠଯୋଡ଼ି ରେଳ ସେତୁ ନିକଟରେ ସେ ନିଜ କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ହଠାତ୍ ଅସାବଧାନତା ବଶତଃ ସନ୍ତୁଳନ ହରାଇ ପ୍ରାୟ ୫୦ ଫୁଟ୍ ତଳକୁ ଖସି ପଡ଼ିଥିଲେ । ଘଟଣା ଘଟିବା ପରେ ସହକର୍ମୀ ଓ ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲକୁ ପଠାଇଥିଲେ । ହେଲେ ଗୁରୁତର ଆଘାତ ଯୋଗୁଁ ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇଥିବା ସୂଚନା ମିଳିଛି । ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ପରିବାର ଲୋକଙ୍କ ମଧ୍ୟରେ କାନ୍ଦବୋବାଳି ପଡ଼ିଯାଇଛି । ପ୍ରାଥମିକ ତଦନ୍ତରୁ ଡ୍ୟୁଟି ସମୟରେ ଅସାବଧାନତା କିମ୍ବା ସନ୍ତୁଳନ ହରାଇବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି । ତେବେ ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ରେଳବାଇ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଏହି ଘଟଣା ପୁଣିଥରେ ରେଳବାଇ କର୍ମଚାରୀଙ୍କ ସୁରକ୍ଷା ବ୍ୟବସ୍ଥା ଓ କାର୍ଯ୍ୟସ୍ଥଳରେ ସତର୍କତା ପ୍ରସଙ୍ଗକୁ ଆଗକୁ ଆଣିଛି । ବିପଦସଂକୁଳ ସ୍ଥାନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ଅଧିକ ସୁରକ୍ଷାମୂଳକ ବ୍ୟବସ୍ଥା କରିବାକୁ ଦାବି ଉଠିଛି । ସୁବାସ ରାହୁଳଙ୍କ ଅକାଳ ବିୟୋଗରେ ସହକର୍ମୀ ଓ ସ୍ଥାନୀୟ ଅଞ୍ଚଳରେ ଶୋକର ପରିବେଶ ସୃଷ୍ଟି ହୋଇଛି ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ, ଦୁଷ୍କର୍ମକାରୀ ଗିରଫ

ହିଞ୍ଜିଳିକାଟୁ, (ନିପ୍ର) : ନାବାଳିକା ଜଣଙ୍କ ଘରେ ଏକାକୀ ଥିବାର ସୁଯୋଗ ନେଇ ଜଣେ ୫୫ ବର୍ଷୀୟ ବ୍ୟକ୍ତି ନାବାଳିକାଙ୍କ ଘରେ ପଶି ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲେ । ଘଟଣା ସମ୍ପର୍କରେ କାହାରିକୁ କହିଲେ ଜୀବନରେ ହତ୍ୟା କରିବାର ଧମକ ଦେଇଥିଲେ । ଘଟଣାର ୭ ମାସ ପରେ ଘଟଣା ପ୍ରଘଟ ହେବା ପରେ ଘଟଣା ନେଇ ନାବାଳିକା ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଏଭଳି ଏକ ସମ୍ବେଦନଶୀଳ ଘଟଣା ହିଞ୍ଜିଳି ଥାନା ଇଲାକାରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରକାଶ ଯେ, ଗତ ନଭେମ୍ବର ମାସ କାର୍ତ୍ତିକ ପୂର୍ଣ୍ଣିମା ରାତିରେ ହିଞ୍ଜିଳି ଥାନା ଅଞ୍ଚଳର ଏକ ଗ୍ରାମର ଜଣେ ନାବାଳିକା ଘରେ ଏକାକୀ ଥିଲେ । ନାବାଳିକା ଜଣଙ୍କ ଘରେ ଏକାକୀ ଥିବାର ଜାଣିପାରି ସେହି ଗ୍ରାମର ଜଣେ ୫୫ ବର୍ଷୀୟ ବ୍ୟକ୍ତି ନାବାଳିକାଙ୍କ ଘରେ ପଶି ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲେ । ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ନାବାଳିକା ସମେତ ପରିବାର ସଦସ୍ୟଙ୍କୁ ହତ୍ୟା କରିବାର ଧମକ ଦେଇଥିଲେ । ଘଟଣାର ଦୀର୍ଘ ୬ ମାସ ପରେ ନାବାଳିକା ଜଣଙ୍କ ପେଟ ଆକାର ବୃଦ୍ଧି ପାଇବାରୁ ପରିବାର ଲୋକେ ସନ୍ଦେହ କରି ଚିକିତ୍ସା ପାଇଁ ମେଡିକାଲ୍ ନେଇଥିଲେ । ଚିକିତ୍ସା ସମୟରେ ନାବାଳିକା ଜଣଙ୍କ ଗର୍ଭବତୀ ଥିବା ଜଣାପଡିଥିଲା । ଘଟଣା ସମ୍ପର୍କରେ ନାବାଳିକାଙ୍କ ମାଆ ଓ ଭଉଣୀ ପଚାରିବାରୁ ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ କହିଥିଲେ । ଘଟଣା ନେଇ ଗୁରୁବାର ନାବାଳିକା ଜଣଙ୍କ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ -୪୨୪/୨୬ ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା । ଶୁକ୍ରବାର ସକାଳେ ପୁଲିସ ଅଭିଯୁକ୍ତଙ୍କୁ ଗ୍ରାମରୁ ଗିରଫ କରିଥିଲା । ଗିରଫ ବ୍ୟକ୍ତି ଜଣକ ସେହି ଗ୍ରାମର ସୁଦୁରୁ ନାୟକ (୫୫) । ଶୁକ୍ରବାର ଉଭୟଙ୍କ ଡ଼ାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍ସ କୋର୍ଟକୁ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଯାଇଥିବା ଥାନା ସୂତ୍ରରୁ ପ୍ରକାଶ ।

## ଗଦି ଫ୍ୟାକ୍ଟ୍ରିରେ ଭୟଙ୍କର ଅଗ୍ନିକାଣ୍ଡ, ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ

କଟକ,(ନିପ୍ର): ଜଳିଗଲା ଗଦି ଦୋକାନ । ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ । କଟକ ଜଗତପୁର ଥାନା ଅନ୍ତର୍ଗତ ପଦ୍ମପୁରଠାରେ ଥିବା ଓରି ଫୋମ ନାମକ ଏକ ଗଦି ତିଆରି କମ୍ପାନୀରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି । ନିଆଁରେ ପ୍ରାୟ ୧୦ ଲକ୍ଷରୁ ଅଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ । ଖବରପାଇ ସାଲେପୁର ଦମକଳ କେନ୍ଦ୍ର ଆସି ଘଟଣାସ୍ଥଳରେ ପହଞ୍ଚିଥିଲା । ପରେ ପରେ ଚାଉଳିଆଗଞ୍ଜ ଦମକଳ କେନ୍ଦ୍ର ଓ କଟକ ବକ୍ସି ବଜାର ଦମକଳ କେନ୍ଦ୍ରରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସଂକୀର୍ଣ୍ଣ ପ୍ରବେଶ ପଥ ଓ ଏକମାତ୍ର ପ୍ରବେଶ ପଥ ଥିବାରୁ ଭିତରକୁ ପ୍ରବେଶ କରିବା କଷ୍ଟକର ହୋଇଥିଲା । ପ୍ରଶାସନ ପକ୍ଷରୁ ଏକ ଜେସିବି ଯୋଗାଯିବା ପରେ ଅଗ୍ନିଶମ କର୍ମଚାରୀ ପ୍ରବେଶ କରିଥିଲେ । ଏହି କାର୍ଯ୍ୟରେ ରୋବୋଟିକ ମେସିନ ମଧ୍ୟ ବ୍ୟବହାର କରାଯାଇଥିଲା । ଭିତରେ ଥରମୋକୁଲ ଓ କେମିକାଲ ଥିବାରୁ ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇଥିଲା । ପ୍ରାୟ ତିନି ଘଣ୍ଟାର ଉଦ୍ୟମ ପରେ ନିଆଁ ଲିଭିଥିଲା । କେହି ମୃତାହତ ହୋଇନଥିବା ବେଳେ ଅଗ୍ନିକାଣ୍ଡର କାରଣ ଓ କ୍ଷୟକ୍ଷତିର ଆକଳନ କରାଯାଉଛି ।

## ଏସ୍‌ଆଇଆର କାମ ବେଳେ ବିଏଲଓଙ୍କୁ ଆକ୍ରମଣ : ଜଣେ ଗିରଫ

କଟକ(ନିପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର କାମ ବେଳେ ଜଣେ ବିଏଲଓଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । କଟକର ବାଦାମବାଡ଼ି ଥାନା ଅନ୍ତର୍ଗତ ବିଶିନାବର ଅଞ୍ଚଳରେ ଏହି ଘଟଣା ଘଟିଛି । ବିସିନାବର ଅଞ୍ଚଳର ଜଗନ୍ନାଥ ଜେନା (୨୯) ପ୍ରଥମେ ବିଏଲଓଙ୍କୁ ଗାଳିଗୁଲଜ କରିଥିଲେ । ଏହା ପରେ ଆକ୍ରମଣ କରିଥିଲେ । କେବଳ ସେତିକି ନୁହେଁ, ବିଏଲଓଙ୍କ ପାଖରେ ଥିବା ସମସ୍ତ କାଗଜପତ୍ର ଚିରି ଦେଇଥିଲେ । ବିଏଲଓ ପ୍ରତିବାଦ କରିବାରୁ ଅଭିଯୁକ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ । ଫଳରେ ସେ ଆହତ ହୋଇ ତଳେ ପଡିଯାଇଥିଲେ । ଘଟଣା ସ୍ଥଳରେ ବାଦାମବାଡ଼ି ଥାନା ପୁଲିସ ପହଞ୍ଚି ଆହତ ବିଏଲଓଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ । ପୋଲିସ ଅଭିଯୁକ୍ତ ଜଗନ୍ନାଥକୁ ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ନିଶାରେ ଥାଇ ଏଭଳି କାଣ୍ଡ କରିଥିବା କୁହାଯାଉଛି ।

## ନିଖୋଜ ନାବାଳକ ପୁରୀରୁ ଉଦ୍ଧାର

କଟକ,(ନିପ୍ର): ଗୁରୁବାର ମଧ୍ୟାହ୍ନରୁ ଚାଉଳିଆଗଞ୍ଜରୁ ନିଖୋଜ ହୋଇଥିବା ଜଣେ ନାବାଳକକୁ ଚାଉଳିଆଗଞ୍ଜ ଥାନା ପୋଲିସ ପୁରୀରୁ ଉଦ୍ଧାର କରି ପରିବାର ଜିମା ଦେଇଛି । ମିଳିଥିବା ସୂଚନା ଅନୁଯାୟୀ ନାବାଳକ ଜଣକ ଗୁରୁବାର ଦିନ ସାଢେ ୧୨ଟାରୁ ୧ଟା ମଧ୍ୟରେ ଘରୁ କୁଆଡେ ପଳାଇଥିଲେ । ପରିବାର ଲୋକ ଖୋଜାଖୋଜି କରି କୌଣସି ଖୋଜ ଖବର ନପାଇବାରୁ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ । ତଦନୁଯାୟୀ ଏକ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ୫ ନମ୍ବର ଜୋନ ଏସିପି ଓ ଥାନାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ ଗଠନ କରାଯାଇଥିଲା । ଏସଆଇ ବିକାଶ ମଲିକ ଓ ଅନ୍ତର୍ଯ୍ୟାମୀ ସାହୁଙ୍କ ନେତୃତ୍ୱରେ ଗଠିତ ଏହି ଟିମ ରେଳ ଷ୍ଟେସନ, ବସ ଷ୍ଟାଣ୍ଡ ଆଦି ସ୍ଥାନରେ ଚଢ଼ାଉ କରିବା ସହ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ ସଂଗ୍ରହ କରିଥିଲେ । ସେଥିରୁ ସେ ଟ୍ରେନ ଯୋଗେ ପୁରୀ ଯାଇଥିବା ଜଣା ପଡିବା ପରେ ପୁରୀ ଟାଉନ ଥାନା ପୋଲିସ ଓ ପୁରୀ ସିଟି ଏସଡିପିଓଙ୍କ ସହାୟତରେ ନାବାଳକକୁ ଠାବ କରାଯାଇ ଉଦ୍ଧାର କରାଯାଇଥିଲା । ଏହାପରେ ତାଙ୍କୁ କଟକ ଅଣାଯାଇ ତାଙ୍କ ମା'ଙ୍କ ଜିମା ଦିଆଯାଇଛି ।

# ରାତି ହେଲେ ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି କାକଟପୁର ନୂଆ ବସ୍‌ଷ୍ଟାଣ୍ଡ !

କାକଟପୁର:(ନିପ୍ର): ସୂର୍ଯ୍ୟ ବୁଡ଼ିଲେ ବଢୁଛି ଅସାମାଜିକଙ୍କ ପ୍ରାଦୁର୍ଭାବ । ସ୍ଥାନୀୟ ଲୋକ ଓ ଯାତ୍ରୀଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି କାକଟପୁରର ନୂଆ ବସ୍ ଷ୍ଟାଣ୍ଡ । ଦିନରେ ଯାତ୍ରୀଙ୍କ ଗହଳଚହଳ ରହୁଥିବା ଏହି ବସ୍ ଷ୍ଟାଣ୍ଡଟି ରାତି ହେବା ମାତ୍ରେ ନିଶାଡୀ ଓ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହେଉଛି । ସବୁଠାରୁ ଦୁଃଖଦ ବିଷୟ ହେଉଛି, ସ୍ଥାନୀୟ ଅଞ୍ଚଳରେ ଏଭଳି ବେଆଇନ କାର୍ଯ୍ୟକଳାପ ବୃଦ୍ଧି ପାଉଥିଲେ ମଧ୍ୟ ପୋଲିସ କିମ୍ବା ସ୍ଥାନୀୟ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ସନ୍ଧ୍ୟା ହେବା କ୍ଷଣି ବସ୍ ଷ୍ଟାଣ୍ଡର ବିଭିନ୍ନ କୋଣ ଅନୁକୋଣରେ ମଦ, ଗଞ୍ଜେଇ ଭଳି ବିଭିନ୍ନ ନିଶାଦ୍ରବ୍ୟର ଆସର ଜମୁଛି । ନିଶାଡୀମାନେ ସେଠାରେ ଖୁଲମଖୁଲା ଗଣ୍ଡଗୋଳ କରିବା ସହ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି । ବସ୍ ଷ୍ଟାଣ୍ଡ ପରିସରରେ ଖାଲି ମଦ ବୋତଲ ଓ ନିଶା ସାମଗ୍ରୀ ପଡ଼ିରହିଥିବା ଦେଖିବାକୁ ମିଳୁଛି । ଭୟଭୀତ ଯାତ୍ରୀ ଓ ସ୍ଥାନୀୟ ବ୍ୟବସାୟୀ ଏହି ବେଆଇନ କାର୍ଯ୍ୟକଳାପ ଯୋଗୁଁ ରାତ୍ରିକାଳୀନ ଯାତ୍ରୀ, ବିଶେଷ କରି ମହିଳା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବସ୍ ଷ୍ଟାଣ୍ଡରେ ଥିବା ବ୍ୟବସାୟୀମାନେ ମଧ୍ୟ ଭୟଭୀତ ଅବସ୍ଥାରେ ଦୋକାନ ବଜାର ବନ୍ଦ କରିବାକୁ ବାଧ



ହେଉଛନ୍ତି । ପ୍ରତିବାଦ କଲେ ଓଲଟା ଆକ୍ରମଣର ଶିକାର ହେବାକୁ ପଡୁଥିବାରୁ ଲୋକେ ମୁହଁ ଖୋଲିବାକୁ ସାହସ କରୁନାହାନ୍ତି । 'ନୂଆ ବସ୍ ଷ୍ଟାଣ୍ଡ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି ସତ, କିନ୍ତୁ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ । ପୋଲିସ ପାଟ୍ରୋଲିଂ ହେଉ ନଥିବାରୁ ନିଶାଡୀମାନେ ଏହାକୁ ନିଜର ସୁରକ୍ଷିତ ସ୍ଥାନ ଭାବେ ବାଛି ନେଇଛନ୍ତି । ତୁରନ୍ତ ଏହି ନୂଆ ବସ୍ ଷ୍ଟାଣ୍ଡ ପରିସରରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯାଉ ଏବଂ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ନଚେତ୍ ଆଗାମୀ ଦିନରେ ଏଠାରେ କୌଣସି ବଡ଼ ଧରଣର ଅପରାଧିକ ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ।

## ଭାଉଜ ଓ ଭାଇଙ୍କୁ ଆକ୍ରମଣ ଅଭିଯୋଗରେ ସାନଭାଇ ଗିରଫ



କାକଟପୁର,(ନିପ୍ର): କାକଟପୁର ଥାନା ଅନ୍ତର୍ଗତ ବରଜିସାହି ଗ୍ରାମରେ ଏକ ଅଭାବନୀୟ ପାରିବାରିକ କଳହ ଦେଖିବାକୁ ମିଳିଛି । ଭାଉଜ ଓ ବଡ଼ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୁଲିସ୍ ସାନଭାଇକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବରଜିସାହି ଗ୍ରାମର ସ୍ୱର୍ଗତ ଅରକ୍ଷିତ ସିଂଙ୍କ ପୁଅ ଦୀପକ ଓରଫ ଦିପି ସିଂ (୩୧) । ମିଳିଥିବା ସୂଚନା ମୁତାବକ, ଗତକାଲି ୧୮ ତାରିଖ ରାତି ପ୍ରାୟ ୧୦ଟା ସମୟରେ ବରଜିସାହି ଗ୍ରାମର ବାପି ସିଂଙ୍କ ପତ୍ନୀ ମଧୁସ୍ମିତା ସିଂ (୨୫) ନିଜ ଘରେ ଥିବା ବେଳେ ତାଙ୍କ ଦିଅର ଦୀପକ ଜବରଦସ୍ତ ଘର ଭିତରକୁ ପଶିଥିଲେ । ସେ ସେଠାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମଧୁସ୍ମିତାଙ୍କୁ ଚଟାଣରେ ଘୋଷାରି ଗୋଦା ଓ ବିଧା ମାରି ପ୍ରହାର କରିଥିଲେ । ପତ୍ନୀଙ୍କ ଚିତ୍କାର ଶୁଣି ସ୍ୱାମୀ ବାପି ସିଂ ସେଠାରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ । ମାତ୍ର ଅଭିଯୁକ୍ତ ଦୀପକ ଏକ କୋଦାଳ ସାହାଯ୍ୟରେ ବାପିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଫଳରେ ବାପିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଏହା ସହିତ ଅଭିଯୁକ୍ତ ଜଣକ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ । ଏ ନେଇ ଆଜି ସକାଳେ ମଧୁସ୍ମିତା ସିଂ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ, ପୁଲିସ୍ କେସ୍ ନମ୍ବର ୨୨୩/୨୦୨୬, ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ସଙ୍ଗୀନ ଦଫାରେ ମାମଲା ରୁଜୁ କରିଥିଲା ।

## ନିରାକାରପୁର ପୁଲିସ ଦ୍ୱାରା ବେଆଇନ ପଥର ବୋଝେଇ ଟ୍ରାକ୍ଟର ଜବତ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୁଲିସ ପକ୍ଷରୁ ଆଜି ଏକ ବେଆଇନ ପଥର ଚାଲାଣ ହେଉଥିବା ଟ୍ରାକ୍ଟରକୁ ଜବତ କରାଯାଇଛି । ମିଳିଥିବା ସୂଚନା ମୁତାବକ, ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ପ୍ରତ୍ୟେକ୍ଷ ନିର୍ଦ୍ଦେଶ ଓ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା । ଏହି ସମୟରେ ବେଆଇନ ଭାବେ ପଥର ବୋଝେଇ କରି ନେଇଯାଉଥିବା ଏକ ଟ୍ରାକ୍ଟରକୁ ପୁଲିସ ଅଟକାଇଥିଲା । ଆବଶ୍ୟକୀୟ କାଗଜପତ୍ର କିମ୍ବା ବୈଧ ରୟାଲଟି ରସିଦ ଦେଖାଇବାରେ ବିଫଳ ହେବାରୁ ପୁଲିସ ଉକ୍ତ ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଛି । ଜବତ ହୋଇଥିବା ଟ୍ରାକ୍ଟରର ଗାଡ଼ି ନମ୍ବର ଓଡ଼ି ୦୨ ବିକେ ୧୨୭୫ ବୋଲି ଜଣାପଡ଼ିଛି । ଏହି ସମ୍ପର୍କରେ ନିରାକାରପୁର ଥାନାରେ କେସ୍ ନମ୍ବର ୨୨୫/୨୬ ରେ ଏକ ମାମଲା ରୁଜୁ କରାଯାଇ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଚଳାଇଛି । ଆଗକୁ ମଧ୍ୟ ଏଭଳି ବେଆଇନ କାର୍ଯ୍ୟକଳାପ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ସୂତ୍ରରୁ ପ୍ରକାଶ ।

## ଦୋକାନୀକୁ ଆକ୍ରମଣ କରି ଟଙ୍କା ଲୁଟ: ୨ ଗିରଫ



ପିପିଲି (ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ଦଳ ଭାଣପୁର ଗ୍ରାମରେ ଦୋକାନୀକୁ ଆକ୍ରମଣ ଓ ଦୋକାନ ଭଙ୍ଗାରୁଜା କରି ଟଙ୍କା ଲୁଟ ମାମଲାରେ ୨ଜଣ ଅଭିଯୁକ୍ତଙ୍କୁ ବଳଙ୍ଗା ପୋଲିସ ଗିରଫ କରି ଶୁକ୍ରବାର ଦିନ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଦଳ ଭାଣପୁର ଗ୍ରାମର ଆଦିତ୍ୟ ବେହେରା ଓ ଦିଲୀପ ବେହେରା । ସୂଚନା ମୁତାବକ ଅଭିଯୁକ୍ତ ମାନେ ଗ୍ରାମର ଧୋବେଇ ମହାନ୍ତିଙ୍କ ଦୋକାନକୁ ଯାଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ମାଡ ମାରି ଦୋକାନ ଭଙ୍ଗାରୁଜା କରିଥିଲେ । ଦୋକାନ ଡ୍ରରେ ଥିବା ୧୫ହଜାରରୁ ଊର୍ଦ୍ଧ୍ୱ ଟଙ୍କାକୁ ଲୁଟି ନେଇଥିଲେ । ଧୋବେଇ ଏନେଇ ଥାନାରେ ଅଭିଯୋଗ କରିବା ପରେ ଥାନରେ ଏକ ମାମଲା ରୁଜୁ କରାଯାଇଥିଲା । ଗତ କାଲି ରାତିର ପୋଲିସ ଅଭିଯୁକ୍ତ ଗାଁରେ ଚଢ଼ଉ କରି ଗିରଫ କରିଥିଲେ ।

## ଚାମେଲୀ ଓଝା ମାମଲାରେ ଆକ୍ସନ ମୋଡ଼ରେ ପୋଲିସ ଅଭିଯୁକ୍ତ ମାନସ ପ୍ରଧାନ ଗିରଫ

କେନ୍ଦ୍ରାପଡ଼ା (ନିପ୍ର): ଚର୍ଚ୍ଚିତ ଚାମେଲୀ ଓଝା ମାମଲାରେ କେନ୍ଦ୍ରାପଡ଼ା ପୋଲିସ ଆକ୍ସନ ମୋଡ଼କୁ ଫେରିଥିବା ଜଣାପଡ଼ିଛି । ଚାମେଲୀ ଓଝା ଦ୍ୱାରା ଦାଖଲ ଅଭିଯୋଗରେ ନାମିତ ୭ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ମାନସ ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ସୂଚନା ଅନୁସାରେ, ଗତକାଲି ଚାମେଲୀ ଓଝା ନ୍ୟାୟ ଦାବିରେ ଏଡିଜିଙ୍କୁ ଚିଠି ଲେଖିଥିଲେ । ସେଥିରେ ସେ ଜିଲ୍ଲା ପୋଲିସ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନକୁ ୭ ଦିନର ସମୟ ଦେଇଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରାନଗଲେ ଆସନ୍ତା ୨୪ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ । ଏହାର କିଛି ସମୟ ପରେ ପୋଲିସ ପକ୍ଷରୁ ତତ୍ପରତା ବଢ଼ିଥିବା ଦେଖାଯାଇଛି । ଆଜି ମାନସ ପ୍ରଧାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି । ଜିଲ୍ଲା ଏସପିଙ୍କ ସୂଚନା ଅନୁଯାୟୀ, ମାମଲାର ତଦନ୍ତ ଜାରି ରହିଛି ଏବଂ ଆଗାମୀ ଦିନରେ ଏହି ଘଟଣାରେ ଆହୁରି ଗିରଫଦାରି ହୋଇପାରେ ବୋଲି ସଙ୍କେତ ମିଳିଛି । ଘଟଣାର ପରବର୍ତ୍ତୀ ଅଗ୍ରଗତି ଉପରେ ସାଧାରଣ ଲୋକଙ୍କ ନଜର ରହିଛି ।

# ଯୋଗ ଓ ଜୀବନ ଅଙ୍ଗାଙ୍ଗୀ ଜଡ଼ିତ

ଅକ୍ଷୟ ପ୍ରସାଦ ବିଶ୍ୱାଳ

ପଞ୍ଚତତ୍ତ୍ୱରେ ଗଢା ଏ ଶରୀର ସେହି ପଞ୍ଚତତ୍ତ୍ୱ (ଯଥା – ଅଗ୍ନି, ବାୟୁ, ମାଟି, ଜଳ ଓ ଆକାଶ) ସହାୟତାରେ ଉତ୍ପନ୍ନ ହେଉଥିବା ଖାଦ୍ୟ ପାଦାର୍ଥ ଦ୍ୱାରା ଶରୀର ବୃଦ୍ଧି ପାଏ ଓ ପରିପୁଷ୍ଟ ହୋଇଥାଏ । ଏହି ପଞ୍ଚତତ୍ତ୍ୱ ଯଦିଓ ବାହାରକୁ ଦେଖା ଯାଉ ନଥାଏ ତଥାପି ଶରୀର ମଧ୍ୟରେ ଏମାନଙ୍କର ସୂକ୍ଷ୍ମ ବିଦ୍ୟମାନତାକୁ ଉପଲବ୍ଧି କରିହୁଏ । ଆମକୁ ଦେଖାଯାଉଥିବା ସାତୋଟି ଆବରଣ ଯୁକ୍ତ ଏ ଶରୀରର ଉପାଦାନ ଗୁଡିକ ହେଲେ – ଅସ୍ଥି, ଚର୍ମ, ମଜ୍ଜା, ରକ୍ତ, ମାଂସ, ଚର୍ବି ଓ ବୀର୍ଯ୍ୟ ।ଆଜିକାଲି ବାୟୁ, ମାଟି ଓ ଜଳ ଅତିମାତ୍ରାରେ ପ୍ରଦୂଷିତ ତେଣୁ ସେହି ପ୍ରଦୂଷିତ ବସ୍ତୁମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ଉପଯୋଗରେ ସୁସ୍ଥ ଜୀବନ ବିତାଇ ପାରିବା ସମ୍ଭବ ମନେ ହୁଏନି । କେବଳ ଆହାର ନୁହେଁ, ଆହାର ସାଙ୍ଗକୁ ଉପଯୁକ୍ତ ନିଦ୍ରା ଓ ବ୍ରହ୍ମ ସଂଯମତା ଏକାନ୍ତ ଆବଶ୍ୟକ । ଶରୀରରେ କଫ, ବାତ ଓ ପିତ୍ତର ସନ୍ତୁଳିତ ବଜାୟ ରଖିବା ମଧ୍ୟ ଆବଶ୍ୟକ । ଫଳରେ ସପ୍ତ ଧାତୁ, ଦଶ ଇନ୍ଦ୍ରିୟ, ମନ ଆଦି ସୁସ୍ଥ ରହିବା ସହ ମଳ-ମୂତ୍ର କ୍ରିୟା ମଧ୍ୟ ଯଥାରୀତି ହୋଇଥାଏ । ପରିଣାମତଃ ସୁନ୍ଦର ସ୍ୱାସ୍ଥ୍ୟ ଲାଭ ହୋଇଥାଏ । ଏସବୁକୁ ସୁସ୍ଥ ରଖିବା ପାଇଁ ଯୋଗ ଆମ ସମସ୍ତଙ୍କ ଜୀବନରେ ଅପରିହାର୍ଯ୍ୟ । ତେବେ ମନରେ ସ୍ୱତଃ ପ୍ରଶ୍ନ ଆସେ ଶରୀର ଓ ମନ ସହ ଯୋଗର କି ସମ୍ପର୍କ ଅଛି ? ଉତ୍ତରରେ ନିଶ୍ଚିତ କୁହାଯିବ ଯେ ଏମାନଙ୍କ ମଧ୍ୟରେ ପ୍ରଗାଢ ସମ୍ପର୍କ ଅଛି । ଏହି ସଂପର୍କକୁ ବୁଝିବାକୁ ହେଲେ ପ୍ରଥମେ ଯୋଗ କଣ ବୁଝିବାକୁ ପଡିବ । ଯୋଗ ଜୀବନ ଜିଇବାର ଏକ କଳା । ଏହା ଏକ ସାଧନା ବିଜ୍ଞାନ ।ଭାରତୀୟ ସଂସ୍କୃତିରେ ବେଦ ଓ ଉପନିଷଦ ଠାରୁ ଆରମ୍ଭ କରି ଶାସ୍ତ୍ର,ପୁରାଣ ଆଦିମାନଙ୍କରେ ଯୋଗର ବିସ୍ତୃତ ବ୍ୟାଖ୍ୟା କରାଯାଇଛି ।

ଶାସ୍ତ୍ରମାନଙ୍କରେ ଆଠ ପ୍ରକାର ଯୋଗ ଯଥା – ଜ୍ଞାନଯୋଗ, କର୍ମଯୋଗ, ଭକ୍ତିଯୋଗ, ରାଜଯୋଗ,ହଠଯୋଗ, କୁଣ୍ଡଳିନୀଯୋଗ, ମନ୍ତ୍ରଯୋଗ ଓ ଲୟଯୋଗ ବିଷୟରେ ଉଲ୍ଲେଖ ଅଛି । ହେଲେ ପ୍ରଧାନତଃ ଯେଉଁ ଯୋଗ ବିଷୟରେ ଆଜିକାଲି ଚାରିଆଡେ ଚର୍ଚ୍ଚା ହେଉଛି ତାହା ହେଉଛି ହଠଯୋଗ । ଭାରତୀୟ ଶାସ୍ତ୍ରରେ ଏହି ହଠଯୋଗର ଆଠଟି ଅଙ୍ଗ ବିଷୟରେ ଉଲ୍ଲେଖ ହୋଇଛି ଯାହାକୁ 'ଅଷ୍ଟାଙ୍ଗଯୋଗ' ବୋଲି କୁହାଯାଏ । ସେଗୁଡିକ ହେଉଛି ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଓ ସମାଧି । ଯମ କହିଲେ ପାଞ୍ଚଟିଗୁଣ ଯଥା – ଅହିଂସା, ସତ୍ୟ,ଅସ୍ତେୟ(ଚୋରୀ ନକରିବା), ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ (ସ୍ୱଳ୍ପ ଆବଶ୍ୟକତା ମେଣ୍ଟାଇ ଜୀବନକୁ ଈଶ୍ୱରାଭିମୁଖୀ କରାଇବା)କୁ ପାଳନ କରିବା । ନିୟମ କହିଲେ ଶୌଚ, ସନ୍ତୋଷ, ତପ (ବାଧା ବିଘ୍ନ ଗୁଡିକୁ ସହିବା), ସ୍ୱାଧ୍ୟାୟ (ଶାସ୍ତ୍ର ପଢିବା) ଓ ଈଶ୍ୱର ପ୍ରଣିଧାନ (କର୍ମ ଗୁଡିକୁ ଭଗବାନଙ୍କୁ ସମର୍ପଣ କରିବା ଅର୍ଥାତ ନିଷ୍କାମ କର୍ମ କରିବା) ଆଦି ଗୁଡିକୁ ନିଜ ବ୍ୟାବହାରିକ ଜୀବନରେ ପ୍ରୟୋଗ କରିବା । ଆସନ କହିଲେ ଦୃଢ ଓ ଆନନ୍ଦ ଦାୟକ ସ୍ଥିତିରେ ବସିବା । ଯେମିତି ପଦ୍ମାସନ, ସିଦ୍ଧାସନ, ସୁଖାସନ,ଭଦ୍ରାସନ ଇତ୍ୟାଦି । ଏସବୁ ମଧ୍ୟରୁ ଯେଉଁ ଆସନରେ ବସି ସାଧକ ନିଜକୁ ସହଜ ଅନୁଭବ କରିବ ସେହି ଆସନରେ ବସି ଜପ ଓ ଧ୍ୟାନ କରିବା ଉଚିତ । ପ୍ରାଣାୟାମ କହିଲେ ସୁଖାସନରେ ବସି ନିଜର ଶ୍ୱାସ-ପ୍ରଶ୍ୱାସର ଗତିକୁ ନିଜ ନିୟନ୍ତ୍ରଣରେ ରଖିବାର ଉପାୟ । ପ୍ରତ୍ୟାହାର କହିଲେ ଇନ୍ଦ୍ରିୟ ଗୁଡିକୁ ଭୋଗ ବାସନାରୁ ନିବୃତ୍ତ କରାଇ ମନକୁ ଈଶ୍ୱରାଭିମୁଖୀ କରାଇବା । ଆସନ, ପ୍ରାଣାୟାମ ଓ ପ୍ରତ୍ୟାହାର କରିବା ପରେ କେବଳ ଶଚ୍ଚିଦାନନ୍ଦ ପରମେଶ୍ୱରଙ୍କ ସ୍ମରଣ କରି ପରମବ୍ରହ୍ମଙ୍କ ଆନନ୍ଦମୟ, ଜ୍ୟୋତିର୍ମୟ ଓ ଶାନ୍ତିମୟ ସ୍ୱରୂପରେ ମଗ୍ନ ହେବାର ପ୍ରକ୍ରିୟାକୁ ଧ୍ୟାନ କୁହାଯାଏ । ମନକୁ ଶରୀରର କୌଣସି ଏକ ଚକ୍ରରେ ନିବନ୍ଧ କରାଇବା ହେଉଛି ଧାରଣା । ଧ୍ୟାନାବସ୍ଥାରେ ଧ୍ୟାନି ଯେତେବେଳେ ଈଶ୍ୱରଙ୍କ ସ୍ୱରୂପକୁ ଚିନ୍ତନ କରି ନିଜ ସ୍ୱରୂପକୁ ଶୂନ୍ୟ ବୋଲି ଅନୁଭବ କରେ ସେତେବେଳେ ତାର ସେହି ଅବସ୍ଥାକୁ ସମାଧିସ୍ଥିତି ବୋଲି କୁହାଯାଏ । ଯମ–ନିୟମ ପାଳନ ଫଳରେ ଉଭୟ ଶରୀର-ମନ ଶୁଦ୍ଧ ଓ ପବିତ୍ର ହୋଇଥାଏ । ଏକ ଶୁଦ୍ଧ ଶରୀର ଓ ପବିତ୍ର ମନ ଥିବା ବ୍ୟକ୍ତି ହିଁ ଯଥାଯଥା ଭାବରେ ଯୋଗ କରିବାକୁ ସକ୍ଷମ ହୋଇଥାଏ । ହଠ ଯୋଗରେ ଚୌରାଶୀ ପ୍ରକାର ଆସନ ବିଷୟରେ କୁହା ଯାଇଛି । ସୁଖାସନରେ ବସି ଧ୍ୟାନ କରିବା ବ୍ୟତୀତ ହଠ ଯୋଗରେ ଶରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଅନେକ ଆସନର ବର୍ଣ୍ଣନା କରାଯାଇଛି । ଏହି ଆସନ ଗୁଡିକର ଅଭ୍ୟାସ ଦ୍ୱାରା ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଗୁଡିକ ସୁସ୍ଥ ଓ ନମନୀୟ ରହିବା ସହିତ ପୂର୍ଣ୍ଣ କ୍ରିୟାଶୀଳ ରହିଥାଏ । ନିର୍ଦ୍ଦିଷ୍ଟ ରୋଗର ନିଦାନ ପାଇଁ ଆସନମାନ ସ୍ଥିରୀକୃତ ହୋଇଛି ।ଅଷ୍ଟାଙ୍ଗ ଯୋଗର ଅନ୍ୟତମଅଙ୍ଗ ପ୍ରାଣାୟାମ । ଶରୀରକୁ ସୁସ୍ଥ ଓ ରୋଗମୁକ୍ତ, ମନକୁ ଶୁଦ୍ଧ-ପବିତ୍ର ଏବଂ ଆତ୍ମାକୁ ନିର୍ମଳ କରିବାକୁ ହେଲେ ପ୍ରାଣାୟାମ ଏକମାତ୍ର ମାଧ୍ୟମ । ଶ୍ୱାସରୋଗ, ହୃଦରୋଗ,ମେଦ ବହୁଳତା, ଅମ୍ଳପିତ୍ତ ଆଦି ରୋଗକୁ ପ୍ରାଣାୟାମ ମଧ୍ୟମରେ ନିୟନ୍ତ୍ରଣ କରିହେବ । ପଞ୍ଚପ୍ରାଣ ଯଥା – ପ୍ରାଣ, ଅପାନ, ଉଦାନ, ସମାନ ଓ ବ୍ୟାନ । ଏହି ପଞ୍ଚପ୍ରାଣ ବା ବାୟୁ ଆମ ଶରୀର ମଧ୍ୟରେ ଥିବା ଅନେକ ଅନ୍ତସ୍ଥ ଓ ବାହ୍ୟସ୍ଥ ଅଙ୍ଗମାନଙ୍କୁ ସକ୍ରିୟ କରିଥାଏ ଯାହା ମଧ୍ୟରେ ଆମର ଫୁସଫୁସ, ହୃଦୟ,ନାସିକା ମାର୍ଗ, କଣ୍ଠ, ଶ୍ୱାସ ତନ୍ତ୍ର, ପିଟ୍ୟୁଟାରୀ ଗ୍ରନ୍ଥି, ଯକୃତ, ପ୍ଲୀହା, ଅଗ୍ନାଶୟ,ପାଚନତନ୍ତ୍ର ସହିତ ସମଗ୍ର ଶରୀରକୁ ସୁସ୍ଥ ଓ କ୍ରିୟାଶୀଳ ରଖିବାରେ ସାହାଯ୍ୟ କରିଥାଏ । ଏହି ପଞ୍ଚପ୍ରାଣକୁ କେବଳ ପ୍ରାଣାୟାମ ମାଧ୍ୟମରେ ସଠିକ ଉପଯୋଗ କରାଯାଇ ପାରେ । ଅଷ୍ଟାଙ୍ଗ ଯୋଗର ଏହି ୮ ଟି ପ୍ରକ୍ରିୟା ଦେଇ ସମାଧି ସ୍ଥିତିରେ ପହଞ୍ଚିବା ବ୍ୟକ୍ତି ହିଁ ପ୍ରକୃତ ଯୋଗୀ । ତେବେ ସାଧାରଣ ମଣିଷମାନେ ଏହି ଆଠଟି ଅଙ୍ଗକୁ ଅଭ୍ୟାସ କରି ପୂର୍ଣ୍ଣ ସିଦ୍ଧି ଲାଭ କରି ଯୋଗୀ ହୋଇ ନପାରିଲେ ମଧ ଯମ – ନିୟମ – ଆସନ – ପ୍ରାଣାୟାମର ଅଭ୍ୟାସ ଦ୍ୱାରା ନିଜ ଶରୀର ଓ ମନକୁ ସୁସ୍ଥ ରଖିବା ସହ ଏକ ଆନନ୍ଦ ପୂର୍ଣ୍ଣ ସାଂସାରିକ ଜୀବନ ଅତିବାହିତ କରିପାରିବେ । ତେବେ ଏଠାରେ କହିବା ଉଚିତ ମନେହୁଏ ଯେ ଏହିସବୁ ଯୋଗକୁ କୌଣସି ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଶିକ୍ଷା କରିବାକୁ ହୋଇଥାଏ । ଯଦି ଯୋଗକୁ ଉଚିତ ଢଙ୍ଗରେ କରାନଯାଏ ତେବେ ବିପରୀତ ଫଳ ମିଳିବାର ସମ୍ଭାବନା ଅଧିକ । ବର୍ତ୍ତମାନ ମଣିଷର ଆଧ୍ୟାତ୍ମିକ ଜୀବନକୁ ଏକ ନୂତନ ସ୍ୱରୂପ ଦିଆଯାଇ ଯୋଗକୁ ଜୀବନର ଏକ ମୁଖ୍ୟ ଅଂଶ ରୂପେ ଗ୍ରହଣ କରାଯାଇଛି । ଜୀବକୁ ପରମ ସହ ମିଳନ କରାଇବାର ପ୍ରକୃଷ୍ଟ ମାର୍ଗ ହିଁ ଯୋଗ ।ଯୋଗ ଅଭ୍ୟାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି କିଛିନା କିଛି ପ୍ରତ୍ୟେକ୍ଷ ଓ ପରୋକ୍ଷ ଲାଭ ପାଆନ୍ତି । ଶରୀର ଓ ମନକୁ ସମ୍ପୂର୍ଣ୍ଣ ସୁସ୍ଥ ରଖିବା ପାଇଁ ଯୋଗ ଏକ ବଳିଷ୍ଠ ଓ ଫଳପ୍ରସୂ ମାଧ୍ୟମ । ଆଧୁନିକ ଜୀବନ ଶୈଳୀ, ଖାଦ୍ୟ ପଦାର୍ଥ ଆଦି ଆମର ଶରୀର ଓ ମନ ଉପରେ ପକାଉଥିବା କୁପ୍ରଭାବକୁ କେବଳ ଯୋଗ ମାଧ୍ୟମରେ ପ୍ରତିହତ କରାଯାଇ ପାରେ ବୋଲି ଅନେକ ଅନୁଭୂତି ସମ୍ପନ୍ନ ବ୍ୟକ୍ତିମାନଙ୍କ ମତ । ରୋଗର ଚିକିତ୍ସା କରିବା ଅପେକ୍ଷା ଏହାର ପ୍ରତିଷେଧକ ବ୍ୟବସ୍ଥା କରିବା ଅଧିକ ଲାଭଦାୟକ ନ୍ୟାୟରେ ଯୋଗ ଅଭ୍ୟାସ ମାଧ୍ୟମରେ ଅନେକ ରୋଗକୁ ଆମେ ପ୍ରତିହତ କରିପାରିବା । ଏପରିକି ଆଧୁନିକ ଚିକିତ୍ସା ପଦ୍ଧତି ଦ୍ୱାରା ଉପଶମ ମିଳୁନଥିବା ଅନେକ ବ୍ୟାଧିକୁ ଯୋଗ ମାଧ୍ୟମରେ ନିୟନ୍ତ୍ରିତ କରାଯାଇ ପାରିଛି । ଯୋଗ ଦ୍ୱାରା ସ୍ନାୟୁତନ୍ତ୍ର ଓ ଅନ୍ତସ୍ରାବୀ ଗ୍ରନ୍ଥି ମଧ୍ୟରେ ସମନ୍ୱୟ ରକ୍ଷା କରି ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟେଙ୍ଗମାନଙ୍କୁ ସୁରକ୍ଷା ପ୍ରଦାନ କରିହୁଏ ବୋଲି ଡାକ୍ତରୀ ଗବେଷଣାରୁ ଜଣାଯାଏ । ଆଧୁନିକ ସମାଜର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଯୋଗ ଦ୍ୱାରା ସରଳ, ସୁନ୍ଦର ଓ ନିରୋଗ ରହିବାର ସମସ୍ତ ବ୍ୟବସ୍ଥା ରହିଛି । କାର୍ଯ୍ୟ କ୍ଷେତ୍ରରେ ହେଉଥିବା ଶାରୀରିକ ଓ ମାନସିକ ଯନ୍ତ୍ରଣାରୁ ମୁକ୍ତି ପାଇଁ ଯୋଗ ଏକ ଉତ୍ତମ ଓ ଲାଭ ଦାୟକ ବୋଲି ଅନେକ ଉପଲବ୍ଧ କରନ୍ତି । ମଣିଷର ପାରିବାରିକ ଓ ସାମାଜିକ ଜୀବନରେ ଆସୁଥିବା ଅନେକ ସମସ୍ୟା ମାନଙ୍କରୁ ଉତ୍ପନ୍ନ ମାନସିକ ଅବସାଦରୁ ମଧ୍ୟ ଯୋଗର ଅଙ୍ଗମାନ ଅଭ୍ୟାସ ଦ୍ୱାରା ମୁକ୍ତି ମିଳି ପାରିବ । ମଣିଷମାନଙ୍କ ମଧ୍ୟରେ,ଦେଶ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଅବସାଦ ଓ ଅସ୍ଥିରତା ଆଦିରୁ ମୁକ୍ତି ପାଇବାକୁ ଯୋଗ ହିଁ ଏକ ଉପଯୁକ୍ତ ମାଧ୍ୟମ । ଭାରତରେ ଅନେକ ମତ ପନ୍ଥ ଯୋଗ ଆଧାରରେ ବିଶ୍ୱରୁ ରୋଗ ଦୂର କରି ମଣିଷ ସମାଜକୁ ସୁଖ ଆନନ୍ଦ ଦେବାରେ ପ୍ରଚେଷ୍ଟା କରୁଛନ୍ତି । ତେବେ ଯୋଗକୁ ସର୍ବବ୍ୟାପି, ସର୍ବସ୍ପର୍ଶୀ କରାଇବା ଆମର ଲକ୍ଷ୍ୟ । ଯୋଗ ମାଧ୍ୟମରେ ଜାତି, ଧର୍ମ, ମତ, ପନ୍ଥ ନିର୍ବିଶେଷରେ ସମଗ୍ର ବିଶ୍ୱକୁ ଏକ ସୁସ୍ଥ ସମାଜ ଭେଟି ଦେବା ସହ ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ସୁଖ,ଶାନ୍ତି ଓ ଆନନ୍ଦ ଭରି ଦେଉଥିବ । କେବଳ ଏହି ଲକ୍ଷ୍ୟରେ ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂଯୁକ୍ତ ରାଷ୍ଟ୍ରର ସାଧାରଣ ପରିଷଦର ୨୦୧୪ ବୈଠକରେ ଯୋଗକୁ ଏକ ଆନ୍ତର୍ଜାତୀୟ ମାନ୍ୟତା ଦେବାକୁ ପ୍ରସ୍ତାବ ଦେଇଥିଲେ । ଯାହାକୁ ପରବର୍ତ୍ତୀ ସମୟରେ ଅଧିକାଂଶ ସଦସ୍ୟ ରାଷ୍ଟ୍ରଙ୍କ ଦ୍ୱାରା ଅନୁମୋଦନ କରାଯାଇ ସର୍ବସମ୍ମତିକ୍ରମେ ସ୍ୱୀକାର କରାଗଲା । ସେବେ ଠାରୁ ଅର୍ଥାତ ୨୦୧୫ ମସିହାରୁ ପ୍ରତ୍ୟେକ ବର୍ଷ ୨୧ ଜୁନ ରେ 'ଆନ୍ତର୍ଜାତୀୟ ଯୋଗ ଦିବସ' ପାଳିତ ହୋଇଆସୁଅଛି । ଅନେକ ଯୁବ ପିଢି ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଜିମ ଯିବା ପସନ୍ଦ କରୁଥିବା ବେଳେ ଆମର ଅତି ପ୍ରାଚୀନ ଯୋଗ ପଦ୍ଧତି ପ୍ରତି ସେମାନଙ୍କର ଆଗ୍ରହ ରହୁନି । ସେମାନଙ୍କୁ ଏହାର ଉପକାରିତା, ବୈଜ୍ଞାନିକତା, ସହଜତା ଓ ସରଳତା ବିଷୟରେ ବୁଝାଇବାକୁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ । ଭାରତରୁ ଉଦ୍ଭବ ଏହି ପଦ୍ଧତିକୁ ସାରା ବିଶ୍ୱ ଆପଣେଇବା ପରେ ଯଦି ଆମେ ଆମର ସ୍ୱାଭିମାନ ପ୍ରତି ସଚେତନ ନହେଉ ତେବେ ସେଥିପାଇଁ ଭବିଷ୍ୟତ ହୁଏତ ଆମକୁ ପଛରେ ଛାଡିଦେଇ ପାରେ । ବିଶ୍ୱ କଲ୍ୟାଣ, ବୁଦ୍ଧିମତ୍ତା ଓ ବିଶ୍ୱ ଶାନ୍ତି ମନ୍ତ୍ରର ବାର୍ତ୍ତା ବହନ କରୁଥିବା ଚଳିତ ୨୦୨୬ ଯୋଗ ଦିବସର ସଫଳତା ଆମ ସମସ୍ତଙ୍କର କାମ । (ପିଆଇବି)



## ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ ‘୪୭ ହଜାର କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେବୁ’

ଭୁବନେଶ୍ୱର,୧୯।୬: ଶନିବାର ଓଡିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ମୟୂରଭଞ୍ଜରେ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଦୁଇ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ମେଗା କାର୍ଯ୍ୟକ୍ରମ ସହ ରାଜ୍ୟ ପାଇଁ ଏକାଧିକ ପ୍ରକଳ୍ପର ଭେଟି କାର୍ଯ୍ୟକ୍ରମ ରହିଛି । ମୟୂରଭଞ୍ଜ ଜିଲ୍ଲା ପାହାଡପୁର ଗସ୍ତ କରିବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ । ଶନିବାର ପୂର୍ବାହ୍ନ ୧୧ଟାରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ। ୪୭,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ହେବ ଉଦ୍‌ଘାଟନ ଏବଂ ଭିତ୍ତି ପ୍ରସ୍ତର ସ୍ଥାପନ । ରାଇରଙ୍ଗପୁର ପ୍ରତିକୂଳ ଖରାପ ପାଣିପାଗ ପାଇଁ ରାଷ୍ଟ୍ରପତି ପହଞ୍ଚିବାରେ ବିଳମ୍ୱ ହୋଇଥିଲା। ଆଜି ପ୍ରଧାନମନ୍ତ୍ରୀ ମୋଦି ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଆସନ୍ତାକାଲି ମୟୂରଭଞ୍ଜ ଯିବି । ଏହି ଗସ୍ତ ଉଲ୍ଲେଖନୀୟ ହେବ । ରାଷ୍ଟ୍ରପତି ଓ ମୁଁ ପାହାଡପୁର ଯିବୁ। ୪୭ ହଜାର କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେବୁ।

### ୭୩୨ କୋଟିରୁ ଅଧିକ ଟଙ୍କାର

# ୨ ଗୁରୁତ୍ୱପୂର୍ଣ୍ଣ ମଲ୍ଟି-ଟ୍ରାକିଂ ରେଳ ପ୍ରକଳ୍ପ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି

ଭୁବନେଶ୍ୱର,୧୯।୬(ନିପ୍ର): ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ରାଇରଙ୍ଗପୁର ଠାରେ ୭୩୨ କୋଟିରୁ ଅଧିକ ଟଙ୍କାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମଲ୍ଟି-ଟ୍ରାକିଂ ରେଳ ପ୍ରକଳ୍ପକୁ ଦେଶବାସୀଙ୍କୁ ସମର୍ପଣ କରିବେ। ୧୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପ ୩୨୩ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି, ଯାହା ବୃହତ୍ ଭଦ୍ରକ – ନିର୍ଗୁଣ୍ଡି ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଭାବରେ ବିକଶିତ କରାଯାଇଛି। ଏହି ପ୍ରକଳ୍ପଟି ଅତ୍ୟଧିକ ବ୍ୟସ୍ତବହୁଳ ହାୱଡ଼ା-ଚେନ୍ନାଇ ମୁଖ୍ୟ ଲାଇନରେ କ୍ଷମତା ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ, ସମୟାନୁବର୍ତ୍ତିତାରେ ସୁଧାର ଆଣିବ ଏବଂ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନଗୁଡ଼ିକର ଦ୍ରୁତ ଚଳାଚଳ ନିଶ୍ଚିତ କରିବ। ଏହି ପ୍ରକଳ୍ପ କୋଇଲା ଏବଂ ଅନ୍ୟାନ୍ୟ ଭାରୀ ସାମଗ୍ରୀର ନିରବଚ୍ଛିନ୍ନ ପରିବହନରେ ମଧ୍ୟ ସହାୟକ ହେବ, ଯାହା ନିକଟସ୍ଥ ବନ୍ଦର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ସୁଦୃଢ଼ ଲଜିଷ୍ଟିକ୍ ସହାୟତା ପ୍ରଦାନ କରିବ, ଯାହାଦ୍ୱାରା ଏହି ଅଞ୍ଚଳର ଅର୍ଥନୈତିକ ବିକାଶରେ ସହଯୋଗ ମିଳିବ। ସେହିପରି, ୪୦୯ କୋଟି ଟଙ୍କା ବ୍ୟୟରେ ୨୭ କିଲୋମିଟର ଦୈର୍ଘ୍ୟରେ ସମ୍ପୂର୍ଣ୍ଣ ହୋଇଥିବା ହିନ୍ଦୋଳ ରୋଡ଼ – ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ, ଗୁରୁତ୍ୱପୂର୍ଣ୍ଣ ବୁଢ଼ାପଙ୍କ – ଶାଳଗାଁ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଅଟେ। ଏହି ପ୍ରକଳ୍ପ ଟ୍ରେନ୍ ପରିଚାଳନ କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ପରିଚାଳନାଗତ ପ୍ରତିବନ୍ଧକ ଗୁଡ଼ିକୁ ଦୂର କରିବ ଏବଂ କୋଇଲା, ଇସ୍ପାତ, ବିଦ୍ୟୁତ କ୍ଷେତ୍ର ପାଇଁ ଆବଶ୍ୟକ ସାମଗ୍ରୀ ଓ ଅନ୍ୟାନ୍ୟ ଶିଳ୍ପ ଜାତ ସାମଗ୍ରୀର ସୁଗମ ପରିବହନକୁ ସହାୟତା କରିବ। ପୂର୍ବତଟ ରେଳପଥ ଅଧୀନରେ ବିକଶିତ ଏହି ଦୁଇଟି ପ୍ରକଳ୍ପ ରେଳ ଲାଇନର କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ ଏବଂ ଯାତ୍ରୀବାହୀ ତଥା ମାଲବାହୀ ଟ୍ରେନର ସୁଗମ ଚଳାଚଳକୁ ସହଜ କରିବ।

### ଟ୍ରକ ଚକାତଳେ ଗଲା ବୃଦ୍ଧଙ୍କ ଜୀବନ ଘଟଣା

## ଅଭିଯୁକ୍ତ ଡ୍ରାଇଭରକୁ କୋର୍ଟ ଚାଲାଣ

ଜଟଣୀ,୧୯।୬(ନିପ୍ର): ଗୁରୁବାର ସନ୍ଧ୍ୟାରେ ଓଭରବ୍ରିଜ ଉପରେ ଏକ ଟ୍ରକ ଚାପାରେ ମୃତ୍ୟୁ ବରଣ କରିଥିବା ବୃଦ୍ଧଙ୍କ ଘଟଣାରେ ଲିଖିତ ରିପୋର୍ଟ ଆଧାରରେ ଜଟଣୀ ଥାନାରେ ୩୪୪/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଉକ୍ତ ଘଟଣାରେ ଥାନାରେ ଅଟକ ଥିବା ଅଭିଯୁକ୍ତ ଡ୍ରାଇଭର ସୁକାନ୍ତ ପାଇକରାୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି । ସୂଚନାଯୋଗ୍ୟ ଯେ ଗତକାଲି ସନ୍ଧ୍ୟା ପ୍ରାୟ ୭ଟା ସମୟରେ ମୃତ ପୂର୍ଣ୍ଣଚନ୍ଦ୍ର ରାଉତରାୟ ତାଙ୍କ ସ୍କୁଟର ଯୋଗେ ସିକ୍ୟୁରିଟି ଗାର୍ଡ ଭାବେ ଡ୍ୟୁଟି କରିବା ପାଇଁ ଜଟଣୀ ସ୍ଥିତ ରାଜାରାଣୀ ଆପାର୍ଟମେଣ୍ଟକୁ ଯାଉଥିଲେ। ସେ ଓଭରବ୍ରିଜ୍ ଅତିକ୍ରମ କରୁଥିବା ସମୟରେ ଡ୍ରାଇଭର ଟାଟା ଆଇଚର ଗାଡ଼ିକୁ ବେପରୁଆ ଓ ଅବହେଳା ପୂର୍ବକ ଚାଳନା କରି ସ୍କୁଟରକୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ପୂର୍ଣ୍ଣଚନ୍ଦ୍ର ରାଉତରାୟ ରାସ୍ତା ଉପରେ ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଏବଂ ପିସିଆର କର୍ମଚାରୀଙ୍କ ସହାୟତାରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଏନେଇ ମୃତ ପୂର୍ଣ୍ଣଚନ୍ଦ୍ର ରାଉତରାୟଙ୍କ ଝିଅ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଲିଖିତ ରିପୋର୍ଟ୍ କରିଥିଲେ। ତଦନ୍ତ ସମୟରେ ଦୁର୍ଘଟଣା ଘଟାଇଥିବା ଟାଟା ଆଇଚର ଗାଡ଼ି ଏବଂ କ୍ଷତିଗ୍ରସ୍ତ ସ୍କୁଟରକୁ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ବିଭିନ୍ନ ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ ନିଷ୍ପତ୍ତି

ଭୁବନେଶ୍ୱର,୧୯।୬: ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ଭ୍ରମଣ ସୁବିଧା ଯୋଗାଇଦେବା ଏବଂ ଆଗାମୀ ସପ୍ତାହରେ ବଢୁଥିବା ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ କେତେକ ଏକ୍ସପ୍ରେସ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। ଟ୍ରେନ୍ ନମ୍ବର ୧୨୮୩୭ ହାୱଡା-ପୁରୀ ଏକ୍ସପ୍ରେସରେ ୨୦ ଜୁନରୁ ୨୬ ଜୁନ୍ ପର୍ଯ୍ୟନ୍ତ ଗୋଟିଏ ସ୍ଲିପର କ୍ଲାସ କୋଚ୍ ସଂଯୋଗ କରାଯିବ। ସେହିଭଳି, ଟ୍ରେନ୍ ନମ୍ବର ୧୮୦୩୯ ଶାଳିମାର-ପୁରୀ ଏକ୍ସପ୍ରେସରେ ୨୧ ଜୁନ୍ ଦିନ ଗୋଟିଏ ସ୍ଲିପର କ୍ଲାସ କୋଚ୍ ସଂଯୋଗ କରାଯିବ। ଟ୍ରେନ୍ ନମ୍ବର ୧୮୦୪୫ ଶାଳିମାର-ଚର୍ଲାପଲ୍ଲୀ ଇଷ୍ଟ କୋଷ୍ଟ ଏକ୍ସପ୍ରେସରେ ୨୦ ଜୁନରୁ ୨୬ ଜୁନ୍ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ୩-ଟାୟାର ସଂଯୋଗ କରାଯିବ। ଟ୍ରେନ୍ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ୟେଲହଙ୍କା ଏସି ଏକ୍ସପ୍ରେସରେ ୨୫ ଜୁନ୍ ଦିନ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ କୋଚ୍ ବୃଦ୍ଧି କରାଯିବ। ଟ୍ରେନ୍ ନମ୍ବର ୧୮୧୦୭ ରାଉରକେଲା-ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସରେ ୨୦ ଜୁନ୍ ଦିନ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ କୋଚ୍ ସଂଯୋଗ କରାଯିବ। ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଫଳରେ ଏହି ରୁଟ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଅଧିକ ବର୍ଥ ଉପଲବ୍ଧ ହେବ ଏବଂ ଏହି ସମୟ ମଧ୍ୟରେ ବଢୁଥିବା ଯାତ୍ରା ଚାହିଦାକୁ ପୂରଣ କରିବାରେ ସହାୟକ ହେବ।

## ଭାରତୀୟ ଦିନିକିଆ ଦଳରେ ହର୍ଷିତ ସାମିଲ




ଚେନ୍ନାଇ,୧୯।୬: ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ଶେଷ ମୁକାବିଲା ଶନିବାର ଚେନ୍ନାଇରେ ଖେଳାଯିବ। ଏହି ମ୍ୟାଚ୍ ଲାଗି ଭାରତୀୟ ଦଳରେ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ସାମିଲ କରାଯାଇଛି। ୨୦୨୬ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷ ୱାର୍ମଅପ୍ ମ୍ୟାଚ୍‌ରେ ହର୍ଷିତଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ସେହିଦିନଠୁ ସେ ପେସାଗତ କ୍ରିକେଟ୍‌ଠୁ ଦୂରେଇ ରହିଥିଲେ। ଏପରିକି ଆଇପିଏଲ୍ ଦଳ କୋଲ୍‌କାତା ନାଇଟ୍ ରାଇଡର୍ସରେ ଥିଲେ ମଧ୍ୟ ପୂରା ଋତୁ ଖେଳିବା ହାତଛଡ଼ା କରିଥିଲେ। ସଂପ୍ରତି ବେଙ୍ଗାଲୁରୁସ୍ଥିତ ବିସିସିଆଇ ପାରଦର୍ଶିତା କେନ୍ଦ୍ର (ସିଓଇ)ରେ ତାଙ୍କର ପୁନଃଥଇଥାନ କାର୍ଯ୍ୟକ୍ରମ ସରିବା ପରେ ଦଳରେ ସେ ସାମିଲ ହୋଇଛନ୍ତି। ପରିବର୍ତ୍ତିତ ଭାରତୀୟ ଦଳ: ଶୁଭମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ଶ୍ରେୟସ ଆୟର (ଉପଅଧିନାୟକ), କେଏଲ୍ ରାହୁଲ (ୱିକେଟ୍ କିପର), ଈଶାନ କିଶନ (ୱିକେଟ୍ କିପର), ନୀତୀଶ କୁମାର ରେଡ୍ଡୀ, ୱାସିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କୃଷ୍ଣା, ପ୍ରିନ୍ସ ଯାଦବ, ଗୁରନୂର ବ୍ରାର, ହର୍ଷ ଦୁବେ, ଯଶସ୍ୱୀ ଜୟସ୍ୱାଲ, ହର୍ଷିତ ରାଣା।

## ଲାଭଜନକ ବିନିଯୋଗ ଲୋଭ ଦେଖାଇ ଠକେଇ: ମହିଳା ଗିରଫ



କଟକ,୧୯।୬(ନିପ୍ର): ଅର୍ଥ ବିନିଯୋଗ କରି ଲାଭ ପାଇବାର ଲୋଭ ଦେଖାଇ ଠକିନେଇଥିବା ଜଣେ ମହିଳାଙ୍କୁ ଚୌଦ୍ୱାର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଇଛାପୁରର ମୂଳ ବାସିନ୍ଦା ତଥା ଚୌଦ୍ୱାର ବାଟବୁଢ଼ୀ କଲୋନୀରେ ରହୁଥିବା ବିଷ୍ଣୁପ୍ରିୟା ସାମନ୍ତରାୟ (୩୭) । ମିଳିଥିବା ସୂଚନା ଅନୁଯାୟୀ ଅସିତ କୁମାର ମହାପାତ୍ର ନାମକ ଏଲଆଇସି ହାଉସିଂ ଫାଇନାନ୍ସ ଏଜେଣ୍ଟ ଆଗ୍ରାହାଟ ଶ୍ରୀବିହାର ଜାଜଭୈରବରେ ବାସ କରନ୍ତି । ସେ ପ୍ରମୋଦ କୁମାର ଜେନା ନାମକ ଜଣେ ବ୍ୟକ୍ତିଙ୍କ ମାଧ୍ୟମରେ ବିଷ୍ଣୁପ୍ରିୟାଙ୍କ ସଂସ୍ପର୍ଶରେ ଆସିଥିଲେ । ବିଷ୍ଣୁପ୍ରିୟା ତାଙ୍କୁ ବିନିଯୋଗ କରି ଲାଭ ଉଠାଇବାକୁ ପ୍ରବାର୍ତ୍ତାଇଥିଲେ । ତାଙ୍କ କଥାନୁଯାୟୀ ସେ ପ୍ରଥମେ ଅଳ୍ପ ବିନିଯୋଗ କରିଥିଲେ ଓ ଲାଭ ପାଇଥିଲେ । ଏହାପରେ ପୁନର୍ବାର ତାଙ୍କ ପ୍ରରୋଚନାରେ ବିଭିନ୍ନ ଦଫାରେ ଅଧିକ ବିନିଯୋଗ କରିଥିଲେ । ମାତ୍ର ଏହାପରେ ବିଷ୍ଣୁପ୍ରିୟା ଆଉ ଟଙ୍କା ଦେଇନଥିଲେ। ଏହାପରେ ଅସିତ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଛଟେଇ ପ୍ରତିବାଦରେ ୨୨ରେ ଓଡ଼ିଶା ସ୍ୱାସ୍ଥ୍ୟମିତ୍ର ସଂଘର ଆନ୍ଦୋଳନ ଡାକରା

ଭୁବନେଶ୍ୱର,୧୯।୬: ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ୯୯୩ ସ୍ୱାସ୍ଥ୍ୟମିତ୍ରଙ୍କ ଅନ୍ୟାୟ ଛଟେଇ ପ୍ରତିବାଦରେ ଓଡ଼ିଶା ସ୍ୱାସ୍ଥ୍ୟ ମିତ୍ର ସଂଘ ପକ୍ଷରୁ ଆସନ୍ତା ୨୨ ତାରିଖରେ ଆନ୍ଦୋଳନ ଡାକରା ଦିଆଯାଇଛି । ଶୁକ୍ରବାର ଭୁବନେଶ୍ୱର ରେଡକ୍ରସ୍ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘ ସଭାପତି - ରୀତାଞ୍ଜଳି ବେହେରା, ସମ୍ପାଦକ - ମାନସ କୁମାର ଲେଙ୍କା, ବରିଷ୍ଠ ଉପଦେଷ୍ଟା - ସୁଦର୍ଶନ ଛୋଟରାୟ, ରାଜ୍ୟ ଆଉଟସୋର୍ସିଂ ଫେଡେରେସନ ସଭାପତି - ପ୍ରଭାତ ମହାନ୍ତି ପ୍ରମୁଖ ଏହି ସୂଚନା ଦେଇଛନ୍ତି।। ଗତ ୮ ବର୍ଷ ଧରି ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିବା ୯୯୩ ଜଣ ସ୍ୱାସ୍ଥ୍ୟମିତ୍ରଙ୍କୁ ଅଚାନକ ଛଟେଇ କରିବା ନିଷ୍ପତ୍ତିକୁ ‘ଅଲ୍ ଓଡ଼ିଶା ସ୍ୱାସ୍ଥ୍ୟମିତ୍ର ସଂଘ’ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ସଂଘ ଦାବି କରିଛି ଯେ ସ୍ୱାସ୍ଥ୍ୟମିତ୍ରଙ୍କ ପ୍ରତି ହୋଇଥିବା ଅନ୍ୟାୟ ଛଟେଇ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ସମସ୍ତ ସ୍ୱାସ୍ଥ୍ୟମିତ୍ରଙ୍କୁ ଚାକିରି ସୁରକ୍ଷା ପ୍ରଦାନ କରାଯାଉ। ଆଉଟ୍ ସୋର୍ସିଙ୍ଗ ପ୍ରଥାକୁ ଉଚ୍ଛେଦ କରି ସିଧା ସଳଖ ଡିପାର୍ଟମେଣ୍ଟ ଅଧୀନକୁ ନିଆଯାଉ ।

## ଓଡ଼ିଶାରେ ସ୍ନାତକ ପାଠ୍ୟକ୍ରମରେ ୧୦,୩୭୨ ନୂଆ ସିଟକୁ ଅନୁମୋଦନ

ଭୁବନେଶ୍ୱର,୧୯।୬(ନିପ୍ର): ଓଡ଼ିଶା ସରକାର ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ସୁଯୋଗ ବୃଦ୍ଧି ଲକ୍ଷ୍ୟରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ସ୍ନାତକ (ୟୁଜି) ପାଠ୍ୟକ୍ରମରେ ସିଟ ସଂଖ୍ୟା ବୃଦ୍ଧିକୁ ଅନୁମୋଦନ କରିଛନ୍ତି। ଏହି ନିଷ୍ପତ୍ତି ଫଳରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ମୋଟ ୧୦,୩୭୨ଟି ଅତିରିକ୍ତ ସିଟ ସୃଷ୍ଟି ହେବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ଅଧିସୂଚନା ଅନୁଯାୟୀ, ପୂର୍ବବର୍ତ୍ତୀ କିଛି ଶିକ୍ଷାବର୍ଷର ନାମଲେଖା ତଥ୍ୟର ସମୀକ୍ଷା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଭାଗ ଦେଖିବାକୁ ପାଇଥିଲା ଯେ, କେତେକ ସ୍ନାତକ ବିଷୟରେ ଛାତ୍ରଛାତ୍ରୀଙ୍କ ଚାହିଦା କ୍ରମାଗତ ଭାବେ ବୃଦ୍ଧି ପାଉଥିବାବେଳେ ସେହି ବିଷୟଗୁଡ଼ିକରେ ଅନୁମୋଦିତ ଆସନ ସଂଖ୍ୟା ତୁଳନାମୂଳକ ଭାବେ କମ୍ ରହିଥିଲା। ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ଓ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଏବଂ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକର ଚୟନିତ ସ୍ନାତକ ବିଷୟରେ ଆସନ ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଷ୍ଟେଟ ପବ୍ଲିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜଗୁଡ଼ିକରେ ୧୨୧୬, ସରକାରୀ କଲେଜରେ ୪୬୮୪, ୪୮ ବର୍ଗ ଏଡେଡ୍ କଲେଜରେ ୩୪୧୬ ଓ ୬୬୨ ଏଡେଡ୍ କଲେଜରେ ୧୦୫୬ ସିଟ ବଢିଛି। ଜୁଲାଇ ୯ରୁ ଯୁକ୍ତ ତିନି ପ୍ରଥମ ବର୍ଷ କ୍ଲାସ ଆରମ୍ଭ ହେବ। ମେ ୨୭ ନାମଲେଖା ଆରମ୍ଭ ହୋଇ ଜୁନ ୧୦ ଯାଏଁ ଜାରି ରହିଛି। ବିଭାଗ ସୂଚନା ଦେଇଛି ଯେ, ସଂଶୋଧିତ ଆସନ ମ୍ୟାଟ୍ରିକ୍ସକୁ ଚଳିତ ଭର୍ତ୍ତି ପ୍ରକ୍ରିୟା ପାଇଁ ସାମ୍ସ ପୋର୍ଟାଲରେ ପୂର୍ବରୁ ସାମିଲ କରାଯାଇଛି, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ବୃଦ୍ଧିପ୍ରାପ୍ତ ଆସନର ସୁବିଧା ପାଇପାରିବେ।


IISER TIRUPATI

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ ତିରୁପତି

(ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧୀନରେ ଜାତୀୟ ଗୁରୁତ୍ୱସଂପନ୍ନ ଏକ ସ୍ୱୟଂଶାସିତ ପ୍ରତିଷ୍ଠାନ)

**ଚୁକ୍ତି ଆଧାରରେ କାଉନସେଲର ଓ ଜୁନିଅର କାଉନସେଲରଙ୍କ ପାଇଁ ନିଯୁକ୍ତି**

ଆଇଆଇଏସଇଆର ତିରୁପତି ଭାରତୀୟ ନାଗରିକଙ୍କଠାରୁ **‘କାଉନସେଲର-୦୧ ନମ୍ବର’** ଓ **‘ଜୁନିଅର କାଉନସେଲର-୦୧ ନମ୍ବର’** ପଦବୀ ପାଇଁ ଏକ ଚୁକ୍ତିନାମା ଆଧାରରେ ଉତ୍କର୍ଷ ଶିକ୍ଷାଗତ ରେକର୍ଡ ଓ ଆନୁସଙ୍ଗିକ କାର୍ଯ୍ୟ ଅଭିଜ୍ଞତା ଥିବା ଭାରତୀୟ ନାଗରିକଙ୍କଠାରୁ ଅନ୍‌ଲାଇନ ଆବେଦନ ପାଇଁ ଆହ୍ୱାନ କରାଯାଉଛି ।

ବିଜ୍ଞାପନର ସବିଶେଷ ବିବରଣୀ ପାଇଁ, ଦୟାପୂର୍ବକ ପରିଦର୍ଶନ କରନ୍ତୁ www.iisertirupati.ac.in ଏବଂ “careers-Administration” ରେ ଲିଙ୍କ୍ ପାଇଁ କ୍ଲିକ୍ କରନ୍ତୁ ।

ଅନଲାଇନ୍ ଦରଖାସ୍ତଗୁଡ଼ିକର ଦାଖଲ ନିମନ୍ତେ ଶେଷ ତାରିଖ **୧୭.୦୦ ଘଣ୍ଟା. ଜୁନ୍ ୨୯, ୨୦୨୬**

Advt.No.40/2026/IISER-T/Rect./06.06.2026 — ଏସଡି/- ରେଜିଷ୍ଟ୍ରାର (ଆଇ/ସି)

cbc21377/11/0005/2627


## ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ବସ୍ ସେବା

କଟକ,୧୯।୬(ନିପ୍ର): ଚଳିତ ବର୍ଷ ନିଟ୍ (ୟୁଜି)ର ପୁନଃ ପରୀକ୍ଷା ୨୧ ଜୁନ ରବିବାର ସାରା ଦେଶରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାର ପରୀକ୍ଷାର୍ଥୀମାନଙ୍କର ସୁଗମ ଯାତାୟାତ ଓ ପରୀକ୍ଷା କେନ୍ଦ୍ରରେ ସଠିକ ସମୟରେ ପହଞ୍ଚିବା ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରୁ ମାଗଣା ବସ୍ ସେବା ବ୍ୟବସ୍ଥା କରାଯାଇଛି। ପରୀକ୍ଷାର୍ଥୀ ମାନଙ୍କ ସୁବିଧା ପାଇଁ କଟକ ନେତାଜୀ ବସ ଟର୍ମିନାଲ ଓ ରେଳ ଷ୍ଟେସନ ସମେତ ଜିଲ୍ଲାର ବିଭିନ୍ନ ବ୍ଲକ ଓ କଟକ ମହାନଗର ନିଗମ ଅଞ୍ଚଳରେ ଏହି ବସ ସେବା ଉପଲବ୍ଧ ହେବ। ବସ୍‌ଗୁଡ଼ିକରେ ‘ନିଟ୍ ସ୍ପେଶିଆଲ ଫ୍ରି ବସ୍’ ବ୍ୟାନର ଲଗାଯିବ, ଯାହାଦ୍ୱାରା ପରୀକ୍ଷାର୍ଥୀମାନେ ଏହି ବସ ସମ୍ବନ୍ଧରେ ଜାଣିପାରିବେ । କଟକ ନେତାଜୀ ବସ ଟର୍ମିନାଲ ଓ ରେଳ ଷ୍ଟେସନଠାରେ ସ୍ୱତନ୍ତ୍ର ହେଲ୍ପ ଡେସ୍କ ଖୋଲାଯିବ । ପରୀକ୍ଷାର୍ଥୀମାନେ ନିଜର ଆଡମିଟ କାର୍ଡ ଦେଖାଇ ଏହି ମାଗଣା ସେବାର ଲାଭ ନେଇପାରିବେ । ଜିଲ୍ଲାର ସମସ୍ତ ପରୀକ୍ଷାର୍ଥୀଙ୍କୁ ଏହି ମାଗଣା ବସ୍ ସେବାର ସୁଯୋଗ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଉଛି। କଟକର ଜେକେବିକେ ସରକାରୀ ମହାବିଦ୍ୟାଳୟ, ରେଭେନ୍ସା କାଲିଜିଏଟ ସ୍କୁଲ, ରେଭେନ୍ସା ବିଶ୍ୱବିଦ୍ୟାଳୟ (କମର୍ସ ବ୍ଲକ), ରେଭେନ୍ସା ବିଶ୍ୱବିଦ୍ୟାଳୟ (ଏକାଡେମିକ ବ୍ଲକ), ପି.ଏମ.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧, ନେତାଜୀ ମେମୋରିଆଲ ସିଟି କଲେଜ, କଟକ, ଲକ୍ଷ୍ମୀ ନାରାୟଣ ସାହୁ ମହାବିଦ୍ୟାଳୟ, ଜଗତପୁର, ଖ୍ରୀଷ୍ଟ ମହାବିଦ୍ୟାଳୟ, ଭୁବନାନନ୍ଦ ଓଡିଶା ଯାନ୍ତ୍ରିକ ବିଦ୍ୟାଳୟ, ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ଓ ଶୈଳବାଳା ମହିଳା ସ୍ୱୟଂସାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି ।

## ପୁରୀ ଅର୍ବାନ ହାଟରେ ପ୍ରଦର୍ଶନୀ ଉଦ୍‌ଘାଟିତ



ପୁରୀ,୧୯।୬(ନିପ୍ର): ରାଜ୍ୟ ସରକାରଙ୍କ ନିଜର ଶାସନ ଅବଧି ପୂରଣର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ, ବିକାଶର ଧାରା ଓଡ଼ିଶା ସାରା ଅଭିଯାନ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା, ପ୍ରଗତି ଓ ସଫଳତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିବା ପାଇଁ ପୁରୀ ନୀଳାଞ୍ଚଳ ଅର୍ବାନ୍ ହାଟରେ ଏକ ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏହି ବିକାଶର ଧାରା ଓଡ଼ିଶା ସାରା ଅଭିଯାନ ଉପଲକ୍ଷେ ମୁଖ୍ୟ ଅତିଥି ଭାବରେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ମାନ୍ୟବର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀର ଶୁଭ ଉଦ୍ଘାଟନ କରାଯାଇଛି। ବିଧାୟକ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଆଶ୍ରିତ ପଟ୍ଟନାୟକ, ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ପୁରୀ ପୌରପାଳିକା କମିଶନର ଅରୁଗୁଲା ସ୍ନେହା ମଧ୍ୟ ଉଦ୍ଘାଟନ ସମାରୋହରେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପୁରୀ ତରଫରୁ ଏହି ପ୍ରଦର୍ଶନୀରେ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧିୟ ସୂଚନା ପ୍ରଦର୍ଶିତ କରାଯାଇଛି । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ତଥା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନା, ଡେଙ୍ଗୁ ଓ ଡାଇରିଆ ନିରାକରଣ,ଟିବି ମୁକ୍ତ ଭାରତ ଅଭିଯାନ ଏବଂ ବିଶେଷକରି ନିରୀକ୍ଷଣ-ପୁରୀ ଯାହାକି ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ତଥା ବିପଦ ସଂକୁଳ ଗର୍ଭଧାରଣା ଅବସ୍ଥା ଏବଂ ପରିଚାଳନା ନିମିତ୍ତ ଅନେକ ଉପାଦିୟ ସୂଚନା ଏଥିରେ ପ୍ରଦର୍ଶିତ କରାଯାଇଛି । ଟେଲିଭିଜନ ମାଧ୍ୟମରେ ମଧ୍ୟ ଅନେକ ସଚେତନତା ଭିଡ଼ିଓ ମଧ୍ୟ ପ୍ରଦର୍ଶନ କରାଯାଉଛି। ଏହି ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀଟି ତିନି ଦିନ ବ୍ୟାପି ଅନୁଷ୍ଠିତ ହେବ।

### ॥ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬୪୬୩ ॥

# ଅନ୍ତୋଦୟ ଗୃହ ଯୋଜନାରେ ୩୪୯୮ ଜଣ ଉପକୃତ

ପୁରୀ,୧୯।୬(ନିପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ଆନୁକୁଲ୍ୟରେ ଶୁକ୍ରବାର ପୁରୀ ସର୍କିଟ ହାଉସ ସମ୍ମିଳନୀ ଗୃହରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶର ଧାରା ଓଡ଼ିଶା ସାରା ଅଭିଯାନର ଅଂଶ ବିଶେଷ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ ବିସ୍ତୃତ ସୂଚନା ଦେଇ ଆମ ସରକାର ଲୋକଙ୍କ ସରକାର ଓ ସେମାନଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇ ଗତ ଦୁଇ ବର୍ଷ ମଧ୍ୟରେ ୧୪୬୫୧ ଅଭିଯୋଗ ଗ୍ରହଣ ହୋଇଥିବା ବେଳେ ଶତକଡା ୯୫ ହାରରେ ୧୩୮୯୭ଟିର ସମାଧାନ ହୋଇଛି ବୋଲି କହିଥିଲେ। ଅଭିଯୋଗ ଶୁଣାଣିରେ ମଧ୍ୟ ୮୬ ଜଣ ହିତାଧିକାରୀଙ୍କୁ ୭୩ ଲକ୍ଷ ୮୦ ହଜାର ଟଙ୍କାର ସହାୟତା ଦିଆଯାଇଛି। ପୁରୀ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଯୋଜନାରେ ଜାତୀୟ ଓ ରାଜ୍ୟର ମୋଟ ୧୨୮୭୭୬୭ ଜଣ ହିତାଧିକାରୀଙ୍କୁ ମଇ ଓ ଜୁନ ମାସ ଠାରୁ ମୁଣ୍ଡ ପିଛା ୫ କେଜି ପରିବର୍ତ୍ତେ ୧୦ କେଜି ଲେଖାଏଁ ଚାଉଳ ଦିଆଯାଉଛି। ପୁରୀ ଜିଲ୍ଲାରେ ୨୦୨୪-୨୫ ଖରିଫ ଋତୁରେ ୪୭୧୦୩ ଜଣ ଚାଷୀଙ୍କ ଠାରୁ ୨୦୫୩୮୮୪.୨୪ କ୍ୟୁଣ୍ଟାଲ ଓ ରବି ଋତୁରେ ୨୫୩୨୧ ଜଣଙ୍କ ଠାରୁ ୬୦୦୪୬୮.୮୨ କ୍ୟୁଣ୍ଟାଲ ଧାନ ସଂଗ୍ରହ ହୋଇଛି। ସେହିପରି ଚଳିତ ବର୍ଷ ଖରିଫ ଋତୁରେ ୫୮୦୦୫ ଜଣଙ୍କ ଠାରୁ ୨୦୩୬୪୫୯.୫୬ କ୍ୟୁଣ୍ଟାଲ ଧାନ ସଂଗ୍ରହ ହୋଇଛି। ସୁଭଦ୍ରା ଯୋଜନାରେ ଜିଲ୍ଲାର ୪୨୦୦୦୩ ଜଣ ହିତାଧିକାରୀଙ୍କୁ ୮୫୩ କୋଟି ୫୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାର ୧୭୬୧୩ ଜଣ ଲକ୍ଷ ପତି ଦିଦି ସୃଷ୍ଟି ହୋଇପାରିଛନ୍ତି। ଜିଲ୍ଲାରେ ୭୧୭୬୬୨ ଜଣଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ ପ୍ରଦାନ କରାଯାଇଥିବା ବେଳେ ପ୍ରାୟ ୫୮ ହଜାର ବ୍ୟକ୍ତି ଉପକୃତ ହୋଇଛନ୍ତି। ଚିକିତ୍ସା ସୁବିଧା ବାବଦରେ ଖର୍ଚ୍ଚ ହୋଇଛି ୩୦୩,୬୩,୯୦,୬୯୨ ଟଙ୍କା। ବୟୋ ବନ୍ଦନା ଯୋଜନାରେ ୩୮୬୭୦ କାର୍ଡ ବଣ୍ଟନ କରାଯାଇଛି। ଜନଜାତି ବିକାଶ କ୍ଷେତ୍ରରେ ମାଟ୍ରିକ ପୂର୍ବ ଓ ପରବର୍ତ୍ତୀ ଛାତ୍ର ବୃତ୍ତି ପାଇଁ ୧୧୪୧୨୦ ବିଦ୍ୟାର୍ଥୀଙ୍କୁ ପ୍ରାୟ ୮୦ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ୩୧ଟି ଗ୍ରାମକୁ ୪୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ମଧୁବାବୁ ପେନସନ ଯୋଜନାରେ ୨୦୨୪-୨୫ ରେ ୫୪୩୬ ଜଣ ଓ ୨୫-୨୬ ରେ ୫୮୫୯ ଜଣ ହିତାଧିକାରୀ ଉପକୃତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬୪୬୩ ଜଣ ଓ ଅନ୍ତୋଦୟ ଗୃହ ଯୋଜନାରେ ୩୪୯୮ ଜଣ ଉପକୃତ ହୋଇଛନ୍ତି। ପୁରୀ ଆଇଟିଆଇକୁ ୧୦୦ କୋଟି ଟଙ୍କା ବ୍ୟୟରେ ଉତ୍କର୍ଷ ଆଇଟିଆଇ କରାଯିବ। ଡେଲାଙ୍ଗ ଓ ନିମାପଡାରେ ୨ ଗୋଟି ଏମ ଏସ ଏମ ଇ ପାର୍କ କରାଯିବ। ଓଡିଶାରେ ୨ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଓ ଡିଫେନ୍ସରେ ସହାୟକ ଉପକରଣ ପାଇଁ ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ